


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 338 | ଭାଗ ୩୨ | ସଂଖ୍ୟା ୩୩୮ | Bhubaneswar | Monday 3 March 2025 | Page 8 Rs. 4.00 | ● ଭୁବନେଶ୍ୱର ସୋମବାର ୩ ମାର୍ଚ୍ଚ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ଅଭିଯୋଗ ସମାଧାନକୁ ଗୁରୁତ୍ୱ ଦେଉନେଇ

## ୪୮ ଅଧିକାରୀଙ୍କ ଦରମା ବନ୍ଦ!

**କଟକ,୨।୩(ସଂଚାର ବ୍ୟୁରୋ):** ବିଜେପି ସରକାର କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବେଶ୍ ସକ୍ରିୟ ହୋଇଛି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ୟକ୍ତିଗତ ଭାବେ ସମସ୍ତ ଅଭିଯୋଗକାରୀଙ୍କୁ ଭେଟି ସେମାନଙ୍କ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ଉଦ୍ୟମ କରାଯାଇଛି। ଏପରିକି କେତେକ କ୍ଷେତ୍ରରେ ଅନ୍ ଦି ସ୍ପଟ୍ ସମାଧାନ ମଧ୍ୟ କରିବାର ଉଦାହରଣ ରହିଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିବା ଅଭିଯୋଗକାରୀଙ୍କ ସମସ୍ୟାର ତ୍ୱରିତ ସମାଧାନ ସକାଶେ ସେ ପ୍ରଶାସନିକ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ଅନୁସାରେ ଅଧିକାଂଶ ମାମଲାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉଥିବା ସାମ୍ନାକୁ ଆସିଛି। କିନ୍ତୁ କଟକ ଜିଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମାକୁ ବେଖାତିର୍ କରିଛନ୍ତି ୪୮ ଅଧିକାରୀ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିଲେ ମଧ୍ୟ ଉକ୍ତ ଅଭିଯୋଗକାରୀମାନେ ଅଦ୍ୟାବଧି ନ୍ୟାୟ ପାଇନାହାନ୍ତି। ସମ୍ପୃକ୍ତ ପ୍ରଶାସନିକ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିଣ୍ଡେ। ଏହି ୪୮ ଜଣ ସରକାରୀ ଅଧିକାରୀଙ୍କ ଫେବୃଆରୀ ମାସର ଦରମା ଉପରେ ରୋକ୍ ଲଗାଯାଇଛି। ଆଠଗଡ଼,



ପୃଷ୍ଠା-୭

## ପାଟଣାରେ ହେବ ମେଗା ଷ୍ଟିଲ୍ ପ୍ଲାଣ୍ଟ୍

**କେନ୍ଦୁଝର,୨।୩(ସଂଚାର ବ୍ୟୁରୋ):** ଆଜି କେନ୍ଦୁଝରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ପାଟଣାରେ ମେଗା ଷ୍ଟିଲ୍ ପ୍ଲାଣ୍ଟ୍ ପ୍ରତିଷ୍ଠା ହେବ। ଜେଏସଡବ୍ଲ୍ୟୁ ଓ ପୋସ୍କୋ ମିଳିତ ଭାବେ ଏହି ପ୍ଲାଣ୍ଟ ପ୍ରତିଷ୍ଠା କରିବା ସକାଶେ ସହମତ ହୋଇଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ସହ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଏହି ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ୩୦ରୁ ୪୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳ କରାଯାଉଥିବା



### କେନ୍ଦୁଝର ଗସ୍ତରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଘୋଷଣା

- ୩୦ରୁ ୪୦ ହଜାର କୋଟି ବ୍ୟୟ ଅଟକଳ
- କେନ୍ଦୁଝର ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ
- ରାଜ୍ୟ ଚାଷୀଙ୍କ ଆୟ ବୃଦ୍ଧି ସରକାରଙ୍କ ପ୍ରାଥମିକତା

ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଆଜି ସ୍ଥାନୀୟ ଧରଣୀଧର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାକୁ ଉଦ୍‌ଘାଟନ କରିଛନ୍ତି। ୫ ଦିନ ଧରି ଚାଲିବାକୁ ଥିବା ଏହି ମେଳା ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ଉପରେ ନିର୍ଭରଶୀଳ। ତେଣୁ ଆମ ସରକାର କ୍ଷମତାକୁ ଆସିବାର ମାତ୍ର ୨୪ ମିନିଟ ଭିତରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ କୃଷକ ସମୃଦ୍ଧି ଯୋଜନା କାର୍ଯ୍ୟକାରୀ କରିବା ସକାଶେ ନିଷ୍ପତ୍ତି ନେଇଛନ୍ତି। ଜଳବାୟୁ ପରିବର୍ତ୍ତନ, ଅସ୍ଥିର ବଜାର ମୂଲ୍ୟ ଏବଂ ଶ୍ରମିକ ଅଭାବ କୃଷି ଉତ୍ପାଦନ ପାଇଁ ବାଧକ ସୃଷ୍ଟି କରିଥାଏ। ଏହି ପରିପ୍ରେକ୍ଷୀରେ କୃଷି ଯନ୍ତ୍ରପାତି ମେଳାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। କୃଷି କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କୃଷି ଯନ୍ତ୍ରପାତିର ବ୍ୟବହାର ଦ୍ୱାରା କିପରି ବିଭିନ୍ନ ଆହ୍ୱାନର ମୁକାବିଲା କରାଯାଇପାରିବ, ତାକୁ ଦୃଷ୍ଟିରେ ରଖି ଏହି ମେଳା ଆୟୋଜିତ ହୋଇଛି। ଏହା କୃଷି ପଦ୍ଧତିର ଆଧୁନିକୀକରଣ ସହ ଚାଷୀମାନଙ୍କୁ ବିଶ୍ୱ ବଜାରରେ ପ୍ରତିଯୋଗୀ ଭାବେ ଗଢ଼ି ତୋଳିବାରେ ସକ୍ଷମ ହେବ ବୋଲି ଶ୍ରୀ ମାଝୀ ଆଶା କରିଛନ୍ତି।

ରାଜ୍ୟର ଚାଷୀଙ୍କ ବିକାଶ ପାଇଁ ସରକାର ୨୦୨୫-୨୬ ବଜେଟରେ କୃଷି ଓ କୃଷକଙ୍କ କଲ୍ୟାଣ ନିମନ୍ତେ ବହୁବିଧ ଯୋଜନା ପ୍ରସ୍ତୁତ କରିଛନ୍ତି। ସମୃଦ୍ଧ କୃଷକ ଯୋଜନା ଅନ୍ତର୍ଗତ ଚାଷୀଙ୍କଠାରୁ ଧାର୍ଯ୍ୟ ଏମ୍‌ଏସ୍‌ପି ତୁଳନାରେ ଅଧିକ ଇନ୍‌ପୁଟ୍ ସହାୟତା ଯୋଗାଇ ଦିଆଯାଉଛି। ଏହି ଯୋଜନାର ବଜେଟ ୫ ହଜାର କୋଟିରୁ ୬ ହଜାର କୋଟିକୁ ବୃଦ୍ଧି କରାଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ 'ପିଏମ କିଷାନ'କୁ ରାଜ୍ୟ ଯୋଜନା 'ସିଏମ କିଷାନ' ସହ ମିଶାଇ କୃଷକମାନଙ୍କ ଆୟ ବୃଦ୍ଧି ଲକ୍ଷ୍ୟ ସକାଶେ ବଜେଟରେ ୨୦୨୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ମାଣ୍ଡିଆ ଚାଷ ଦ୍ୱାରା ଖାଦ୍ୟ ସୁରକ୍ଷା ଓ ପୋଷଣର ଆବଶ୍ୟକତାକୁ ପୂରଣ କରିବା ପାଇଁ 'ଶ୍ରୀ ଅନ୍ନ ଅଭିଯାନ'କୁ ମୋଟ ୧୭୭ଟି ବ୍ଲକ୍‌କୁ ସମ୍ପ୍ରସାରିତ କରାଯିବା ସକାଶେ ବଜେଟରେ ସ୍ୱତନ୍ତ୍ର

ପୃଷ୍ଠା-୭

### ରାକ୍ଷୀ ପୂର୍ଣ୍ଣିମାରେ ୩ ସୁଭଦ୍ରା କିସ୍ତି

## ମାର୍ଚ୍ଚ ୩୧ ଆବେଦନର ଶେଷ ତାରିଖ

**ଭୁବନେଶ୍ୱର,୨।୩(ସଂଚାର ବ୍ୟୁରୋ):** ଆସନ୍ତା ମାର୍ଚ୍ଚ ୩୧ ତାରିଖ 'ସୁଭଦ୍ରା' ଆବେଦନର ଶେଷ ତାରିଖ। ୩୧ ତାରିଖ ଭିତରେ ଯେଉଁମାନେ ଆବେଦନ କରିଥିବେ ସେମାନଙ୍କୁ ଏକକାଳୀନ ଟଙ୍କା ମିଳିବ। ରାକ୍ଷୀ ପୂର୍ଣ୍ଣିମାରେ ଏକକାଳୀନ ୩ଟି କିସ୍ତିରେ ହିତାଧିକାରୀମାନେ ଟଙ୍କା ପାଇବେ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

ବର୍ତ୍ତମାନ ସୁଦ୍ଧା 'ସୁଭଦ୍ରା' ମ୍ୟାଜିକ୍ ନମ୍ବର କୋଟିଏରୁ



ଅଧିକ ଛୁଇଁଛି। ୮ ମାସରେ କୋଟିଏ ମହିଳାଙ୍କୁ 'ସୁଭଦ୍ରା' ମିଳିବା ଇତିହାସ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଆମର ସୌଭାଗ୍ୟ, ଆମେ କୋଟିଏ କହିଥିଲୁ ପୂର୍ବରୁ ୯୮ ଲକ୍ଷ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିଛି। ଆସନ୍ତା ୬ ତାରିଖରେ ଯାହା ବାକି ଅଛି, ଯାହା ସେ ଟଙ୍କା ଦେବୁ। ତେଣୁ ଜିଲ୍ଲାପାଳ, ସୁଭଦ୍ରା ଟିମ, ମହିଳା ଶିଶୁ ବିକାଶ, ସହିତ ଅଙ୍ଗନବାଡ଼ି କର୍ମୀ, ବ୍ୟାଙ୍କ ମିତ୍ର ଗଣମାଧ୍ୟମ ମିତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସୁଭଦ୍ରା ପ୍ରଥମ କିସ୍ତିର ୪ଟି ପର୍ଯ୍ୟାୟରେ ୯୮ ଲକ୍ଷ ହିତାଧିକାରୀ ସାମିଲ ପୃଷ୍ଠା-୭

## ତାତି ସାଙ୍ଗକୁ ଅସହ୍ୟ ହେଲାଣି ବିଦ୍ୟୁତ୍ କାଟ



**ଭୁବନେଶ୍ୱର,୨।୩(ସଂଚାର ବ୍ୟୁରୋ):** ଫେବୃଆରୀ ତାତି ପରେ ମାର୍ଚ୍ଚ ମାସର ପ୍ରଥମ ଦିନର ତାତି ରେକର୍ଡ ଭାଙ୍ଗିଛି। ଗତ ୨୪ ଘଣ୍ଟାରେ ଟିଟିଲାଗଡ଼ର ତାତି ଦେଶର ୧୦ ସହର ଭିତରେ ସବୁଠାରୁ ଉପରେ ରହିଛି। ଟିଟିଲାଗଡ଼ରେ ମାର୍ଚ୍ଚ ୧ ତାରିଖରେ ୩୮.୦୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଝାରସୁଗୁଡ଼ା ସମେତ ୩ ଜିଲ୍ଲାର ତାପମାତ୍ରା ୩୮ ଡିଗ୍ରୀ ଟପିଯାଇଥିଲା। ୮ ଜିଲ୍ଲାର ତାପମାତ୍ରା

- ମନଇଚ୍ଛା ବିଦ୍ୟୁତ କାଟ କରୁଛନ୍ତି ବିତରକ କମ୍ପାନୀ
- ମାସକୁ ୨୩ ଘଣ୍ଟା ବିଦ୍ୟୁତ୍ କାଟ ସହିବାକୁ ବାଧ କରାଯାଉଛି

୩୭ ଡିଗ୍ରୀ ଉପରେ ରହିଥିଲା। ମାର୍ଚ୍ଚ ଦ୍ୱିତୀୟ ଦିନରେ ବି ପାରଦ ଉପରମୁହାଁ ରହିଛି। ଆଜି ବୌଦ୍ଧରେ ସର୍ବାଧିକ ୩୮.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ବଲାଙ୍ଗୀରରେ ତାପମାତ୍ରା ୩୮.୧ ଡିଗ୍ରୀ ରହିଥିଲା। ମାର୍ଚ୍ଚ ମାସର ପ୍ରଥମରୁ ଏଭଳି ତାତିକୁ ନେଇ ସାଧାରଣରେ ଚିନ୍ତା ବଢ଼ିଛି।

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ଆକଳନ ଏହି ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ପାଣିପାଗ ବିଶେଷଜ୍ଞଙ୍କ ଆକଳନ ଅନୁସାରେ, ଚଳିତ ବର୍ଷ ମାର୍ଚ୍ଚ ମାସରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ରେକର୍ଡ ହେବ। ଏଥିସହ ଉପକୂଳରେ ଗୁଳୁଗୁଳି ଜନିତ ଅସ୍ୱସ୍ତି ବଢ଼ିପାରେ। ତେବେ ଏପ୍ରିଲ ଓ ମେ'ରେ ତାପମାତ୍ରା ସ୍ୱାଭାବିକଠାରୁ କମ୍ ରହିପାରେ। ଗ୍ରୀଷ୍ମ ପ୍ରବାହ ରହିଲେ ବି କାଳବୈଶାଖୀ ବର୍ଷା ସାମାନ୍ୟ ତାତିରୁ ନିସ୍ତାର ଦେଇପାରେ। ଗତ ଦୁଇ ବର୍ଷ ଅର୍ଥାତ ୨୦୨୩ ଓ ୨୦୨୪ ଲଗାତାର ଭାବେ ବିଶ୍ୱର ଉତ୍ତପ୍ତ ବର୍ଷ ହୋଇଥିଲା। ତେଣୁ ୨୦୨୫ରେ ପୃଷ୍ଠା-୭

## ପ୍ରଦୀପ ପୁରୋହିତ ବନାମ ପ୍ରଦୀପ ଦିଶାରୀ

**ଭୁବନେଶ୍ୱର,୨।୩(ସଂଚାର ବ୍ୟୁରୋ):** ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ହତ୍ୟା ଘଟଣାରେ ସିବିଆଇ ତଦନ୍ତ ହେବ କି ନାହିଁ, ତା' ଡ଼ ଭିନ୍ନ କଥା। କିନ୍ତୁ ଏହି ମାମଲାକୁ ନେଇ ଏବେ ବିଜେପି ଓ ବିଜେଡି ନେତାଙ୍କ ମଧ୍ୟରେ ଘମାଘୋଟ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଛି। ବିଜେପି ସାଂସଦ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି ଯେ ସିବିଆଇ ତଦନ୍ତ ପାଇଁ ଦାବି ନ କରିବାକୁ ନବ ଦାସଙ୍କ ପରିବାର ଉପରେ ଚାପ ପକାଉଛି ବିଜେଡି। ସେପଟେ ବିଜେଡି ବିଧାୟକ ପ୍ରଦୀପ ଦିଶାରୀ କହିଛନ୍ତି ଯେ ଖଣିଖାଦାନଭରା ଜିଲ୍ଲାକୁ ଦଖଲ କରିବାକୁ ନବ ଦାସଙ୍କୁ ହତ୍ୟା କରାଯାଇଥାଇପାରେ। ସିବିଆଇ ତଦନ୍ତ ପାଇଁ ନବଙ୍କ

### ନବ ଦାସ ହତ୍ୟାର ସିବିଆଇ ତଦନ୍ତ ବିବାଦ



ପରିବାର ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇଲେ ବିଜେଡିର ଦୁଇଟି ବଡ଼ ମୁଣ୍ଡ ୧ ଭିତରେ ଫସିଯିବେ। ସେମାନେ ଜେଲକୁ ଯିବେ। ସେଥିପାଇଁ ଦାପାଳିଙ୍କ ଉପରେ ବିଜେଡି ଚାପ ବଢ଼ିଛି। ସିବିଆଇ ତଦନ୍ତ ପାଇଁ ଲିଖିତ ଭାବେ ରାଜ୍ୟ ସରକାରଙ୍କୁ ଦେବା ଲାଗି ମନା କରିଛି ବିଜେଡି। ଦାପାଳି ବିଜେଡିର ଚାପ କାରଣରୁ ସିବିଆଇ ତଦନ୍ତ ପାଇଁ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଉ ପାରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ପ୍ରଦୀପ ପୁରୋହିତ।

ଶନି ମନ୍ଦିରରୁ ଆସିବା ପରେ କାଳେ ନବ ଦାସ ମୁଖ୍ୟମନ୍ତ୍ରୀ ହୋଇଯିବେ, ସେଥିପାଇଁ ସେମାନେ ନବ ଦାସଙ୍କୁ ରାସ୍ତାରୁ ହଟେଇଦେଲେ। ଗୋପାଳ ଦାସ କହିଥାରେ ଯେଉଁମାନେ ମାରିଲେ ସେମାନଙ୍କ ବିଷୟରେ ରାଜ୍ୟବାସୀ ଜାଣିବାର ଅଧିକାର ଅଛି। ଯଦି ସିବିଆଇ ତଦନ୍ତ ହେବ ତା'ହେଲେ ଏହାର ପର୍ଦ୍ଦାଫାସ ହେବ। ବିଜେପି ସରକାର ଚାହୁଁଛି ନବ ଦାସଙ୍କ ହତ୍ୟାକାଣ୍ଡର ପୁଙ୍ଖାନୁପୁଙ୍ଖ ତଦନ୍ତ ହେଉ। ସେଥିପାଇଁ କ୍ରାଇମବ୍ରାଞ୍ଚ ଦାପାଳି ଓ ବିଶାଳଙ୍କୁ ନୋଟିସ ଦେଇଛି। ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ସିବିଆଇ ତଦନ୍ତ ପାଇଁ ପରିବାର ପକ୍ଷରୁ ଲିଖିତ ଭାବେ ଦିଆଯାଉ। ତାକୁ ରାଜ୍ୟ ସରକାର ଗ୍ରହଣ କରିବେ। ଦାପାଳି ବି କହିଥିଲେ ପରିବାର ସହ ବିଚାରବିମର୍ଶ ଚାଲିଛି, ଖୁବଶୀଘ୍ର ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇବେ। କିନ୍ତୁ ତାଙ୍କ ଉପରେ ବିଜେଡି ଚାପ ସୃଷ୍ଟି କରୁଥିବାରୁ ସେ ଲିଖିତ ଭାବେ ରାଜ୍ୟ ସରକାରଙ୍କୁ ଜଣାଇପାରୁନାହାନ୍ତି।

ଯଦି ପ୍ରକୃତରେ ନବ ଦାସଙ୍କ ପରିବାର ହତ୍ୟାକାଣ୍ଡର ରହସ୍ୟ ବିଷୟରେ ଜାଣିବାକୁ ଚାହୁଁଛନ୍ତି ସେମାନେ ତୁରନ୍ତ ଲିଖିତ ଭାବେ ରାଜ୍ୟ ସରକାରଙ୍କୁ ଜଣାନ୍ତୁ। ଯେବେ ବି ଦାପାଳି କିଛି ଷ୍ଟେଟମେଣ୍ଟ ଦେଉଛନ୍ତି ପୃଷ୍ଠା-୭

## ମମତାଙ୍କୁ ନିରାଶ କଲେ ଇସି

**କୋଲକାତା,୨।୩:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଆଜି ନିର୍ବାଚନ କମିଶନଙ୍କଠାରୁ ନିରାଶ ହେବାକୁ ପଡ଼ିଛି। ନିକଟରେ ମମତା ଦୁଇଟି ରାଜ୍ୟରେ ସମାନ ଭୋଟର ପରିଚୟପତ୍ର ନମ୍ବର ପ୍ରସଙ୍ଗ ଉଠାଇବା ସହ ବିଜେପି ନକଲି




ଭୋଟର ସୃଷ୍ଟି କରୁଥିବା ଅଭିଯୋଗ ଆଣିଥିଲେ। ଏନେଇ ସେ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଆଜି ଏନେଇ ଇସି ତାଙ୍କ ପ୍ରତିକ୍ରିୟାରେ ସମାନ ଭୋଟର ପରିଚୟପତ୍ର ନମ୍ବରର ଅର୍ଥ ଭୋଟର ନକଲି ବୋଲି ଭାବିବା ସମ୍ପୂର୍ଣ୍ଣ ଭୁଲ୍ ବୋଲି କହିଛନ୍ତି। ଫଳରେ ମମତାଙ୍କୁ ନିରାଶ ହେବାକୁ ପଡ଼ିଛି। କମିଶନ କହିଛନ୍ତି ଯେ କେତେକ ପୃଷ୍ଠା-୭

## କେଜିଏଫ୍ ଷ୍ଟାଇଲ୍‌ରେ ବେଦାନ୍ତ ଟାଉନସିପ୍

**ଝାରସୁଗୁଡ଼ା,୨।୩(ସଂଚାର ବ୍ୟୁରୋ):** ଝାରସୁଗୁଡ଼ାରେ ବେଦାନ୍ତ ତିଆରି କରିଛି ଅନ୍ୟତମ କେଜିଏଫ୍। କେଜିଏଫ୍ ସିନେମା ଷ୍ଟାଇଲରେ ବିନା କୌଣସି ପ୍ଲାନରେ କି ଜିଲ୍ଲା ପ୍ରଶାସନର ବିନାନୁମତିରେ ହଜାର ହଜାର ଏକର ଉପରେ ତିଆରି ହୋଇଛି ଏହି ବିରାଟ ଟାଉନସିପ। ତା' ଭିତରକୁ ପୁଣି ବେଦାନ୍ତ କର୍ମଚାରୀ ଓ ଅଧିକାରୀଙ୍କ ଛଡ଼ା ଅନ୍ୟ କାହାକୁ ଅନୁମତି ନାହିଁ। ଏପରିକି ସରକାରୀ ଅଧିକାରୀମାନେ କେବଳ ଚିଠି ଲେଖିପାରିବେ ସିନା, କିନ୍ତୁ ସେମାନଙ୍କ ପ୍ରବେଶ ଉପରେ ରହିଛି କଟକଣା। ଟାଉନସିପକୁ ଘେରି ରହିଛି ମେଘନାଦ ପାଚେରୀ। ଟାଉନସିପରେ ବେଦାନ୍ତର ନିଜସ୍ୱ ହସ୍ପିଟାଲ, ଖେଳପଡ଼ିଆ, ୯୫୦୦ ବର୍ଗଫୁଟ ଅଞ୍ଚଳରେ ବିରାଟ ଜଗନ୍ନାଥ ମନ୍ଦିର, ନିଜସ୍ୱ ହେଲିପ୍ୟାଡ ଓ ଗେଷ୍ଟ

- ବିନାନୁମତିରେ ତିଆରି ହୋଇଛି
- ଜିଲ୍ଲା ପ୍ରଶାସନକୁ ନାହିଁ ଖାତିର
- ବେଆଇନ ଘୋଷଣା କଲା ଜେଆରଆଇଡି

ହାଉସ ଆଦି ରହିଛି।

ବିଜେଡି ବଳରେ ବଳୀୟାନ୍ ହୋଇଥିବା ବିଭିନ୍ନ ଶିଳ୍ପ ସଂସ୍ଥା ମଧ୍ୟରୁ ଝାରସୁଗୁଡ଼ାସ୍ଥିତ ବେଦାନ୍ତ କାରଖାନା ଅନ୍ୟତମ। ଝାରସୁଗୁଡ଼ାସ୍ଥିତ ବେଦାନ୍ତର ଆଲୁମିନିୟମ କାରଖାନାକୁ ନେଇ ବିଭିନ୍ନ ସମୟରେ ବିବାଦ ସୃଷ୍ଟି ହୋଇଥିବା ବେଳେ ଏବେ ଆଉ ଏକ ବିବାଦ ସାମ୍ନାକୁ



ଆସିଛି। ବେଆଇନ ଭାବେ ହଜାର ହଜାର ଏକର ଜମି ଉପରେ ବେଦାନ୍ତ ତିଆରି କରିଛି ବିରାଟ ଟାଉନସିପ। ଖୋଦ ଝାରସୁଗୁଡ଼ା ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ (ଜେଆରଆଇଡି) ଏହି ଟାଉନସିପକୁ ବେଆଇନ ବୋଲି ଘୋଷଣା କରିଛି।

ଗତକାଲି ବେଦାନ୍ତ ସିଇଓ ସୁନିଲ ଗୁପ୍ତାଙ୍କୁ ଏ ସମ୍ପର୍କରେ ଝାରସୁଗୁଡ଼ା ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ ଚିଠି ଲେଖିଛନ୍ତି। ପୂର୍ବରୁ ମଧ୍ୟ ତତ୍କାଳୀନ ସିଇଓ ସିଏନ ସିଂଙ୍କୁ ଏ ସମ୍ପର୍କରେ ଚିଠି ଲେଖିଥିଲା ଉନ୍ନୟନ ଟ୍ରଷ୍ଟ। ଏପରିକି ୨୦୨୧ରେ ଝାରସୁଗୁଡ଼ା ପୌର ପରିଷଦ ସୁନାରୀମୁଣ୍ଡାଠାରେ ବେଦାନ୍ତ ଗ୍ରୁପର ଶେଖା ଷ୍ଟ୍ରେଲାଇଟ ପକ୍ଷରୁ ନିର୍ମାଣ କରାଯାଉଥିବା ପୃଷ୍ଠା-୭

### ଅଶୁଭ ରବିବାର

## ପୃଥକ ଦୁର୍ଘଟଣା: ୩ ବନ୍ଧୁ ସମେତ ୬ ମୃତ

**କରଞ୍ଜିଆ/କୁଆଁରମୁଣ୍ଡା,୨।୩:** ଅଶୁଭ ରବିବାରରେ ୬ ଜଣ ଯାତ୍ରୀଙ୍କ ଜୀବନର ଦୁଃଖଦ ଅନ୍ତ ଘଟିଛି। ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ପୃଥକ୍ ଦୁର୍ଘଟଣାରେ ଏମାନଙ୍କ ଜୀବନ ଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ୩ ଜଣ ବନ୍ଧୁ ଅଛନ୍ତି, ଯେଉଁମାନେ ମେଳା ଦେଖି ଫେରିବା ସମୟରେ ଏହାର ଶିକାର ହୋଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ସମେତ ୩ ବନ୍ଧୁଙ୍କ ଜୀବନ ଯାଇଛି। ଶନିବାର ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ଜାତୀୟ ରାଜପଥ ୧୪୩ର ଦମଡ଼ାପଡ଼ା ନର୍ସରୀ ନିକଟରେ ଏହି ଦୁର୍ଘଟଣା ଘଟିଥିଲା, ଯେତେବେଳେ ସେମାନେ ଏକ ମୋଟର ସାଇକେଲରେ ବେଦବ୍ୟାସ ମେଳାରୁ ଫେରୁଥିଲେ। ମୃତକମାନେ ଘସିଟୋଲାର ଡିଲ୍ଲିପ ସମାସି, ସହରରେ ଲାଲ୍ଲା ଓ ଦୁରିଟୋଲାର ଅଞ୍ଜଳି କୁଜୁର ବୋଲି ଜଣାପଡ଼ିଛି।

ସେମାନଙ୍କ ପରିବାର ଲୋକେ ଦେଇଥିବା ସୂଚନାନୁସାରେ, ଉପରୋକ୍ତ ତିନି ବନ୍ଧୁ ଦିନମଜୁରିଆ ଭାବେ କାମ କରୁଥିଲେ। ତେବେ ୬ ଦିନ କାମ କରିବା ପରେ ଶନିବାର ମଜୁରୀ ପାଇ ସେମାନେ ବେଦବ୍ୟାସ ମେଳା ବୁଲିବାକୁ ଯାଇଥିଲେ। ୬ ଦିନର ପରିଶ୍ରମ ପରେ ୩ ସାଙ୍ଗ ଖୁସିରେ ସମୟ କାଟିବା ସକାଶେ ମେଳା ବୁଲିଯାଇଥିଲେ ହେଁ ସେମାନଙ୍କୁ କ'ଣ ଜଣା ଥିଲା ଯେ ଫେରିବା ସମୟରେ ସେମାନଙ୍କୁ ବାଟରେ ଯମ ଜଗିଛି ବୋଲି। ଦୁର୍ଭାଗ୍ୟବଶତଃ ଘରକୁ ଫେରିବା ସମୟରେ ସେମାନେ ଏକ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ପୃଷ୍ଠା-୭

## ଜବରଦଖଲକାରୀଙ୍କ ଗଡଫାଦର୍ ସାଜିଛନ୍ତି ଗଣେଶ୍ୱର




**ଭୁବନେଶ୍ୱର,୨।୩(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସହରରେ ସରକାରୀ ଜମିକୁ ଜବରଦଖଲ କରୁଥିବା ଗ୍ୟାଙ୍ଗଷ୍ଟରଙ୍କ ଗଡଫାଦର ସାଜିଛନ୍ତି ବିଧାୟକ ଗଣେଶ୍ୱର ବେହେରା। ଜବରଦଖଲ ଜମିରେ

- ଜବରଦଖଲକାରୀଙ୍କ ଜିମ୍‌ର କରିଥିଲେ ଶୁଭାରମ୍ଭ
- ବିଧାୟକଙ୍କ ବଳରେ ଗ୍ୟାଙ୍ଗଷ୍ଟର ବଳୀୟାନ

ଗ୍ୟାଙ୍ଗଷ୍ଟର କରିଥିବା ଜିମ୍ ଉଦ୍‌ଘାଟନର ଫଟୋ ଭାଇରାଲ ହେବା ପରେ ବିଧାୟକଙ୍କ ଗ୍ୟାଙ୍ଗଷ୍ଟର୍ ପ୍ରେମର ଏହି ଆଲୋଚନା ଜୋର ଧରିଛି। ସରକାରୀ ଜମି ମୁକୁଳାଇବା ପାଇଁ ଲଢ଼େଇ କରୁଥିବା ଲୋକେ ବି ଏଭଳି ଫଟୋ ଦେଖି ହତବାକ୍ ହୋଇଛନ୍ତି।

ସହରର ପ୍ରମୁଖ ସ୍ଥାନରେ ଥିବା ମୂଲ୍ୟବାନ ସରକାରୀ ଜମିକୁ ଗ୍ୟାଙ୍ଗଷ୍ଟର୍ ଓ ତାଙ୍କ ଭାଇବନ୍ଧୁ ଜବରଦଖଲ କରିବାର ଅଭିଯୋଗ ହୋଇଆସୁଛି। ଜବରଦଖଲ ସହିତ ଏହି ଜମି ଉପରେ କୋଠାବାଡ଼ି ନିର୍ମାଣ କରି ଭଡ଼ାରେ ବି ଲଗାଇଛନ୍ତି। ଉକ୍ତ ଜମି ଉପରେ ଜିମ୍ ସ୍ଥାପନ କରି ସେଠାରେ ବାହୁବଳୀ ତିଆରି ହେଉଛନ୍ତି। ସ୍ଥାନୀୟ ଲୋକେ ବି ଏ ନେଇ ବିଭିନ୍ନ ଫୋରମରେ ଅଭିଯୋଗ କରିଆସୁଛନ୍ତି। ଜନୈକ ବିଜେଡି ନେତାଙ୍କ ଛତ୍ରଛାୟା ତଳେ ରହି ଗ୍ୟାଙ୍ଗଷ୍ଟର ଆଣ୍ଡ କୋ'ଙ୍କ ଏଭଳି ଜବରଦଖଲର ଅଭିଯୋଗ ଆସି ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚିଥିଲା।

ହେଲେ ଏବେ ଗଣେଶ୍ୱରଙ୍କ ଫଟୋ ଭାଇରାଲ ପରେ ଜବରଦଖଲ ପଛର ଗୁମର ଖୋଲିଛି। ଗ୍ୟାଙ୍ଗଷ୍ଟରମାନେ କାହା ବଳରେ ବଳୀୟାନ, ତାହା ଆଉ କାହାକୁ ଅଛପା ହୋଇ ରହିନାହିଁ। ଜଣେ ଆଗଧାଡ଼ିର ଲୋକପ୍ରତିନିଧି ଭାବେ ଗଣେଶ୍ୱର କିଭଳି ସରକାରୀ ଜମି ଉପରେ






ଗଢ଼ି ଉଠିଥିବା ଜିମ୍‌କୁ ହସ ହସ ବଦନରେ ନିଜ ହାତରେ ଶୁଭାରମ୍ଭ କଲେ ବୋଲି ଏବେ ସ୍ଥାନୀୟ ଲୋକେ ପ୍ରଶ୍ନ କରୁଛନ୍ତି। ବିଧାୟକଙ୍କ ହାତ ଗ୍ୟାଙ୍ଗଷ୍ଟର ଓ ଜମି ଜବରଦଖଲକାରୀଙ୍କ ମୁଣ୍ଡ ଉପରେ ଥିବାରୁ ସେମାନେ କୌଣସି ଅଭିଯୋଗକୁ ଖାତିର କରୁନଥିବା ଅଭିଯୋଗ ହେଉଛି।

ଅଭିଯୋଗ ହୋଇଆସୁଛି ଯେ ଗ୍ୟାଙ୍ଗଷ୍ଟର ଓ ତାହାର ଭାଇମାନେ ବହୁବର୍ଷ ମୌଜାର ମୂଲ୍ୟବାନ ଜମିକୁ ଜବରଦଖଲ କରି ତାହା ଉପରେ କୋଠା ନିର୍ମାଣ କରିଛନ୍ତି। ଜମିଟି ଗୋଚର କିସମର ବୋଲି କେନ୍ଦ୍ରାପଡ଼ା ତହସିଲର ବହୁବର୍ଷ ମୌଜାର ଖତିୟାନରେ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି। ଏନେଇ ବାରମ୍ବାର ରାଜସ୍ୱ ବିଭାଗ ନିକଟରେ ଅଭିଯୋଗ ହେଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଧାୟକଙ୍କ ସହିତ ଗ୍ୟାଙ୍ଗଷ୍ଟର ଓ ତାହାର ଫଟୋ ଦେଖିବା ପରେ ପ୍ରଶାସନ କଳ ଏ ମାମଲାରେ ମୁଣ୍ଡ ପୂରାଇବାକୁ ଉଚିତ୍ ମଣୁନାହିଁ।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଜବରଦଖଲ ହୋଇଥିବା ଜମି ଓ ଏହା ଉପରେ ନିର୍ମାଣ ହୋଇଥିବା ଘରଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର କେଇଶହ ପୃଷ୍ଠା-୭



## କେଡ଼େ ବିଚିତ୍ର ଏ ଦୁନିଆ ସତେ

**ଡଃ ତାନଶ୍ରୀ ପାଣିଗ୍ରାହୀ**

ହେ ବିଶ୍ୱ ନିୟନ୍ତା ତୁମେ ସୃଷ୍ଟି କର୍ତ୍ତା
କି ସୁନ୍ଦର ଏ ଜଗତ
ମଣିଷ ଜୀବନ ଆଶୀର୍ବାଦ ତୁମ
ଦେଖାଅ ସତ୍ୟର ପଥ...

ହଜି ଯାଉଅଛି ସ୍ନେହ ପ୍ରୀତି ମୈତ୍ରୀ
ସଭିଙ୍କର ଶତ୍ରୁ ସାଜି
ନିଃଶେଷ ହେଲାଣି ମଣିଷପଣିଆ
ହୃଦୟ ପାଉନି ଖୋଜି...

ଫୁଲରୁ ବି ଆଉ ଆସୁନି ମହକ
ବିବର୍ଣ୍ଣ ଦିଶୁଛି ଆଜି
ଜୋଛନା ରାତିରେ ରଜନୀଗନ୍ଧାର
ବାସନା ଗଲାଣି ହଜି...

ପ୍ରେମ ଯେବେ ଏଠି ଅଭିନୟ କରେ
ଛଳନାର ରଙ୍ଗ ମାଖି
ଅନ୍ତର କାନ୍ଦଇ ଗୁମୁରି ଗୁମୁରି
ହୃଦୟଟି ହୁଏ ଦୁଃଖୀ...

ଭାଇ ସଂଗେ ଭାଇ ଶତ୍ରୁତା କରେ
ରକ୍ତ ଚିହ୍ନେନା ରକ୍ତକୁ
ବୃଦ୍ଧ ବାପା ମାଆ ପୁଅ ପାଖେ ହାରି
ଯାଆନ୍ତି ବୃଦ୍ଧାଶ୍ରମକୁ...

ଧର୍ମ ନାମରେ ଚାଲଇ ଅଧର୍ମ
ଜଳେ ବିପ୍ଳବର ବହ୍ନି
ବିଚିତ୍ର ଦୁନିଆ ବିଚିତ୍ର ମଣିଷ
ହୁଏ ନାହିଁ ଜମା ଚିହ୍ନି...

କିଏ ପଡିଥାଏ ସ୍ୱାର୍ଥର ମୋହରେ
ନିଜକୁ ମହାନ କହେ
ଜ୍ଞାନୀ ଗୁଣୀଙ୍କୁ ସେ ଦିଏନା ସମ୍ମାନ
ମନରେ ଗରବ ବହେ...

ଆହେ ଦୀନବନ୍ଧୁ ମଣିଷ ଭିତରେ
ଅହଂକାର କାଢି ନେଇ
ସ୍ନେହ ଶ୍ରଦ୍ଧା ଆଉ ସହାନୁଭୂତିରେ
ଜୀବନ ଦିଅ ସଜାଇ ।।

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର**
**ବାଲିଆ, ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



**ଅନୁପମା ବିଶ୍ୱାଳ**



## ସମୟର ଖେଳ

ପୁନେଇଁ ରାତି। ଜହ୍ନ ଆଲୁଅରେ ସବୁଆଡେ ଚିକମିକ। ପାରଦରେ ଆଚ୍ଛାଦିତ ସାରା ପୃଥିବୀ। ଆଖିରେ ନିଦ ନାହିଁ। ବିଛଣାରୁ ଉଠି ସିଧା ଝରକା ଆଡେ ଚାହିଁଲେ ମାଧୁରୀ। ସୁଲୁସୁଲିଆ ପବନ ତାଙ୍କ କେଶକୁ ଦୋହଲାଇ ଦେଉଥାଏ। ବସି ପଡ଼ି ଅତୀତରେ ହଜିଗଲେ। ମନେପଡ଼ିଗଲା ପନ୍ଦର ବର୍ଷ ପୂର୍ବ କଥା। ମନଲୋଭା ଚେହେରା। ହଳଦିଆ ରଙ୍ଗ ଟି ସାର୍ଟ ସାଙ୍ଗକୁ ନୀଳ ରଙ୍ଗ ଜିନ୍ସ ପ୍ୟାଣ୍ଟ। ଆଃ!କି ସୁନ୍ଦର। ପାଠ କଥା କୁହନି। ସବୁବେଳେ ଆଗ ଧାଡିରେ। ପ୍ରଥମ ଦେଖାରେ ପ୍ରେମରେ ପଡିଗଲେ ମାଧୁରୀ।

ହେଲେ ଏ କଣ ପ୍ରେମ?

ଯାହାକୁ ହୃଦୟ ଦେଇ ଭଲ ପାଉଛନ୍ତି ସେତ ବାଟ ଭାଙ୍ଗି ଚାଲି ଯାଉଛନ୍ତି। ସାଙ୍ଗମାନେ କୁହନ୍ତି ସୌମ୍ୟ ମଧ୍ୟ ତାଙ୍କୁ ଭଲ ପାଆନ୍ତି। କିନ୍ତୁ ନା......। ମିଛ। ସବୁ ମିଛ। ମନ କଥା ମନରେ ରହିଲା। ପଢ଼ା ସାରି ନିଜ ଗାଁକୁ ସେ ଫେରିଗଲେ। କିଛି ନୋଟ ଖାତା ଦେଇଥିଲେ । ସେତକ ସନ୍ତକ ଓ ସ୍ମୃତି।

ବୟସ ବଢ଼ିଲା। ଯୋଗ୍ୟ ବର ଦେଖି ମାଧୁରୀକୁ ବାହା କରିବାକୁ ଘରେ ସଭିଏଁ ବ୍ୟସ୍ତ। ଏଣେ ମାଧୁରୀ କାହାକୁ କିଛି କହି ପାରୁ ନଥିଲେ। ସୌମ୍ୟଙ୍କୁ ସତରେ ସେ ଭଲ ପାଆନ୍ତି। ତାଙ୍କୁ ଛାଡି ଆଉ କାହାକୁ ସେ ବାହା ହେବେ ! ରୋକଠୋକ ବାପାଙ୍କୁ ମନା କରିଦେଲେ। ତାଙ୍କ ଜିଦ ଆଗରେ ବାପା ମଧ୍ୟ ହାରିଗଲେ।

ମୁଣ୍ଡ ଟେକି ଦେଖନ୍ତି ତ ଆଖିରୁ ଲୁହ ଆମାନିଆ ଭାବେ ବହୁଛି। ଏହା ହସ କାନ୍ଦର ଲୁଚକାଳି ଖେଳ। ଅନେକ ଥର ଏମିତି ହୋଇଛି। ଆଜି ପ୍ରଥମ ନୁହେଁ।

ଇତି ମଧ୍ୟରେ ସେ ଏକ ଆଶ୍ରମ ସ୍କୁଲରେ ଚାକିରି କରୁଛନ୍ତି। ଦରମା ଟଙ୍କାରୁ ନୂଆ ମୋବାଇଲ ଟିଏ ଆନିଛନ୍ତି। ଇଚ୍ଛା ହେଲା ମୋବାଇଲରେ ସୌମ୍ୟଙ୍କୁ ଥରେ ଦେଖିପାରନ୍ତେକି। ହଜିଲା ଧନ ଖୋଜିଲା ପରି ଖୋଜି ବସିଲେ ,କାଳେ କିଛି ସୂଚନା ମିଳିଯିବ। ହଠାତ ପାଖରେ କେହି ଜଣେ କହିଲା,ଆରେ କାହାକୁ ଖୋଜୁଛ?

ଖୁସି ହେଲେବି ରାଗିବାର ଅଭିନୟ କରି ମାଧୁରୀ କହିଲେ,ନା ମ ! କାହାକୁ ନୁହଁ। ମୋର କାହା ପାଖେ କଣ ଦରକାର ଅଛି ଯେ ଖୋଜିବି। "

ସାଙ୍ଗ ମୋବାଇଲଟି ଛଡାଇ ନେଇ କହିଲେ, ଦେଖ! ତୁମକୁ କେହି ଜଣେ ବନ୍ଧୁତାର ହାତ ବଢ଼ାଇଛନ୍ତି। ଆଶ୍ଚର୍ଯ୍ୟ ଯେତିକି ହେଲି,ଖୁସି ବି ସେତିକି। ଏତ ମୋ ମନର ମଣିଷ। ଯାହାଙ୍କ ପାଇଁ ମୁଁ ଆଜିଯାଏ ଅପେକ୍ଷିତା। ଯାହାଙ୍କ ଉପସ୍ଥିତି ଅନୁଭବ କରି ମୁଁ ପାଏ ବଳ ଓ ଶକ୍ତି।

ଦୁହେଁ ଦୁହିଙ୍କ ସହ ସେଦିନ ଏତେ ବର୍ଷ ପରେ କଥାବାର୍ତ୍ତା ହେଲେ। ସୌମ୍ୟଙ୍କ ମୁଖରୁ 'ତୁମେ କେମିତି ଅଛ ' ଶୁଣି ମାଧୁରୀ ନିରୁତ୍ତର ହୋଇ ଦୀର୍ଘ ଦିନରୁ ଥାକ ଥାକ ହୋଇ ଜମିଥିବା ଲୁହକୁ ହିଁ ଝରାଇଥିଲେ। ସେଦିନରୁ ଦିନେ କଥା ନ ହେଲେ ଭାତ ହଜମ ହୁଏ ନାହିଁ। ଆଖି ଯେତିକି ତାଙ୍କୁ ଖୋଜେ,କାନ ସେତିକି ତାଙ୍କ କଥା ପଦେ ଶୁଣିବାକୁ ବ୍ୟସ୍ତ ହୋଇଯାଏ ।

ସୌମ୍ୟବାବୁ କେବେ କହିନାହାନ୍ତି ପ୍ରେମ କଥା। ମାଧୁରୀଙ୍କ ସହ କଥାହେବା,ତାଙ୍କ ହସରେ ନିଜେ ହସିବା,ତାଙ୍କ ଅଝଟପଣିଆ ପସନ୍ଦ କରିବା,ତାଙ୍କ ଫୋନ କୁ ଅପେକ୍ଷା କରିବା ଏସବୁ କାହିଁକି ହେଉଛି ସେ ଜାଣି ପାରନ୍ତି ନାହିଁ। ସତରେ ସେ କଣ ମାଧୁରୀଙ୍କ ପ୍ରେମରେ ପଡିଛନ୍ତି। ନା ନା ଏ ବୟସରେ କଣ...

ଦିନେ ଶୁଣିଲେ, ମାଧୁରୀ ହୃଦ ରୋଗରେ ଆକ୍ରାନ୍ତ। ଅସ୍ତ୍ରୋପଚାର ବିନା ରୋଗମୁକ୍ତ ହେବେ ନାହିଁ। ମାଧୁରୀଙ୍କ ପିତା ଆରପାରିରେ। ସୌମ୍ୟ କାଳବିଳମ୍ବ ନ କରି ଚିକିତ୍ସା କରାଇଲେ। ଧନ୍ୟବାଦ ଠାକୁରେ! ଭଲ ହେଲେ ମାଧୁରୀ। ବହୁତ ଖୁସି ସୌମ୍ୟ। ହେଲେ ଏ ଆନନ୍ଦ କାହିଁକି?ସେ କାହିଁକି ମାଧୁରୀଙ୍କ ପାଇଁ ଏତେ ବ୍ୟସ୍ତ ହୋଇପଡିଲେ?ଆଜିଯାଏ ସେ ବାହା ମଧ୍ୟ ହେଲେନି। ଏ ପ୍ରତୀକ୍ଷା କାହାପାଇଁ?

ସେଦିନ ଠିକ ବୁଝିଲେ ସୌମ୍ୟ। ଏଇତ ପ୍ରେମ । ବୟସ ଆଗକୁ ଯାଇଥିଲେ ମଧ୍ୟ ପ୍ରେମ ଯୁବାବସ୍ଥାରେ। ମାଧୁରୀ ଜାଣିପାରିଲେ ସୌମ୍ୟ ଅବିବାହିତ। ଠିକ ତାଙ୍କ ପରି ସେ ଘର ସଂସାର କରିନାହାନ୍ତି। ମାଧୁରୀଙ୍କୁ ପ୍ରାଣ ଭରି ଭଲପାଆନ୍ତି ସୌମ୍ୟ । ଉଭୟଙ୍କ ହୃଦୟ କହୁଥାଏ ,ଆମ ଭିତରେ କିଛି ଅଛି।

ଛଳ ଛଳ ନୟନରେ ସେଦିନ ସୌମ୍ୟ କହିଲେ,ମାଧୁରୀ! ମୁଁ ତୁମକୁ ବହୁତ ଭଲପାଏ। ପନ୍ଦର ବର୍ଷ ପୂର୍ବରୁ ଯେତିକି ଭଲ ପାଉଥିଲି ଆଜି ବି ସେତିକି। ମୋର ଘର ପରିସ୍ଥିତି ମୋତେ ସହଯୋଗ ନକରିବାରୁ ମୁଁ ତୁମକୁ କିଛି କହି ପାରିନଥିଲି। ତୁମେ ଏବେ ମୋତେ ସ୍ୱୀକାର କରିବନି?ମୋ ଜୀବନ ସାଥି କଣ ହେବ ନାହିଁ। ମାଧୁରୀ କାନ୍ଦି ପକାଇ କହିଲେ,ଏହା ମୋ ଭାଗ୍ୟକଥା। ମୋ ମଥାରେ ତୁମ ନାଁ ର ସିନ୍ଦୁର ଝଟକି ଉଠିବ,ମୋ ହାତରେ ତୁମେ ପିନ୍ଧାଇଥିବା ଶଙ୍ଖା ଶୋଭା ପାଇବ। ଏହା ମୋପାଇଁ ସବୁଠାରୁ ବଡ଼ କଥା। ଆମ ପ୍ରେମରେ ସତ୍ୟତା ଅଛି ବୋଲି ଆମେ ପରସ୍ପରକୁ ଭେଟି ପାରିଲେ। ପ୍ରକୃତରେ ଆମ ଭିତରେ କିଛି ଅଛି। ଏହାହିଁ ସମୟର ଖେଳ। ଭାଗ୍ୟରୁ ଅଧିକ ଏବଂ ସମୟ ଆଗରୁ କିଛି ମିଳେ ନାହିଁ।

**ସମ୍ବଲପୁର, ମୋବାଇଲ୍: ୭୯୭୮୫୬୮୩୨୨**

**ଶୋଭାମୟୀ ପତ୍ରୀ**

## ଖୁସିର ଲୁହ



ଗନ୍ଧିଆ ମାନେ ଗନ୍ଧର୍ବ ନାୟକ ଧନରେ ଗରିବ ହେଲେ କଣ ହେଲା ମନଟା ତାର ବିରାଟ ବଡ଼। ନିରୀହ, ସରଳ, ନିଷ୍କପଟି ମଣିଷଟା । ସାରା ପୃଥିବୀଟା ତା ଘର ଆଉ ସମଗ୍ର ଜୀବଜଗତ ତା ସଂସାର। ମଣିଷ ଠାରୁ ଗଛ ଲତା ପଶୁପକ୍ଷୀ ପର୍ଯ୍ୟନ୍ତ ସଭିଙ୍କୁ ତା ଜନ୍ମିତ ଛୁଆ ପରି ଆଦର ଯତ୍ନ କରେ। ନିଜ ନିତ୍ୟକ୍ରମ ଭିତରେ ବି ଦିନ ତମାମ ତାର କା ଗାଈ ପିଲା ଜନ୍ମ କରିବ, କୋଉ ବିଲେଇ ଛୁଆର ମାଆ ମରିଯାଇଛି, କୋଉଠି କୋଉ ପଶୁପକ୍ଷୀ ଆହତ ହୋଇଛନ୍ତି, କୋଉ ପିଲା ଖାଲି ପାଦରେ ଇସ୍କୁଲ ଗଲା, କାହାର ବହି ଖାତା ନାହିଁ, କେଉଁଠି ସହରୀ ଅଫିସରିଆ ପୁଅର ଅବହେଳିତ ବୃଦ୍ଧ ବାପାମାଆଙ୍କ ଦେହମୁଣ୍ଡ କି ପେଟ ଖଂକଳ ପଡିଛି, ସବୁକୁ ସଜାଡ଼ିବା ତାର ଧର୍ମ ଭଳି ସବୁ ସମସ୍ୟାର ସମାଧାନ ପରେ ଘରକୁ ଫେରି ମଇନାର ଶୁଖିଲା ମୁହଁକୁ ଦେଖିଦେଲେ ଭାକୁନେଇ ଭାକୁନେଇ କହିପକାଏ, ବୁଝୁ ଲୋ ମୋ ସୁନେଇ ଆମେ ଜଦି କାହାର କିଛି ଉପକାର କରିଥିବା ଦଇବ ଆମ କଥା ନିଶ୍ଚୟ ବୁଝିବ, ରାତିଟା ଚୁଡା ଛତୁଆରେ ଚଳେଇ ଦେଲେ ଚଳିବନି।" ମଇନା ପେଟର ଭୋକ ମନର ଦୁଃଖ ତା ସାକୁଲିଆ କଥା ଆଉ ଆଦରିଆ ଛୁଆଁରେ କୁଆଡେ ଉଭେଇ ଯାଏ... ।

ପ୍ରତ୍ୟେକ ଦିନ ପରି ସେ ଦିନ ଗନ୍ଧିଆ କୋଦାଳରେ ବିଲହିଡ଼ କତି କରୁଥାଏ କିଛି ଦୂରରୁ ଗୋଟେ କଅଁଳ ବିକଳିଆ ସ୍ୱର ଶୁଣିବାକୁ ପାଇଲା। ସାଥେ ସାଥେ ସେ କୋଦଳା ଫୋପାଡ଼ି ଧାଇଁଲା ସେ ଦିଗକୁ । କିଛି ଦୂରରେ ଥିବା ଗୋଟେ ପରିତ୍ୟକ୍ତ ପୋଖରୀରେ ଦଶବର୍ଷର ପିଲାଟିଏ ହାପୁହାପୁ ହୋଇ ଜୀବନ ରକ୍ଷା ପାଇଁ ଚିତ୍କାର କରୁଥିଲା। ଆଖପାଖରେ କେହି ନ ଥିଲେ ଗନ୍ଧିଆକୁ ବୁଦ୍ଧି ଦେବା ପାଇଁ, ସେ କଣ ଚିନ୍ତା କରି ନିଜ ପିନ୍ଧା ଧୋତିକୁ ଖୋଲି ଦୁଇ ଫାଳ କରି ମଝିରୁ ଗଣ୍ଠିପକେଇ ପାଖରେ ଥିବା ଏକ ଗଛରେ ତାର ଗୋଟିଏ ମୁଣ୍ଡ ବାନ୍ଧି ଦେଲା ଓ ଆର ମୁଣ୍ଡକୁ ଧରି ପାଣିକୁ ଡେଇଁ ପଡି ଖାପୁ କରି ଧରି ନେଲା ପିଲାଟିର କେଶକୁ ଆଉ ଆର ହାତ ଓ ପାଟି ସାହାଯ୍ୟରେ ବହୁ କଷ୍ଟରେ କୂଳକୁ ଆସି ନିଜ ତଥା ପିଲାଟିର ଜୀବନ ବଞ୍ଚେଇ ଦେଲା। ଦିନକ ପରେ ସକାଳୁ ସକାଳୁ ଗନ୍ଧିଆ ଘର ଆଗରେ ଲାଗିଲା ଗୋଟେ ବଡ଼ ଗାଡି ଓ ତା ଭିତରୁ ଚାରିଜଣ ଧୋବଧବଳିଆ ସାହେବ ଓହ୍ଲାଇ ଭିଡିଗଲେ ଗନ୍ଧିଆ ଚାଳିଆ ଭିତରକୁ କଣ ସବୁ କଥା ହେଲାପରେ ସାଥିରେ ତାକୁ ନେଇ ଚାଲିଗଲେ। ମଇନା କିଛି ବୁଝି ନ ପାରି ଖାଲି କାନ୍ଦୁଥାଏ। ଉପର ଓଳାକୁ ପୁଣି ସେହି ଗାଡି ଗନ୍ଧିଆକୁ ଆଣି ଛାଡିଗଲା ଦୁଆର ମୁହଁରେ । ଏଥର ଗନ୍ଧିଆ ଆଉ ଗନ୍ଧିଆ ନ ଥିଲା ସେ ବନିଯାଇଥିଲା ସୁଟବୁଟ ପିନ୍ଧା ଗନ୍ଧର୍ବ ବାବୁ। ତା ପିଣ୍ଡାରେ ରଖା ହୋଇଥିଲା ଅନେକ ରକମର ଖାଦ୍ୟ ସାମଗ୍ରୀ ଓ ପୋଷାକ ତା ସାରା ପରିବାର ପାଇଁ । ତହିଁ ଆର ଦିନ ଖବର କାଗଜର ପ୍ରଥମ ପୃଷ୍ଠାରେ ଗନ୍ଧିଆର ଫୋଟୋ ସହ ଖବର ଗାଁ ସାରା ଚହଳ ପକେଇ ଦେଇ ଥିଲା କି ଆସନ୍ତା ସ୍ୱାଧୀନତା ଦିବସରେ ତା ଦୁଃସାହାସିକତା ପାଇଁ ଗନ୍ଧିଆ ପାଇବ ରାଷ୍ଟ୍ରପତି ପୁରସ୍କାର, ଓ ଏଥି ସହ ତା ମେଧାବୀ ପୁଅର ପାଠ ପଢା ଖର୍ଚ୍ଚ ବହନ କରିବେ ସରକାର। ସମ୍ବାଦଟା ଶୁଣି ସରିଲା ପରେ ମଇନା ସହ ଗାଁ ଗୋଟାକର ଲୋକ ମାନଙ୍କ ଆଖିରୁ ବହି ପଡୁଥିଲା ଖୁସିର ଲୁହ ।

**ତୁଳସୀକ୍ଷେତ୍ର, କେନ୍ଦ୍ରାପଡ଼ା**



## ଓଡ଼ିଆ ଅସ୍ମିତାରେ ପ୍ରଭୁ ଶ୍ରୀ ଜଗନ୍ନାଥ

**ପୁଷ୍ପଲତା ମିଶ୍ର**

ଓଡ଼ିଆ ମାଟି ର ଗରବ ଗୌରବ
ମୋ ପ୍ରଭୁ ଜଗତ ନାଥ,
ଯାହାଙ୍କ ପାଇଁ ମୋ ଓଡ଼ିଶା ପ୍ରଦେଶ
ବ୍ରହ୍ମାଣ୍ଡ ରେ ଅଟେ ଖ୍ୟାତ ।।
ଭାଇ ଙ୍କୁ ସମ୍ମାନ ଭଉଣୀ ଙ୍କୁ ସ୍ନେହ
ପତିତ ଙ୍କୁ ଦିଏ ପ୍ରୀତି ,
ଆଚାର ବିଚାର ସଂସ୍କାର ଶିଖାଇ
ପ୍ରେମରେ ପାଳେ ସେ ନିତି ।।
ବିଶ୍ୱାସ ରେ ହରି କର୍ମ ଭଗବାନ
ଶିଖେ ଓଡ଼ିଆ ତା ଠାରୁ,
ଦାନ ଧର୍ମ ବ୍ରତ କରଇ ମହତ
ଆଶା ପ୍ରଭାତ ପ୍ରହରୁ ।
ତା ଭାଷା ର ପୋଥି ପୁରାଣ ଭିତରୁ
ପାଏ ଜଗା ଆଶିଷ,
ସନ୍ଧ୍ୟା ର ଭଜନ ଭାଗବତ ଗାନ
ମେଣ୍ଟାଏ ନିରାଶା ଶୋଷ ।
ଆମ୍ବ ବଉଳ ରେ ତୁଳସୀ ପତ୍ରରେ
ବାନ୍ଧେ ସମ୍ବନ୍ଧ କୋଣାର୍କ ,
ଜଗା କୁ ରଖି ସେ ଆପଣା ପଣ ରେ
ଚଢ଼େ ଅସ୍ମିତା ର ଅର୍କ ।।
ଓଡ଼ିଆ ଭାଷା ରେ ଜୟ ଜଗନ୍ନାଥ
କହିଦେଲେ ହୃଦ ଖୋଲି,
ଶୂନ୍ୟ ରେ ପୂର୍ଣ୍ଣତା ଦ୍ୱାର ଖୋଲି ଯାଏ
ସବୁ ଦୁଃଖ ଯାଏ ଭୁଲି। ।

**ଭୁବନେଶ୍ୱର**
**ମୋବାଇଲ୍: ୯୩୩୮୨୯୪୭୫୭**



## ସମ୍ପର୍କ ଭିତରେ

**ବିଷ୍ଣୁ ପ୍ରସାଦ ମିଶ୍ର**

ଫଗୁଣ ଆସିଲେ ଫୁଲରେ ଫୁଲରେ
ମଳୟଟା ଖେଳା କରେ ,,
ନୀଳ ନଭେ ଦେଖି ପ୍ରୀୟ ଚନ୍ଦ୍ରମାକୁ
କୁମୁଦିନୀ ନିତି ଝୁରେ ।।
ବିଚରା ଭଅଁର ପଚାରେନି କେବେ
କେଉଁଟା ମଧୁର ଫୁଲ ,,
ତଥାପି ପଳାଶ ଦେଇଯାଏ ଦୋଷ
ଭଅଁରର କିବା ଭୂଲ ।।
ପ୍ରୀତି ଝୁରେ ସାଥୀ ସ୍ମୃତିର ପାହାନ୍ତି
ରାତି ଖାଲି ସ୍ୱପ୍ନ ଦିଏ ,,
ମତୁଆଲା ମନ ନିଦାଘ ପରଶେ
ଉଦ୍ବେଳିତ କେବେ ନୁହେଁ ।।
ଆନମନା ସାଜେ ଭାବର ତରଙ୍ଗ
ଅବୁଝା ମନର ତୀରେ ,,
ସ୍ମୃତି ଏଠି ସବୁ ଫିକା ଫିକା ବୋଲି
ନିରବତା କୁହେ ଧିରେ ।।
ପ୍ରେମ ଦରିଆର ମନ ନଉକାରେ
ସ୍ମୃତିର ଆହୁଲା ବଶେ ,,
ସମ୍ପର୍କ ଭିତରେ ପ୍ରତାରଣା ଛିଟା
ନଥାଏ ନାଉରୀ ପାଶେ ।।
ଅମଳିନ ପ୍ରେମ ସେଇ ସମ୍ପର୍କରେ
ଯେଉଁଠି ନଥାଏ ଛିଟା,,
ଯଉବନ ଖାଲି ସମୟ ଭିତରେ
ସ୍ମୃତି ସବୁବେଳେ ମିଠା ।।
ନିଦାଘ ବୈଶାଖୀ ବର୍ଣ୍ଣାଳୀ ବିଛାଏ
ମରୀଚିକା ସରହଦେ ,,
ପ୍ରତିଟି ସ୍ମୃତିରେ ଶବ୍ଦ ଗୁଞ୍ଜରଣ
କବିତା ରଚଇ ହୃଦେ ।।

**ରଥଶର୍ମା କଲୋନୀ**
**କୋରାପୁଟ**

## ଆମ ମନୋଜ ଭାଇ

**ଶ୍ରୀମତୀ ବାସନ୍ତୀ ଦାସ**

ଅଧ୍ୟାପକ ହୋଇ ଆଶ୍ରମେ ରହି
ଲେଖିଥିଲେ ବହୁ ବହି
ସାଧନା କରି ସେ ସୁଜ୍ଞାନି ହୋଇଣ
କଷ୍ଟ ସହିଥିଲେ ସେହି
ଓଡ଼ିଶାର ନାମ ଉଜ୍ଜ୍ୱଳ କରିଣ
ପଦ୍ମଭୂଷଣରେ ଭୂଷିତ
ସେଥିପାଇଁ ଆଜି ଅମର ହୋଇଣ
ଘୋଷୁଅଛି ତାଙ୍କ ନାମ ତ
ଅର୍ଦ୍ଧ ଙ୍ଗିନିତାଙ୍କ ହାତ ଛାଡ଼ିଗଲେ
ନ ହୋଇ ସେହ ବିଚଳିତ
କଲମ ମୁନରେ ଲେଖିଯାଇଛନ୍ତି
ଶିଶୁମାନଙ୍କର ଶିକ୍ଷାତ
ଧନ୍ୟ ମାତା ପିତା ସୁଯୋଗ୍ୟ ସନ୍ତାନ
ନାମ ରଖିଛନ୍ତି ସେହି ତ
ଅମର ହୋଇଣ ରହିଥିବେ ସେହି
ଯେତେଦିନ ରହିଥିବେ।

**କେନ୍ଦ୍ରାପଡ଼ା**



## ଦେବ କନ୍ୟା

**କାଳୀ ଦାସ**

ମୋ ଝରକାରୁ ଦେଖିଲେ
ଦିସେ ସେହି ଲମ୍ବା ରାସ୍ତା
ଲାଗେ ଯେମିତି
ଦିଗନ୍ତ ଛୁଇଁଛି
ସେ ସର୍ପିଳ ରାସ୍ତା ରେ ଆସିବ କି
ଦେବ କନ୍ୟା ?
ମୋ ମନର ଶୂନ୍ୟତାକୁ
ପୂର୍ଣ୍ଣ କରିବ କି
ତା ଓଠରେ ଫୁଲ ଫୁଟା ହସ
ମୋ ଜୀବନକୁ ସାର୍ଥକ କରିବ।
ତେଲ ଲୁଣର ସଂସାରର
ସଂକୀର୍ଣ୍ଣତାଠାରୁ ବହୁତ ଆଗରେ
ମୋ ହାତରେ ହାତ ରଖି
ସିଏ ଚାଲୁଥିବ।
ଅପୂର୍ଣ୍ଣତାର ଶବ୍ଦକୋଷ
ହଜିଯାଉ ଅନ୍ଧକାରରେ
ରଙ୍ଗିନ ଦୁନିଆର
ସ୍ୱପ୍ନ ସିଏ ସତେ ମତେ ଦେଖାଇବ
ଆସିବକି ଦେବ କନ୍ୟା
ମୋର ମ୍ଳାନ କୁଟୀରକୁ
ତାର ଆଲୋକରେ
ମୋର କୁଟୀର ଦ୍ୱାର ଆଲୋକ ହେବ
ପ୍ରତୀକ୍ଷାର ପ୍ରତିଟି ପ୍ରହର
ଲମ୍ବା ହୋଇ ଚାଲେ
ଲମ୍ବା। ସେହି ରାସ୍ତାଠାରୁ
ଶେଷ ନାହିଁ ଆଖି ପାଏ ନାହିଁ
ଦେବ କନ୍ୟା ହଜିଯାଏ
ମୁଁ ରହିଯାଏ ଏକା ଏକା ତାର ପ୍ରତିକ୍ଷାରେ
ବୋଧହୁଏ ଡରିଯାଏ ଦେବକନ୍ୟା
ମଣିଷ ଭିତରେ ଥିବା ପିଶାଚକୁ ଦେଖି
ଫେରିଯାଅ ଦେବ କନ୍ୟା
ଆସ ନାହିଁ ମୋ କୁଟୀରକୁ।

**ବ୍ରହ୍ମପୁର, ଖୋଡାସିଂଙ୍ଗି କଳିଙ୍ଗନଗର,**
**ମୋବାଇଲ୍: ୭୨୦୫୧୦୦୮୩୯**



## ହଳଦିଆ ମଲାଟ

**ଅଖିଳ କୁମାର ମିଶ୍ର**

ଗୋଟେ ମଲାଟ ସାଜି, ମୁଁ ତମକୁ ଦେଖିବାରେ ବ୍ୟସ୍ତ,
ତମେ କେଉଁ ପୃଷ୍ଠା ପଢ଼ିବାରେ ବ୍ୟସ୍ତ-
ଓ ଆଢ଼େଇ ଯାଉଚ କାହାକୁ।
ଦୁଃଖର କହୁଣୀବଂଧରେ, ହୁଏତ
ପୋଛି ନେଇପାରେ ଧାବମାନ ମୁକ୍ତାରଂଗ ଅଶ୍ରୁ,
ସଂସାରର ସମସ୍ତ ତୁଫାନ୍‌ର ବେଦନା ଆସି ମିଶିଯାଇଚି
ଆଖିମାନଙ୍କର ସନ୍ଧିରେ-
ମୁଁ ତ ପୁନଶ୍ଚ ଚଳତ୍‌ମାନ ନିରବତା ଭଳି,
ସାମ୍‌ନାସାମ୍‌ନି ତମକୁ ଦେଖୁଚି, ପ୍ରତିଦିନ ମୁଲାକାତ୍‌ରେ।
ତମେ ହିଁ ତ ସେ ମଣିଷ ଯିଏକି ଦେଖିଲାକ୍ଷଣି,
ବାମ ହାତରେ ଏଡ଼େଇ ଯାଅ ଓ ବ୍ୟବହାର କର
ନ ଦେଖିଲା ପରି।
ଭାଗ୍ୟ ଯେଉଁ ଖେଳ ଖେଳେ,
ସେଥିରେ ସବୁଠାରୁ କ୍ଷମତାଶାଳୀ କୋଉ ପୃଷ୍ଠା ?
ଏମିତି କିଛି ଅନୁବଂଧ ରହିଚି କି,
ପୃଷ୍ଠା ସରିଯିବ, ବହି ସରିବନି,
ସକଳ ବାଧବାଧକତାର ଫରୁଆରେ,
ଦଉଡ଼ି ଦଉଡ଼ି ଯାଉଥିବ ଚିହ୍ନା ପରିଚୟ।
ମୁଁ କ'ଣ ସେଇ ରାତି ଯାହାକୁ ତମେ କାଟି ପାରିଲନି,
ମୁଁ କଣ ସେଇ ମୁହୂର୍ତ୍ତ ଯାହାକୁ ତମେ ଭୁଲି ପାରିଲନି,
ମୁଁ କି ସେଇ ବାଦଲ ଯାହାକୁ ତମେ ଛୁଇଁ ପାରିଲନି,
ମୁଁ କି ସେ ଭରସା, ଯାହାକୁ ତମେ ପାଇ ପାରିଲନି!
ଏବେ ବି ବିଶ୍ୱାସ ରଖିବି ?
ଚିରକୁଟ୍ ସାଜି ପଡ଼ିଥିଲା ବେଳେ,
ତମେ ପୁଣି ଛୁଇଁବ ଓ ସଜେଇ ଦବ
ପ୍ରଥମ ପୃଷ୍ଠା ପୂର୍ବରୁ ?

**ଆଡିସ୍‌ନାଲ ଡିଜି,**
**ପିଆଇବି, ଭୁବନେଶ୍ୱର**





**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**



## ପୋଡ଼ା ଥାଳିଆର ଭାଗ୍ୟ ଓ ସମ୍ପର୍କରେ ସାବଧାନତା

ଟିକେ ଅସାବଧାନତାରୁ ଥାଳିଆଟା ପୋଡ଼ି ଗଲା। ଟିକେ ଆଗରୁ ଚକ୍ ଚକ୍ କରୁଥିଲା, ଏବେ ବିକୃତ। ମଜବୁତ୍ ଅଛି। ବ୍ୟବହାର ବି କରି ହବ। ହେଲେ ଏଇଟାକୁ ଦେଖିଲେ ସେଇ ଅସାବଧାନତା କଥା ମନେ ପଡିବନି କି? ଆଉ କଣ ସେମିତି ଶାନ୍ତି ଲାଗିବ ସେଥିରେ ଖାଇଲେ! ସମ୍ପର୍କ ବି ଠିକ୍ ସେଇ ପରି। ଗଢି ଉଠିଲା ବେଳେ କେଡେ ଆବେଗିକ, କେଡେ ଚକ୍ ଚକ୍। ଟିକେ ଟିକେ ଅସାବଧାନତାରୁ ନଷ୍ଟ ହେଇଯାଏ ତାର ସୁକୁମାରପଣ। ବାରମ୍ବାର ନିଜକୁ ପ୍ରମାଣ କରିବାକୁ ପଡେ ଏଥର। କୈଫିୟତ ଦେବାକୁ ପଡେ। ସେଥିରେ କଣ ଫେରି ଆସେ ସମ୍ପର୍କର ମୌଳିକତା? ଆପଣଙ୍କ ଜୀବନରେ ଏମିତି ବହୁତ୍ ଲୋକଙ୍କୁ ଭେଟିଥିବେ। ସେମାନେ ଆପଣଙ୍କର ପ୍ରିୟ। ଆପଣ ଆପଣଂକ ଶ୍ରମ, ସମୟ ଓ ସକଳ ଆବେଗ ଦେଇ ସେ ସମ୍ପର୍କଟି ତିଆରି କରି ଥିବେ। ମଜବୁତ୍ ରଖିଥିବେ ତାର ମୂଳଦୁଆ। କିନ୍ତୁ ଦିନେ ଦେଖିବେ ଭିତର କାଛ ସବୁ ପୋଲା ହେଇ ଗଲାଣି। ସେ ବ୍ୟକ୍ତି ନିଜର ସମସ୍ୟା, ନିଜର ସୁଖ ଦୁଃଖ ନେଇ ଏତେ ବ୍ୟସ୍ତ ଯେ ଆପଣଙ୍କ ଆବେଗର କିଛି ମୂଲ୍ୟ ଦେଇ ପାରେନି। ଆପଣ ସିନା ଦୁଃଖ କରିବେ, ହେଲେ ପ୍ରକୃତରେ ଏହା ଦୁଃଖର ବିଷୟ ନୁହେଁ। ଏଥିରୁ ଜାଣି ପାରିବେ ଯେ ସବୁ କିଛି ପରିବର୍ତ୍ତନଶୀଳ। ହୁଏତ ଆପଣ ଭାବିବେ ନୂଆ ସମ୍ପର୍କଟିଏ ତିଆରି କରି ପୁରୁଣାକୁ ଭୁଲି ଯିବାକୁ। ସତରେ କଣ ଭୁଲି ହୁଏ? ପୁଣି ସେଇ ଆବେଗ, ପୁଣି ସେଇ ଅହେତୁକ ଆଶା, ହତାଶବୋଧ ଓ ମନସ୍ତାପ। ବରଂ ନିଜ ସହ ଗୋଟେ ଭଲ ପରିଚିତି ଆବଶ୍ୟକ। ଆମେ କଣ ଚାହେଁ? କାହା ଠାରୁ ଚାହେଁ? ଆମର ଅନ୍ୟକୁ ଭଲ ପାଇବା ବି ଏକ ପ୍ରକାର ସ୍ୱାର୍ଥପରତା ନୁହେଁ କି? ଏହା ଆମକୁ ଆନନ୍ଦ ଦିଏ ବୋଲି ତ ଆମେ ଭଲ ପାଏ, ଦୁଃଖ ଦେଲେ ପାଇବା କି? ନିଜର ପ୍ରତ୍ୟାଶା ଯଦି ଆମେ ନିଜେ ପୂରଣ କରି ପାରୁନେ ତେବେ ଆଉ ଜଣେ କିପରି କରି ପାରିବ?

ଆମର ଜଣେ ସାର୍ କହନ୍ତି ତୁମେ କବି ଗୁଡ଼ାକ ଖାଲି ଜହ୍ନ ତାରା କୁ ନେଇ ମାତିଲ। ଆରେ, ତଳେ ଯେ ମଣିଷଗୁଡା ଅଛନ୍ତି। ମୁଁ କହେ, 'ସାର୍, ମଣିଷ ଆଉ ଭରସା ଯୋଗ୍ୟ ହୋଇ ରହି ନାହିଁ। ଏମାନେ ତୁଚ୍ଛା ମିଛ ଉପରେ ଗଢି ପାରନ୍ତି ପ୍ରେମର ତାଜମହଲ। କବିଟିଏ ବାଟବଣା ହେବା ଥୟ। ବରଂ ସେଇ ଜହ୍ନ ତାରା ରାଇଜ ହିଁ ଆମ ପାଇଁ ଠିକ୍।" ଲୋକତ ତାଙ୍କ ଅସୁବିଧାରେ, ଏକୁଟିଆପଣରେ, ବିରହରେ ତୁମକୁ ଲୋଡ଼ିବେ। ତୁମ ଦୁଃଖ ସୁଖରେ ତାଙ୍କର ମତଲବ୍ ନଥାଏ। ତୁମେ ରାତି ପୁହାଇ କବିତା ଲେଖିଲେ କଣ ହବ? ତାକୁ ସ୍କ୍ରଲ କରି ଏଡ଼ାଇ ଯିବ ତୁମେ ପଢାଇବାକୁ ଚାହୁଁ ଥିବା ଲୋକଟି। ତୁମେ ଭଲ ପାଉଥିବା, ସମୟ ଦେଉଥିବା, ସାହାଯ୍ୟ କରୁଥିବା ଲୋକଟି ଦିନେ ତୁମକୁ ଭାବପ୍ରବଣ "ଇମୋସନାଲ ଫୁଲ୍"ଟିଏ ଭାବି ଏଡାଇଦବ। ତୁମ ପ୍ରେମ ତୁମର। ତୁମ ଦୁଃଖ ବି ତୁମର। ପ୍ରେମ କବିତା ପ୍ରେମ ସୃଷ୍ଟି କରିବାକୁ ଅସମର୍ଥ। ନହେଲେ କଣ ସେକ୍ସପିଅର ଡାର୍କ ଲେଡିଙ୍କୁ ହରେଇ ଥାଆନ୍ତେ? ପ୍ରେମକୁ ନେଇ ଏତେ ତାତ୍ତ୍ୱିକ କବିତା ଲେଖିବା ସତ୍ତ୍ୱେ ପ୍ରକୃତ ପ୍ରେମ ପାଇଲେ କି? ପ୍ରେମକୁ ନେଇ ଯେଉଁ ଆତ୍ମିକ ସ୍ତରର ଅନୁଭବ ସବୁ ଲେଖାହୋଇଚି, ସାଧାରଣ ମଣିଷ ସେସବୁର ବିନ୍ଦୁ ବିସର୍ଗ ବୁଝେ ନାହିଁ। ମଣିଷ ନିଜର ଦୁଃଖ କହି ହାଲୁକା ଅନୁଭବ କରେ କେବଳ। ଆଶା କରୁଥିବା ସମବେଦନାର ଅଭାବରେ ଖରାପ ହୋଇ ଯାଏ ସମ୍ପର୍କ।

ଜୀବନ ସତର ନଟେଇରେ ବନ୍ଧା ମିଛ ଗୁଡ଼ିଟିଏ। କଟିଯିବାର ଭୟ ଠାରୁ ଉଡାଣର ମୋହ ଢେର୍ ଅଧିକ। ଚକ୍ ଚକ୍ ମିଛଗୁଡିଟି ଦିନେ ନିଜ ବାଟରେ ଉଡ଼ି ଯାଏ। ହାତରେ ପଡ଼ି ରହେ ପରିତ୍ୟକ୍ତ ନଟେଇ। ଆମର ନିଜସ୍ୱ କର୍ମ ହିଁ ସ୍ଥିର କରିବ ଆମେ କେଉଁ ପ୍ରକାର ପରିଣାମ ଭୋଗ କରିବାକୁ ଯାଉଛନ୍ତି।ମାତ୍ର ମଣିଷ ଅଧିକାଂଶ ସମୟରେ କର୍ମକୁ ନଦେଖି ଭଗ୍ୟବାଦୀ ହୋଇ ଯାଏ। ଏକ ଆକଳନରୁ ଜଣା ଯାଏ ଯେ ଭାରତରେ ୧୮ରୁ ୨୫ ବର୍ଷ ବୟସର ଯୁବକ ମାନଙ୍କ ମଧ୍ୟରୁ ୬୫% ଭାଗ୍ୟ ଉପରେ ଓ ୩୭% ଭବିତବ୍ୟ ଉପରେ ନିର୍ଭର କରନ୍ତି। ୨୪ରୁ ୩୪ବର୍ଷ ବୟସ୍କମାନେ ୬୯% ଭାଗ୍ୟ ଓ ୪୩% ଭବିତବ୍ୟ କୁ ଦାୟୀ କରନ୍ତି। ଫଳରେ କାର୍ଯ୍ୟରେ ଅସଫଳତା, ସମ୍ପର୍କରେ ତିକ୍ତତା ଓ ଜୀବନରେ ଅସ୍ଥିରତା ପାଇଁ ଏକ ଅଦୃଶ୍ୟ ଶକ୍ତି କାମ କରେ ବୋଲି ଆମେ ସ୍ଥିର କରି ନେଉ। ଏହି ଭାଗ୍ୟବାଦୀ ଚିନ୍ତାଧାରା ହିଁ ଆମକୁ କର୍ମବିମୁଖ କରି ଦିଏ। ଆମେ ଏକଥା ମଧ୍ଯ ଭୁଲି ଯାଉ ଯେ ସମ୍ପର୍କର ଯତ୍ନ ନେବା ମଧ୍ଯ ଆମ କର୍ମର ଏକ ଅଂଶ। ଯଦିଓ ଆମର ତଥାକଥିତ ସମ୍ପର୍କ ଗୁଡ଼ିକ ସମୟେ ସମୟେ ଆମର ଉତ୍ତମ ଓ ନିମ୍ନ କର୍ମର ନିୟାମକ ସାଜି ଥାଏ। ବାଲ୍ମିକୀ ଋଷି ପାରିବାର ଓ ସମ୍ପର୍କ ପାଇଁ ଦିନେ ଦସ୍ୟୁ ରତ୍ନାକର ସାଜିଥିବା କଥା ଆମେ ସମସ୍ତେ ଜାଣୁ।

ଭାରି କୋମଳ ଏ ହୃଦୟର ଆବେଗିକ ସଂରଚନା। ଟିକେ ଟିକେ ରାଗ, ଅଭିମାନରେ ଭାଙ୍ଗି ଯାଏ ବର୍ଷ ବର୍ଷର ମଜବୁତ୍ ପଣ। ହୃଦୟର କଷ୍ଟ ନା କହି ହୁଏ ନା ସହି ହୁଏ। ପାଲିସ କରା ହସ ସହ ଗୋଳି ଦେଇ ପିଇ ନେବାକୁ ପଡେ କଷ୍ଟ ବୋଲି ଯାହା କିଛି।

ସବୁ ସଂପର୍କ ଇତିହାସ ପୃଷ୍ଠା ରେ ଲିପିବଦ୍ଧ ହୋଇ ପାରେନି । କିନ୍ତୁ ସବୁ ସଂପର୍କର ଗୋଟେ ଇତିହାସ ଥାଏ । ଯେତେ ବେଳେ ଉତ୍ତାଳ ହୁଏ ପବନ, ଭିଜାମାଟିର ବାସ୍ନା ନେଇ ମତୁଆଲା ହୁଏ କେହିଜଣେ । ଅନ୍ଧାରରେ ବି ଦେଖି ହୁଏ ମୁହଁ ତାର । ସ୍ପଷ୍ଟ । ସେଇଠୁ ସୃଷ୍ଟି ହୁଏ ଆବେଗିକ ସମ୍ପର୍କ। ଅବିଶ୍ୱାସର ପାଚେରୀଟା କଣ ଏତେ ଶକ୍ତ? ଆମ ଭିତରେ ଯେଉଁ ମହାଜାଗତିକ ସୂକ୍ଷ୍ମ ରୂପ ନେଇ ପ୍ରେମ ବଞ୍ଚିଥାଏ, ତାହା କଣ ଅବିଶ୍ୱାସ ଓ ଘୃଣାର ପାଚେରୀକୁ ଧୂଳିସାତ କରିବାର କ୍ଷମତା ରଖେନାହିଁ? କିଛି ସମ୍ପର୍କ କର୍ତ୍ତବ୍ୟ ଓ ଅଧିକାର ବହିର୍ଭୂତ ଓ ଆବେଗିକ ଆବଶ୍ୟକତାରୁ ତିଆରି ହୋଇ ଥାଏ। ତେଣୁ ସେସବୁକୁ ସମ୍ଭାଳି ରଖିବା ପାଇଁ ଆତ୍ମ ସଂଶୋଧନ ଜରୁରୀ। ପ୍ରତ୍ୟାଶା ବିହୀନ କର୍ତ୍ତବ୍ୟ ଓ ସହନଶୀଳ ଗ୍ରହଣୀୟତା ହିଁ ସବୁ ସମ୍ପର୍କର ମୂଳ ତତ୍ତ୍ୱ। ସାବଧାନ ନରହିଲେ ଶେଷରେ ଆମକୁ ପୋଡ଼ା ଥାଳିଆରେ ହିଁ ଖାଇବାକୁ ପଡେ।




## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ପିପୁଲସ୍ ସିଏମ୍' ଉନ୍ମୋଚିତ

**କେନ୍ଦୁଝର,୨।୩(ସଂଚାର ବ୍ୟୁରୋ):** ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଫ୍ୟାନ ସଙ୍ଗ୍ ମୁକ୍ତିଲାଭ କରିଛି। 'ପିପୁଲସ୍ ସିଏମ ମୋହନ' ଶୀର୍ଷକ ଏହି ଗୀତକୁ ନିଜେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉନ୍ମୋଚନ କରିଛନ୍ତି। ଆଜି ରାଇକଳାଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ଡାକ୍ତର ପ୍ରିୟଙ୍କା ମାର୍ଣ୍ଡି, ମା' ନାସମଣୀ ମାଝୀ, ଶିକ୍ଷାବିତ ଦୀନବନ୍ଧୁ ବାରିକ , ଅଭିନେତା ସବ୍ୟସାଚୀ, ଅଭିନେତ୍ରୀ ଅର୍ଚ୍ଚିତା, ବରିଷ୍ଠ ବିଜେପି ନେତା ଗୌତମ ରାୟ ଯୋଗ ଦେଇଥିଲେ। ଏହି ଗୀତକୁ ଗୀତିକାର ସୁବ୍ରତ ସ୍ୱାଇଁ ଲେଖିଥିବା ବେଳେ ପ୍ରେମ ଆନନ୍ଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଏବଂ ଜଣାଶୁଣା କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର ଏଥିରେ କଣ୍ଠଦାନ କରିଛନ୍ତି। ଯୁଗଜ୍ୟୋତି କ୍ଲବ ପକ୍ଷରୁ ପ୍ରସ୍ତୁତ ଏହି ଗୀତକୁ ଉନ୍ମୋଚନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଭିନ୍ନ ସମୟରେ ଅନେକ ରାଜନୈତିକ ବ୍ୟକ୍ତିଙ୍କ ସମ୍ପର୍କରେ ପ୍ରଶଂସାମୂଳକ ଗୀତ ସୃଷ୍ଟି ହୋଇଛି। ମାତ୍ର ଆଜି ଉନ୍ମୋଚିତ ହୋଇଥିବା ଗୀତଟି ରାଜ୍ୟ ସରକାରଙ୍କ ଅନେକ ସଫଳ ଯୋଜନାକୁ ଅଗ୍ରାଧିକାର ପ୍ରଦାନ ପୂର୍ବକ ପ୍ରସ୍ତୁତ ହୋଇଛି, ଯାହା ଶ୍ରୋତାମାନଙ୍କୁ ଭଲ ଲାଗିବା ସହ ଓଡ଼ିଶାବାସୀଙ୍କୁ ସରକାରଙ୍କ ସଫଳ ଯୋଜନା ସମ୍ପର୍କରେ ଅବଗତ କରାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗୀତିକାର ଶ୍ରୀ ସ୍ୱାଇଁ, ଆଇଜି ବ୍ରିଜେଶ ରାୟ, ଜିଲ୍ଲାପାଳ ବିଶାଳ ସିଂ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିରରେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା

● ଧାଡ଼ି ଦର୍ଶନ ବ୍ୟବସ୍ଥାର ସମୀକ୍ଷା କଲେ



**ପୁରୀ,୨।୩(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ହେବାକୁଥିବା ଧାଡ଼ି ଦର୍ଶନ ବ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ପ୍ରକାଶ ମିଶ୍ର ଆଜି ସମୀକ୍ଷା କରିଛନ୍ତି। ଆଜି ପୁରୀ ଗସ୍ତରେ ଆସି ଶ୍ରୀ ମିଶ୍ର ଶ୍ରୀମନ୍ଦିରରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ ପରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ, ଏସପି ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ସୁଚାରୁ ରୂପେ କରାଯିବା ନେଇ ଓବିସିସି ଓ ଏଏସଆଇ ପକ୍ଷରୁ ପ୍ରସ୍ତୁତ ସ୍ୱତନ୍ତ୍ର ପ୍ଲାନ୍ ସମ୍ପର୍କରେ ପଚାରି ବୁଝିବା ସହ ଶ୍ରୀ ମିଶ୍ର ଏହାର କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଛନ୍ତି। ଶ୍ରଦ୍ଧାଳୁମାନେ ଯେପରି ନାଟମଣ୍ଡପ ଦେଇ ପ୍ରବେଶ କରି ଶ୍ରୀଜିଉଙ୍କ ଦର୍ଶନ କରିବା ପରେ ବେଶ୍ ସୁରୁଖୁରୁରେ ପ୍ରସ୍ଥାନ କରିବେ, ସେନେଇ କରାଯାଇଥିବା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି ଶ୍ରୀ ମିଶ୍ର। ଏହି ବ୍ୟବସ୍ଥା ଆଗାମୀ ଦିନରେ ଲାଗୁ କରାଯିବାର ଯୋଜନା ଥିବା ବେଳେ ପରିଚାଳନା କମିଟିର ଅନୁମୋଦନ ପରେ ଏହା କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେପଟେ ହୁଣ୍ଡି ସ୍ଥାନାନ୍ତର ପ୍ରକ୍ରିୟା ଏକ ନୀତିଗତ ନିଷ୍ପତ୍ତି ରହିଥିବା ବେଳେ ଧାଡ଼ି ଦର୍ଶନ ବ୍ୟବସ୍ଥାରେ ବୟସ୍କ, ଶିଶୁ, ମହିଳା ଓ ଭିନ୍ନକ୍ଷମଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ସେ ମତ ରଖିଛନ୍ତି।

## ଏପ୍ରିଲ ୧ରୁ ଲାଗୁ ହେବ ଆଇନଜୀବୀ କଲ୍ୟାଣ କର୍ପସ ଫଣ୍ଡ୍ ଆଇନ

**କଟକ,୨।୩(ସଂଚାର ବ୍ୟୁରୋ):** ଆସନ୍ତା ଏପ୍ରିଲ ୧ରୁ ଲାଗୁ ହେବ ଆଇନଜୀବୀ କଲ୍ୟାଣ କର୍ପସ ଫଣ୍ଡ୍ ଆଇନ-୨୦୨୦। ନିୟମ ଲାଗୁ ନେଇ ଓଡ଼ିଶା ଆଇନଜୀବୀ ପରିଷଦ ନିଷ୍ପତ୍ତି ନେଇଥିବାବେଳେ କଟକ ରାଜ୍ୟ ବାର୍ କାଉନସିଲ୍ ପକ୍ଷରୁ ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି କର୍ପସ ଫଣ୍ଡ୍ ବ୍ୟବସ୍ଥା ଲାଗୁ ହେଲେ ରାଜ୍ୟର ଆଇନଜୀବୀମାନଙ୍କ ପାଇଁ ସେମାନଙ୍କ ମହକିଲଙ୍କ ପ୍ରତ୍ୟେକ ମକଦ୍ଦମା ରୁଜୁ ସମୟରେ ୧୦୦ ଟଙ୍କାର ଆଡଭୋକେଟ ୱେଲଫେୟାର କର୍ପସ ଫଣ୍ଡର ଷ୍ଟାମ୍ପ ଲଗାଇବା ବାଧ୍ୟତାମୂଳକ ହେବ। ଏହି ଫଣ୍ଡ୍‌ରେ କେନ୍ଦ୍ର ସରକାର, ରାଜ୍ୟ ସରକାର,ଭାରତୀୟ ବାର୍ କାଉନସିଲ, ଘରୋଇ କମ୍ପାନୀ କିମ୍ବା ବ୍ୟକ୍ତିବିଶେଷ ମଧ୍ୟ ଅନୁଦାନ ଦେଇପାରିବେ। ଏହି କର୍ପସ ଫଣ୍ଡରେ ଆଦାୟ ହୋଇଥିବା ଅର୍ଥର ୨୦ ଭାଗ ପଞ୍ଜୀକୃତ ବାର୍ ଆସୋସିଏସନମାନଙ୍କୁ ଫେରାଇବାର ନିୟମ ରହିଛି। ସେହିପରି ୪ ଭାଗ ଅର୍ଥ ପଞ୍ଜୀକୃତ ବାର୍ ଆସୋସିଏସନ ଲାଇବ୍ରେରୀ ନବୀକରଣ, ୩ ଭାଗ କନିଷ୍ଠ ଅଧିବକ୍ତାଙ୍କୁ ସହାୟତା, ୧୨ ଭାଗ ଅଧିବକ୍ତାଙ୍କ ଚିକିତ୍ସା, ୧୦ ଭାଗ ମୃତ୍ୟୁକାଳୀନ ଭତ୍ତା, ୧୦ ଭାଗ ଜରୁରୀକାଳୀନ ପରିସ୍ଥିତି, ୧ ଭାଗ ରାଜ୍ୟ ଆଇନଜୀଜୀ ପରିଷଦର ପାଠାଗାର ଓ ୨୦ ଭାଗ ଓଡ଼ିଶା ଆଇନଜୀବୀ ପରିଷଦର ସାମୂହିକ ଖର୍ଚ୍ଚ ନିମନ୍ତେ ବିନିଯୋଗ କରାଯିବ।

ତା'ଛଡ଼ା ଉକ୍ତ ଅର୍ଥକୁ ପ୍ରତ୍ୟେକ ବାର ଆସୋସିଏସନରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ଆଲୋଚନାଚକ୍ର ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ। ଏଥିସହ ହୃଦ୍‌କ୍ରିୟା, ଫୁସ୍‌ଫୁସ୍, ଯକୃତ ଭଳି ଗୁରୁତର ରୋଗର ଶିକାର ହୋଇଥିବା ଆଇନଜୀବୀଙ୍କ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତାର ବ୍ୟବସ୍ଥା ମଧ୍ୟ ରହିଛି। ଏହି ଅବସରରେ ସରକାର ରାଜ୍ୟର ଆଇନଜୀବୀମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ବୀମା ବ୍ୟବସ୍ଥା ଓ ଆଇନଜୀବୀ ସୁରକ୍ଷା ଆଇନ ତୁରନ୍ତ ଲାଗୁ କରିବା ପାଇଁ ବାର୍ କାଉନସିଲ ପକ୍ଷରୁ ଦାବି କରାଯାଇଛି।

### ରମାଦେବୀ ଛାତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀଙ୍କ ଖୋଲା କଥାବାର୍ତ୍ତା

# ମହିଳା ସଶକ୍ତିକରଣ ନାରା ନୁହେଁ, ଏକ ପ୍ରକ୍ରିୟା

**ଭୁବନେଶ୍ୱର,୨।୩(ସଂଚାର ବ୍ୟୁରୋ):** ଆଜି ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୫ ପାଳନ ଉପଲକ୍ଷେ ସ୍ଥାନୀୟ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି ଏକ ଯୁବ ସମ୍ମିଳନୀ। ଏହି କାର୍ଯ୍ୟକ୍ରମରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ତଥା ଅନ୍ୟ ମହାବିଦ୍ୟାଳୟରୁ ଆସିଥିବା ଯୁବପିଢ଼ି ମାନଙ୍କ ସହ ସିଧା ଆଲୋଚନା କରିଥିଲେ। ବିଭିନ୍ନ ପ୍ରମୁଖ ପ୍ରସଙ୍ଗ ଯଥା - ମହିଳା ସଶକ୍ତିକରଣ, ଯୌନ ଭିତ୍ତିକ ହିଂସା, ରାଜନୀତିରେ ମହିଳାମାନଙ୍କ ଭୂମିକା, ମାନସିକ ସ୍ୱାସ୍ଥ୍ୟ, ଲିଙ୍ଗଗତ ଅସମାନତା ଓ ମହିଳାମାନଙ୍କ ଅର୍ଥନୈତିକ ଭାଗିଦାରୀ ଉପରେ ଛାତ୍ରୀମାନଙ୍କ ସହ ଖୋଲା କଥାବାର୍ତ୍ତା କରିଥିଲେ। ଯୁବପିଢ଼ିମାନଙ୍କ ନିର୍ଣ୍ଣୟ ନେବାର ସ୍ୱାଧୀନତା ଓ ନିଜ ଦକ୍ଷତା ଉପରେ ଆତ୍ମବିଶ୍ୱାସ ମହିଳା ସଶକ୍ତିକରଣକୁ ଆହୁରି ସୁଦୃଢ଼ କରିବ। ମହିଳା ସଶକ୍ତିକରଣ ଏକ ନାରା ନୁହେଁ, ଏହା ଏକ ପ୍ରକ୍ରିୟା। ଯାହା ପିଢ଼ି ପରେ ପିଢ଼ି ଆଗକୁ ଚାଲିଥିବ। ମା ସାହସୀ



ହେଲେ ଝିଅ ସାହସୀ ହେବ। ଜଣେ ମହିଳା ହିସାବରେ କ୍ୟାରିଅର ସହ ଶିଶୁ ଲାଳନପାଳନକୁ ମଧ୍ୟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ସେ ଉଲ୍ଲେଖ କରିଥିଲେ। ସମାଜରେ ମହିଳାଙ୍କୁ ଦେଖିବାର ମାନସିକତା ବଦଳେଇବାର ସମୟ ଆସିଛି ବୋଲି ସେ ଦୃଢ଼ ମତ ରଖିଥିଲେ।

ନିଜ ପ୍ରତିଭା ଓ ଯୋଗ୍ୟତା ସହ ପରିବର୍ତ୍ତିତ ସମାଜର ଜୀବନଧାରାକୁ ସରଳ କରିବା ନିମନ୍ତେ ମାନସିକ ସ୍ୱାସ୍ଥ୍ୟକୁ ସେ ଗୁରୁତ୍ୱ ଦେଇଥିଲେ। ମହିଳା ଓ ଯୁବପିଢ଼ିକୁ ମାନସିକତା ସୁସ୍ଥତା ସହ ଯୋଗ, ପ୍ରାଣାୟାମ ଆଦି କରିବାକୁ ସେ ଉପଦେଶ ଦେଇଥିଲେ। ଯୌନଭିତ୍ତିକ ସମ୍ବନ୍ଧୀୟ ପ୍ରଶ୍ନରେ ସେ କହିଲେ ଯେ ମହିଳା ସୁରକ୍ଷାକୁ ଆମ ସରକାର ପ୍ରାଥମିକତା ଦେଉଛନ୍ତି। ରାଜ୍ୟରେ ଖୁବ୍‌ଶୀଘ୍ର ବିଶାଖା ଗାଇଡ଼ଲାଇନକୁ ଜାରି କରାଯିବ ଓ ମହିଳା କୋର୍ଟକୁ ପ୍ରାଧାନ୍ୟ ଦିଆଯିବ। ଏଥିସହ ମାନସିକ ସ୍ତରରେ ଝିଅମାନଙ୍କୁ ସଶକ୍ତ ହୋଇ ଆତ୍ମରକ୍ଷାର କୌଶଳ ଶିଖିବାକୁ ସେ ପ୍ରେରଣା ଯୋଗାଇଥିଲେ। ଯେ ପୀଡ଼ା ପାଇଛି ସେ ପୀଡ଼ିତା ନୁହେଁ, ଯେ ପୀଡ଼ା ଦେଇଛି ସେ ହିଁ ପୀଡ଼ିତା ବୋଲି ସେ ଦୃଢ଼ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ସମେତ ବିଭାଗୀୟ ନିର୍ଦ୍ଦେଶକ ଓ ସମାଜ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ମୋନିଷା ବାନାର୍ଜୀ ଉପସ୍ଥିତ ଥିଲେ। ରମାଦେବୀ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷଙ୍କ ସହ ବହୁ ପ୍ରାଧ୍ୟାପକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।




## ୪୫ ମିନିଟ ଅନ୍ଧାରରେ ରହିଲା ଏସସିବି

**କଟକ,୨।୩(ସଂଚାର ବ୍ୟୁରୋ):** ବିଶ୍ୱସ୍ତରୀୟ ହସ୍ପିଟାଲ ହେଉଛି କଟକ ବଡ ମେଡିକାଲ। କୋଟି କୋଟି ଟଙ୍କା ଖର୍ଚ୍ଚରେ ଭିତ୍ତିଭୂମିର ଉନ୍ନତିକରଣ ଚାଲିଛି। ବଡ଼ ବଡ କୋଠା ତିଆରି ଚାଲିଛି। ହେଲେ, ବଡ଼ ମେଡିକାଲର ପିଛା ଛାଡୁନି ଅବ୍ୟବସ୍ଥା। କେତେବେଳେ ଲିଫ୍ଟ ଚାଲୁନିତ ତ ଆଉ କେତେବେଳେ ପାଣି ସମସ୍ୟା ଦେଖାଦେଉଛି। ଆଉ ବିଜୁଳି କଥା ତ ନ କହିବା ଭଲ। ପୂର୍ବରୁ ମଧ୍ୟ ବଡ଼ ମେଡ଼ିକାଲରେ ବିଜୁଳି କାଟ ନେଇ ରୋଗୀ ଓ ସେମାନଙ୍କ ପ୍ରିୟଜନ ଅସନ୍ତୋଷ ଝାଡିଥିବା ବେଳେ ଆଜି ପୁଣି ୪୫ ମିନିଟରୁ ଅଧିକ ସମୟ ଧରି ବନ୍ଦ ରହିଥିଲା ବିଜୁଳି ସେବା। ଏସିସିବି ବଡ ମେଡିକାଲରେ ରଞ୍ଜନରଶ୍ମି ବିଭାଗରେ ୪୫ ମିନିଟ୍‌ରୁ ଅଧିକ ସମୟ ଧରି ବିଦ୍ୟୁତ୍ କାଟ ରହିଥିଲା। ଡ଼ାକ୍ତରଖାନାରେ ସମସ୍ତ କାମ ବିଦ୍ୟୁତ୍ ଦ୍ୱାରା ହୋଇଥିବା ବେଳେ, ଏଭଳି ବିଭ୍ରାଟ କାରଣରୁ ଅଲଟ୍ରାସାଉଣ୍ଡ ପାଇଁ ଅପେକ୍ଷାରେ ରହିଥିଲେ ବହୁ ଗୁରୁତର ରୋଗୀ। ଯାହା ପରେ ଦୀର୍ଘ ସମୟ ବିଦ୍ୟୁତ କଟିବାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ମଧ୍ୟ ପ୍ରକାଶ ପାଇଥିଲା। ରାଜ୍ୟର ସବୁଠାରୁ ବଡ ଓ ନିର୍ଭର ଯୋଗ୍ୟ ହସ୍ପିଟାଲ କଟକ ଏସସିବି ମେଡିକାଲ । ରାତି ପାହିଲେ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଲୋକ ଏସସିବିକୁ ଚିକିତ୍ସା ପାଇଁ ଆସିଥାନ୍ତି । ହେଲେ ଏଠି ଅନେକ ସମୟରେ ବିଭିନ୍ନ ବିଭାଗରେ ବିଦ୍ୟୁତ୍ କାଟ ଏକ ବଡ଼ ସମସ୍ୟା ହୋଇ ଏବେ ବି ଛିଡ଼ା ହୋଇଛି।

### ପ୍ୟାକେଜିଂ ୟୁନିଟ୍ ଉଦ୍‌ଘାଟନ କଲେ ରାଜ୍ୟପାଳ

# ଆର୍ଥିକ ଅଭିବୃଦ୍ଧିରେ ଭାଗୀଦାରୀ ହେଉ ଯୁବପିଢ଼ି

**ଭୁବନେଶ୍ୱର,୨।୩(ସଂଚାର ବ୍ୟୁରୋ):** ବହୁ କ୍ଷେତ୍ରରେ ଯୁବପିଢ଼ି ନିଯୁକ୍ତିରେ ସ୍ଥିରତା ଦୃଷ୍ଟିରୁ ଚାକିରି କରିବା ଦିଗରେ ମନ ବଳାଇଥାନ୍ତି। କିନ୍ତୁ ଯେଉଁମାନେ ଚାକିରି ଉର୍ଦ୍ଧ୍ୱରେ ସ୍ୱପ୍ନ ଦେଖିବାକୁ ସାହସ କରନ୍ତି, ସେମାନଙ୍କଠାରେ ବର୍ଦ୍ଧିତ ଅର୍ଥନୀତିର ପ୍ରକୃତ ଶକ୍ତି ରହିଥାଏ। ଏଣୁ ଯୁବପିଢ଼ି ଚାକିରି ପଛରେ ନ ଗୋଡାଇ ଉଦ୍ୟୋଗୀ ହେବା ସହ ରାଜ୍ୟ ତଥା ଦେଶର ଆର୍ଥିକ ଅଭିବୃଦ୍ଧିରେ ଭାଗୀଦାର ହେବାକୁ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି। ଆଜି କଟକ ରାମଦାସପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟଠାରେ ଫ୍ଲେକ୍ସିବଲ ପ୍ୟାକେଜିଂ ୟୁନିଟ୍‌ର ଉଦଘାଟନ ଅବସରରେ ରାଜ୍ୟପାଳ କହିଛନ୍ତି ଯେ ଏହି ପ୍ୟକେଜିଂ ୟୁନିଟ ରାଜ୍ୟର ଶିଳ୍ପ ଆତ୍ମନିର୍ଭରଶୀଳ ଯାତ୍ରାରେ ଏକ ମାଇଲଖୁଣ୍ଟ ସଦୃଶ। ଏଠାରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପାଇଁ ଉଚ୍ଚମାନର ପ୍ୟାକେଜିଂ ସୁବିଧା ରହିବା ସହ ଏ କ୍ଷେତ୍ରରେ ଅନ୍ୟ ରାଜ୍ୟ ଉପରେ ଓଡ଼ିଶାର ନିର୍ଭରଶୀଳତା ହ୍ରାସ ପାଇବ। ଏହା ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ସେବା ଯୋଗାଇବା ଉପରେ ବିଶେଷ ଧ୍ୟାନ ଦେଇଛି। ଏହି ପ୍ରକଳ୍ପ କେବଳ ଶିଳ୍ପ ଇକୋସିଷ୍ଟମକୁ ମଜବୁତ୍ କରିବ ନାହିଁ, ବରଂ ନିଯୁକ୍ତି ଓ ନବସୃଜନ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ରାଜ୍ୟପାଳ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଉଦ୍ୟୋଗ କ୍ଷେତ୍ରରେ ଓଡ଼ିଶା ସମ୍ଭାବନାରେ ପରିପୂର୍ଣ୍ଣ ଓ ଏହା ଆଗକୁ ବଢ଼ିବାକୁ ଚାହୁଁଥିବା ଯୁବକମାନଙ୍କ ପାଇଁ



ଅସୀମ ସୁଯୋଗ ପ୍ରଦାନ କରୁଛି। ରାଜ୍ୟ ସରକାର ଉଦ୍ୟୋଗ ଓ ଶିଳ୍ପ ବିକାଶ ପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେଉଛନ୍ତି। ଏଣୁ ଆମର ଯୁବପିଢ଼ିକୁ ଉଦ୍ୟୋଗୀ ହେବା ସହ ନବସୃଜନକୁ ଆପଣେଇବା, ସାହସୀ ପଦକ୍ଷେପ ନେବା ସହ ରାଜ୍ୟ ଓ ଦେଶର ଆର୍ଥିକ ଅଭିବୃଦ୍ଧିରେ ଯୋଗଦାନ ନିମନ୍ତେ ଉତ୍ସାହିତ କରିବାକୁ ସମସ୍ତେ ଆଗେଇ ଆସିବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି। ଫ୍ଲେକ୍ସିବଲ ପ୍ୟାକେଜିଂ ୟୁନିଟ ପ୍ରତିଷ୍ଠା କ୍ଷେତ୍ରରେ ଉଦ୍ୟୋଗୀ ଶ୍ରୀକାନ୍ତ ଖଟୁଆ ଓ ପ୍ରୀତୀଶ ସାହୁଙ୍କୁ ଉଲ୍ଲେଖନୀୟ ପଦକ୍ଷେପ ଓ ଅନୁକରଣୀୟ ନେତୃତ୍ୱ ପାଇଁ ରାଜ୍ୟପାଳ ଅଭିନନ୍ଦନ ଜଣାଇଛନ୍ତି।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଏମଏସଏମଇ ଓ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇଥିଲେ। ପ୍ରାରମ୍ଭରେ ଓଡ଼ିପାକ ସଲ୍ୟୁସନର ମ୍ୟାନେଜିଂ ପାର୍ଟନର ଶ୍ରୀକାନ୍ତ ଖଟୁଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ପାର୍ଟନର ପ୍ରୀତୀଶ ସାହୁ ଧନ୍ୟବାଦ ଦେଇଥିଲେ। ଓଡ଼ିଶା ଇଣ୍ଡଷ୍ଟ୍ରିଜ ଫେଡେରେସନର ଚେୟାରମ୍ୟାନ ଡ. ଶରତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ୫୦ ଆଦିବାସୀ ଛାତ୍ର ନେବେ ପାଇଲଟ୍ ତାଲିମ

**ଭୁବନେଶ୍ୱର,୨।୩(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ୫୦ ଜଣ ଆଦିବାସୀ ଛାତ୍ର, ଅଧିକାଂଶ ମହିଳାଙ୍କୁ ପ୍ରାରମ୍ଭିକ ପାଇଲଟ୍ ତାଲିମ ପ୍ରଦାନ କରାଯିବ। ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ସମ୍ପ୍ରତି ତାଲିମ ପ୍ରଦାନ କରିବା ପାଇଁ ଏକ ବୃତ୍ତିଗତ ସଂସ୍ଥା ନିଯୁକ୍ତି କରିବା ପାଇଁ ଟେଣ୍ଡର ଜାରି କରିଛି। ଟେଣ୍ଡର ଡକ୍ୟୁମେଣ୍ଟ ଅନୁଯାୟୀ, ସରକାର ମନୋନୀତ ଘରୋଇ ସଂସ୍ଥା ମାଧ୍ୟମରେ ଅତି କମରେ ୩୦୦ ଆଦିବାସୀ ଛାତ୍ରଙ୍କୁ ଚିହ୍ନଟ କରିବେ, ଯେଉଁଥିରୁ ୫୦ ଜଣଙ୍କୁ ଉପଯୁକ୍ତ ସ୍କ୍ରିନିଂ ମାଧ୍ୟମରେ ପ୍ରସ୍ତୁତି ତାଲିମ ପ୍ରଦାନ କରାଯିବ। ଏନେଇ ପରିବହନ ବିଭାଗର ଜନୈକ ଅଧିକାରୀ କହିଛନ୍ତି ଯେ ମନୋନୀତ ୫୦ ଜଣ ଛାତ୍ର, ଅଧିକାଂଶ ମହିଳା ୮ ସପ୍ତାହ ପାଇଁ ଭୁବନେଶ୍ୱରରେ ଏୟାରଲାଇନ୍ସ କ୍ୟାଡେଟ୍ ପାଇଲଟ୍ ମୂଲ୍ୟାୟନର ସମସ୍ତ ଚୟନ ପାରାମିଟର୍‌କୁ କଭର କରି ପ୍ରଶିକ୍ଷଣ ପାଇବେ।

ପ୍ରାର୍ଥୀମାନଙ୍କୁ କ୍ୟାଡେଟ୍ ପାଇଲଟ୍‌ମାନଙ୍କୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଦ୍ୱାରା ଧାର୍ଯ୍ୟ ହୋଇଥିବା ମୌଳିକ ଭିତ୍ତିଭୂମି କାର୍ଯ୍ୟକ୍ରମ ପାଠ୍ୟକ୍ରମ ପାଇଁ ପ୍ରସ୍ତୁତ କରିବା ଏବଂ ଉଡ଼ନ୍ତା




**ଘରୋଇ ସଂସ୍ଥାକୁ ଦାୟିତ୍ୱ**

**୮ ସପ୍ତାହ ଧରି ଚାଲିବ**

ତାଲିମ ପାଠ୍ୟକ୍ରମର ଏକ ସାରାଂଶ ଦେବା ପାଇଁ ଏହି ପ୍ରଶିକ୍ଷଣର ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଚୟନ ହୋଇଥିବା ପ୍ରାର୍ଥୀମାନଙ୍କୁ ଇଂରାଜୀ ଦକ୍ଷତା, ବ୍ୟକ୍ତିଗତ ବିକାଶ, ଆତ୍ମଉନ୍ନତି ଏବଂ ସୌନ୍ଦର୍ଯ୍ୟ, ମୌଳିକ ବିମାନ ଚାଳନା ଜ୍ଞାନ, ମାନବ କାର୍ଯ୍ୟଦକ୍ଷତା ଏବଂ ସୀମା, ଦକ୍ଷତା ଓ ମାନସିକ ପରୀକ୍ଷା, ଗୋଷ୍ଠୀ ଆଲୋଚନା ଏବଂ ସାକ୍ଷାତକାର, ହାତ-ଆଖି-ପାଦ ସମନ୍ୱୟ ଏବଂ ସ୍ଥାନିକ ଅଭିମୁଖୀକରଣ ପାଇଁ ପୋର୍ଟେବଲ୍ ସିମୁଲେଟର ଆଦି ତାଲିମ ପ୍ରଦାନ କରିବା।

ସେମାନଙ୍କୁ ଏକ ଘରୋଇ ସଂସ୍ଥା ୮ ସପ୍ତାହ ପାଇଁ ତାଲିମ ଦେବ। ସପ୍ତାହକୁ ୫ ଦିନ ପ୍ରତିଦିନ ହାରାହାରି ୬ ଘଣ୍ଟା ଏହି ତାଲିମ୍ ପ୍ରଦାନ କରାଯିବ। ଏଥିରେ ସ୍ୱୟଂ-ତଦାରଖ ଅଧ୍ୟୟନ, କମ୍ପ୍ୟୁଟର-ଆଧାରିତ ତାଲିମ ଓ ମକ୍ ପରୀକ୍ଷା ଆଦି ରହିଛି। ପ୍ରତ୍ୟେକ ମଡ୍ୟୁଲ୍ ସମାପ୍ତ ହେବା ପରେ ନିୟମିତ ମୂଲ୍ୟାଙ୍କନ କରାଯିବା ସହ ପଛରେ ପଡ଼ିଥିବା ପ୍ରଶିକ୍ଷାର୍ଥୀଙ୍କ ପାଇଁ ସପ୍ତାହାନ୍ତରେ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବ। ପ୍ରସ୍ତୁତି ତାଲିମ ସମାପ୍ତ ହେବା ପରେ ୫୦ ଜଣ ଛାତ୍ରଛାତ୍ରୀ ଏୟାର ଇଣ୍ଡିଆ ଓ ଇଣ୍ଡିଗୋ ଭଳି ଘରୋଇ ବିମାନ କମ୍ପାନୀ ଦ୍ୱାରା ଚୟନର ଚୂଡ଼ାନ୍ତ ପର୍ଯ୍ୟାୟ ପାଇଁ ଯିବେ। ସେମାନେ ପୁଣି ଥରେ ନିଜସ୍ୱ ପରୀକ୍ଷା ମାଧ୍ୟମରେ ଶ୍ରେଷ୍ଠ ୧୦ ଛାତ୍ରଛାତ୍ରୀଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ କରିବେ ଓ ସେମାନଙ୍କୁ ବୃତ୍ତିଗତ ପାଇଲଟ୍‌ରେ ପରିଣତ କରାଯିବା ସକାଶେ ବୈଷୟିକ ତାଲିମ ପ୍ରଦାନ କରିବେ ବୋଲି ଉକ୍ତ ଅଧିକାରୀ ଜଣଙ୍କ କହିଛନ୍ତି।



## ଛାତ୍ର ନେତାଙ୍କ ପାଇଁ ପ୍ରଦୀପ ପ୍ରଜ୍ୱଳନ

**ଭୁବନେଶ୍ୱର,୨।୩(ସଂଚାର ବ୍ୟୁରୋ):** ଆଜି ସନ୍ଧ୍ୟାରେ ବିଶିଷ୍ଟ ଛାତ୍ର ନେତା ଆଶିଷ କୁମାର ଜେନାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଛି। ସ୍ଥାନୀୟ ରାମ ମନ୍ଦିର ପରିସରରେ ଶ୍ରୀ ଜେନାଙ୍କ ପାଇଁ ନୀରବ ପ୍ରାର୍ଥନା କରାଯିବା ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ଅନେକ ଯୁବ ଓ ଛାତ୍ର ନେତା ଯୋଗଦେଇ ଛାତ୍ରନେତା ଆଶିଷଙ୍କ ପରିବାର ଲୋକଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

# ଇସ୍ପାତ କମ୍ପାନୀ ଟାଣୁଛନ୍ତି ୬୦୦ କ୍ୟୁସେକ ଜଳ

**ଭୁବନେଶ୍ୱର,୨।୩:** ଓଡିଶାର ଖଣିଜ ସମ୍ପଦରେ ଆକର୍ଷିତ ହୋଇ ରାଜ୍ୟକୁ ଇସ୍ପାତ କମ୍ପାନୀମାନଙ୍କର ଧାଡି ଲାଗୁଥିବାବେଳେ ଏମାନଙ୍କୁ ଜଳ ଯୋଗାଣ ବଡ ଆହ୍ୱାନ ହେଲାଣି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୫୪ଟି ଛୋଟ ବଡ ଇସ୍ପାତ କମ୍ପାନୀ ଥିବାବେଳେ ଏମାନଙ୍କୁ ପାଖାପାଖି ୬୦୦ କ୍ୟୁସେକ ଜଳଯୋଗାଣ ପାଇଁ ଅନୁମତି ମିଳିଛି । ଆହୁରି ଅଧିକ ଇସ୍ପାତ କାରଖାନା ଆସିବାକୁ ଥିବାରୁ ଏମାନଙ୍କୁ କିଭଳି କେଉଁଠାରୁ ଜଳ ଯୋଗାଯିବ ତାହା କର୍ତ୍ତୃପକ୍ଷ ପାଇଁ ଚିନ୍ତାର କାରଣ ପାଲଟିଲାଣି ।

ରାଜ୍ୟରେ ଥିବା ୫୪ଟି ଇସ୍ପାତ କାରଖାନା କଟକ, ସୁନ୍ଦରଗଡ, ସମ୍ବଲପୁର, ଝାରସୁଗୁଡା, ଯାଜପୁର, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ଜଗତ୍‌ସିଂହପୁର ଆଦି ଜିଲ୍ଲାରେ ଗଢି ଉଠିଛନ୍ତି। ଏମାନେ ସାଧାରଣତଃ ଜଳ ପାଇଁ ମହାନଦୀ, କୋଏଲ, ହୀରାକୁଦ ଜଳଭଣ୍ଡାର, ଇବ୍, ବ୍ରାହ୍ମଣୀ, ସମଲ ବ୍ୟାରେଜ, କାରୋ, ତାଳଦଣ୍ଡା କେନାଲ, ଆରଡେଇ ନଦୀ, କିସିନ୍ଦା ନାଳ, ଗମ୍ଭୀରା ନାଳ, ସମଲ ବ୍ୟାରେଜ, ସୋନା ନଦୀ, ଖରସୁଆଁ, ଶଙ୍ଖ, ଖୁନାପାଲି ନାଳ ଓ କୁନ୍ଦୁରା ଆଦି ନାଳ ଉପରେ ନିର୍ଭର କରୁଛନ୍ତି ।



ଇସ୍ପାତ କାରଖାନା ମଧ୍ୟରେ ସର୍ବାଧିକ ୧୧୨.୮୧ କ୍ୟୁସେକ ଜଳ ନେବାପାଇଁ ଅନୁମତି ମିଳିଛି ରାଉରକେଲା ଇସ୍ପାତକାରଖାନାକୁ । ସୁନ୍ଦରଗଡ ଜିଲ୍ଲାର କୁଲୁଙ୍ଗା ଠାରେ ଥିବା ଏହି ବୃହତ୍ ଇସ୍ପାତ କାରଖାନା କୋଏଲ ଓ ବ୍ରାହ୍ମଣୀ ନଦୀରୁ ପାଣି ଟାଣୁଛି । ଏହା ପଛକୁ ରହିଛି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର। ଅନୁଗୁଳରେ ଅବସ୍ଥିତ ଏହି କାରଖାନା ସମଲ ବ୍ୟାରେଜରୁ ୫୦ କ୍ୟୁସେକ ପାଣି ନେଉଥିବାବେଳେ ସମ୍ବଲପୁର ଠାରେ ଥିବା ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ହୀରାକୁଦ ଜଳଭଣ୍ଡାରରୁ ୪୫ କ୍ୟୁସେକ ପାଣି ନେଉଛି।

ଯାଜପୁରର ଡୁବୁରୀଠାରେ ଥିବା ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲ୍ ବ୍ରାହ୍ମଣୀରୁ ୧୪.୪ କ୍ୟୁସେକ ପାଣି ଟାଣୁଥିବାବେଳେ ଢେଙ୍କାନାଳ ରୁଙ୍ଗଟା ମାଇନ୍ସ ବ୍ରାହ୍ମଣୀରୁ ୨୯ କ୍ୟୁସେକ ପାଣି ନେଉଥିବାବେଳେ ସୁନ୍ଦରଗଡରେ ଥିବା ରୁଙ୍ଗ୍‌ଟା ମାଇନ୍ସ କାରୋନୀ ନଦୀ ଓ କୁରାରୀ ନଦୀରୁ ୧୪.୩୫ କ୍ୟୁସେକ ଜଳ ନେଉଛି । ସେହିଭଳି କଳିଙ୍ଗନଗରରେ ଟାଟା ଇସ୍ପାତ ନେଇଥିବା ପୂର୍ବର ନୀଳାଚଳ ଇସ୍ପାତ କାରଖାନା ଖରସୁଆଁରୁ ପ୍ରାୟ ୧୩ କ୍ୟୁସେକ ଜଳ ଟାଣିବାକୁ ଅନୁମତି ପାଇଛି ।

ସଂଖ୍ୟାଧିକ ଇସ୍ପାତ କାରଖାନା ମହାନଦୀ ଜଳଭଣ୍ଡାର, ମହାନଦୀ ଓ ବ୍ରାହ୍ମଣୀ ଉପରେ ନିର୍ଭରଶୀଳ ଥିବାବେଳେ ଆଗାମୀ ଦିନରେ ଆଉ ୨୦ଟି ଛୋଟ ବଡ ଇସ୍ପାତ କାରଖାନା ସ୍ଥାପନକୁ ଅନୁମୋଦନ ମିଳିଛି। ତେଣୁ ଏହିସବୁ ଇସ୍ପାତ କାରଖାନା ଓଡିଶାରେ ସେମାନଙ୍କ କାରଖାନା ସ୍ଥାପନ କଲେ ଅଧିକରୁ ଅଧିକ ପରିମାଣର ଜଳ ଆବଶ୍ୟକ କରିବେ ।

ଛତିଶଗଡ କର୍ତ୍ତୃପକ୍ଷ ହୀରାକୁଦର ଉପରମୁଣ୍ଡରେ ଏକାଧିକ ବନ୍ଧ ବାନ୍ଧି ଜଳକୁ ଅଟକାଇଥିବାବେଳେ ଗ୍ରୀଷ୍ମ ଋତୁ ଆରମ୍ଭରୁ ମହାନଦୀ ସମେତ ରାଜ୍ୟର ପ୍ରମୁଖ ନଦୀ ଶଯ୍ୟା ବିଭିନ୍ନ ସ୍ଥାନରେ ଶୁଖିଗଲାଣି। ପାନୀୟ ଜଳ, କୃଷିକୁ ଜଳ ଯୋଗାଣ ପ୍ରାଥମିକତା ହୋଇଥିବାବେଳେ ବିଦ୍ୟୁତ୍ ଉତ୍ପାଦନକୁ ଦୃଷ୍ଟିରେ ରଖି ଜଳଭଣ୍ଡାରଗୁଡିକୁ ନିୟନ୍ତ୍ରଣ କରାଯାଉଛି । ଏଭଳି ସ୍ଥିତିରେ ଇସ୍ପାତ କାରଖାନା ସମେତ ଅନ୍ୟାନ୍ୟ ଖଣି ଖାଦାନ ଓ କାରଖାନାଗୁଡିକୁ କିଭଳି ଜଳ ଯୋଗାଣ କରାଯିବ ତାହା ବଡ ଆହ୍ୱାନ ହେଲାଣି । (ତଥ୍ୟ)

### ଅଭାବୀ ବିକ୍ରିର ବିକଳ ଚିତ୍ର

# ଟ୍ରାକ୍ଟର ମଡ଼ାଇ ନଷ୍ଟକରିଦେଲେ ଟମାଟୋ

**ସୁନ୍ଦରଗଡ଼,୨।୩(ସଂଚାର ବ୍ୟୁରୋ):** ଦିନେ କିଲୋ ପିଛା ୧୫୦ ଟଙ୍କାରେ ବିକ୍ରି ହେଉଥିଲା, କିନ୍ତୁ ଏବେ କିଲୋ ପ୍ରତି ୨ ଟଙ୍କାରେ ବି ଗ୍ରାହକ ନେବାକୁ ରାଜି ହେଉନାହାନ୍ତି। ତେଣୁ ଏଠାରେ ଜଣେ ଚାଷୀ ବିଲରେ କ୍ୱିଣ୍ଟାଲ୍ କ୍ୱିଣ୍ଟାଲ୍ ଓଜନର ଟମାଟୋ ଫଳାଇଥିଲେ ମଧ୍ୟ ଏହାକୁ ଟ୍ରାକ୍ଟର ମଡ଼ାଇ ନଷ୍ଟ କରିଦେଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ବଣାଇ ଅଞ୍ଚଳରେ ଟମାଟୋର ଅଭାବୀ ବିକ୍ରିର ଏପରି ବିକଳ ଚିତ୍ର ଦେଖିବାକୁ ମିଳିଛି। ଯେଉଁ କ୍ଷେତରେ ଟ୍ରାକ୍ଟର ଚଳାଇ ସୁନାର ଫସଲ କରିଥିଲେ, ସେହି କ୍ଷେତରେ



ଟ୍ରାକ୍ଟର ମଡ଼ାଇ ସବୁକିଛି ନଷ୍ଟ କରିଦେଲେ ଚାଷୀ ଜଣଙ୍କ। ବଣାଇ ଅଞ୍ଚଳରେ ଏପରି ଅନେକ ଚାଷୀ ଏବେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଏଠାରେ ଅଧିକାଂଶ ଲୋକେ ଚାଷ ଉପରେ ନିର୍ଭରଶୀଳ। ଏକର ଏକର ଚାଷ ଜମିରେ କିଏ ଟମାଟୋ ଚାଷ କରିଥିଲା ତ ଆଉ କିଏ ବାଇଗଣ, ଫୁଲକୋବି, ବନ୍ଧାକୋବି ଏବଂ ବିନ୍ସ। ମାତ୍ର ଏସବୁ ପରିବା ଦର ଏବେ କିଲୋ ପିଛା ୧୦ କି ୨୦ ଟଙ୍କାରୁ ବି କମ୍ ରହିଛି। ଦିନେ ଶହେ ଟପିଥିବା ଟମାଟୋକୁ ତ କିଲୋ ପିଛା ଦି' ଟଙ୍କାରେ ବି କେହି ପଚାରୁନାହାନ୍ତି। ଅନ୍ୟ ପରିବା ଦର କଥା ନ କହିବା ଭଲ। ଏତେ କମ୍ ଦରରେ ବିକ୍ରି କଲା ବେଳେ ଚାଷୀକୁ ଢେର୍ ବାଧୁଛି। ଲାଭ ତ ହେଲାନି, ଯେତିକି ଖର୍ଚ୍ଚ କରିଥିଲେ ସେତିକି ବି ପାଇଲେନି। ଫଳରେ ମୁଣ୍ଡରେ ହାତ ଦେଇ ବସିଛନ୍ତି ଏଠାକାର ଚାଷୀ। ତେବେ ଚାଷୀଙ୍କ ଏଭଳି ଦୁରବସ୍ଥାର ମୂଳ କାରଣ ଶୀତଳ ଭଣ୍ଡାରର ଅଭାବ। ରାଜ୍ୟରେ ଶୀତଳ ଭଣ୍ଡାର ଅଭାବ ଥିବାରୁ ଚାଷୀମାନେ ସେମାନଙ୍କ ପରିବାକୁ ମହଜୁଦ ରଖିପାରୁନାହାନ୍ତି। ତେଣୁ ଶୀତଳ ଭଣ୍ଡାର ପ୍ରତିଷ୍ଠା ଉପରେ ସରକାର ଗୁରୁତ୍ୱ ଦେଇ ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

# ଛୋଟ କଥାରେ ବଡ଼ ବାର୍ତ୍ତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ବଡ଼ ବିଶେଷତ୍ୱ ହେଲା ସେ ଅତି ଛୋଟ ଛୋଟ କଥାକୁ ଗୁରୁତ୍ୱ ଦେଇ ତାହା ମାଧ୍ୟମରେ ଦେଶବାସୀଙ୍କ ବଡ଼ ବାର୍ତ୍ତା ଦେଇଥାଆନ୍ତି। ଏହା ମାଧ୍ୟମରେ ଦେଶର ସାମାଜିକ ଏବଂ ଅର୍ଥନୈତିକ ସ୍ଥିତିରେ ବଡ଼ ପରିବର୍ତ୍ତନ ହୋଇପାରେ। ଉଦାହରଣ ସ୍ୱରୂପ ୨୦୧୪ରେ ମୋଦିଜୀ ଦେଶର ପ୍ରଧାନମନ୍ତ୍ରୀ ହେବା ପରେ ସାରା ଦେଶରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିଥିଲେ। ଏହା ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଏହା କେତେଦୂର ସଫଳ ହୋଇଛି ତାହା ଭିନ୍ନ କଥା। କିନ୍ତୁ ସମାଜକୁ ଏହା ମାଧ୍ୟମରେ ବଡ଼ ବାର୍ତ୍ତା ଦେଇଛନ୍ତି। ସ୍ୱଚ୍ଛତା ହିଁ ସଭ୍ୟତା, ସ୍ୱଚ୍ଛତା ହିଁ ସବୁଠାରୁ ବଡ଼ ଅଭିଯାନ। ଜାତିର ପିତା ମହାତ୍ମା ଗାନ୍ଧି ମଧ୍ୟ ଠିକ ଏହି କଥା କହୁଥିଲେ ଏବଂ ନିଜ ଜୀବନରେ ଏହାକୁ କାର୍ଯ୍ୟକାରୀ କରି ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲେ। ସ୍ୱାଧୀନତା ପୂର୍ବରୁ ଆମକୁ ଏକ ସଭ୍ୟ ସମାଜରେ ନିଜକୁ ପ୍ରତିଷ୍ଠିତ କରିବାକୁ ପଡ଼ିବ ବୋଲି ସେ କହୁଥିଲେ। ସ୍ୱାଧୀନତା ସହ ସମାଜ ସଂସ୍କାରକୁ ସେ ଗୁରୁତ୍ୱ ଦେଉଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଠିକ ଏହି କଥା କହିଆସୁଛନ୍ତି। ସ୍ୱଚ୍ଛତା ଦ୍ୱାରା ଆମେ କେବଳ ଏକ ସୁନ୍ଦର ପରିବେଶ ସୃଷ୍ଟିରେ ସଫଳ ହେବା ନାହିଁ, ଏହା ଦ୍ୱାରା ଆମକୁ ଅନେକ ରୋଗରୁ ମୁକ୍ତି ଦେବାରେ ସହାୟକ ହୋଇପାରିବ। ସ୍ୱଚ୍ଛତା ବିନା ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଅସମ୍ଭବ। ପର୍ଯ୍ୟଟନ ଶିଳ୍ପ ମଧ୍ୟ ଏହା ସହିତ ପରୋକ୍ଷରେ ସମ୍ପୃକ୍ତ। ସେହିପରି ଏକ ସୁସ୍ଥ ଶରୀର ଏବଂ ସାମାଜିକ ଶୃଙ୍ଖଳା ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦି ନିୟମିତ ଯୋଗ କରିବାକୁ ଆହ୍ୱାନ କରିଛନ୍ତି। ତାଙ୍କ ଉଦ୍ୟମରେ ଏବେ ସାରା ବିଶ୍ୱରେ ଯୋଗ ପ୍ରତି ଆଗ୍ରହ ବଢ଼ିଛି। ଏବେ ବିଶ୍ୱ ଯୋଗ ଦିବସ ମଧ୍ୟ ପାଳନ କରାଯାଉଛି। ସେହିପରି ବୃକ୍ଷରୋପଣ, ରାସାୟନିକ ସାର ପରିବର୍ତ୍ତେ ପ୍ରାକୃତିକ ଉପାୟରେ ବା ଅର୍ଗାନିକ ସାର ବ୍ୟବହାର କରି, ଦେଶୀ ବିହନ ବ୍ୟବହାର କରି ଚାଷ କରିବାକୁ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦି ଆହ୍ୱାନ କରିଛନ୍ତି। ଏହାକୁ ଏବେ ସମସ୍ତେ ଗୁରୁତ୍ୱ ଦେଉଛନ୍ତି ଏବଂ ଅନେକ ଏହାକୁ କାର୍ଯ୍ୟକାରୀ ମଧ୍ୟ କରୁଛନ୍ତି। ରାସାୟନିକ ସାର ବ୍ୟବହାର କରି ଆମେ ପରିବେଶ ପ୍ରଦୂଷଣ କରିବା ସହ ଖାଦ୍ୟ ସାମଗ୍ରୀରେ ବିଷ ପରିମାଣକୁ ବୃଦ୍ଧି କରୁଛୁ। ପାରମ୍ପରିକ ଉପାୟରେ ଦେଶୀ ବିହନ ବ୍ୟବହାର କରି, ପ୍ରାକୃତିକ ସାର ବ୍ୟବହାର କରି ମଧ୍ୟ କୃଷି ଉତ୍ପାଦନ ବୃଦ୍ଧି କରାଯାଇପାରିବ ଏହା ଦ୍ୱାରା ଉତ୍ତମ ଫସଲ ଉତ୍ପାଦନ ସହ ଏହାର ଗୁଣାତ୍ମକ ମାନ ବଢ଼ିବ। ଏହାକୁ ଖାଇବା ଦ୍ୱାରା ଲୋକେ ସୁସ୍ଥ ରହିପାରିବେ। ଏହା କିଛି କମ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନୁହେଁ। ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କେତେ ଜରୁରୀ ତାହା ସମସ୍ତେ ଜାଣନ୍ତି। କିନ୍ତୁ କେହି ଏହାକୁ ସେତିକି ଗୁରୁତ୍ୱ ଦେଉ ନାହାନ୍ତି ଯେତିକି ଗୁରୁତ୍ୱ ଦେବା ଉଚିତ। ପ୍ରଧାନମନ୍ତ୍ରୀ ମୋଦି ମନ କି ବାତ କାର୍ଯ୍ୟକ୍ରମ ଜରିଆରେ ଅନେକ ଥର ବୃକ୍ଷ ରୋପଣ ଲାଗି ପରାମର୍ଶ ଦେଇଛନ୍ତି। ବ୍ୟକ୍ତି ଜମି ପାଖରେ ବୃକ୍ଷ ରୋପଣ କରି ନିଜର ଆର୍ଥିକ ସମୃଦ୍ଧ ବୃଦ୍ଧି ପାଇଁ ଏକଦା ମୋଦିଜୀ ପରାମର୍ଶ ଦେଇଥିଲେ। ଏବେ ପ୍ରଧାନମନ୍ତ୍ରୀ ମୋଦି ଆଉ ଏକ ମହତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି। ଫେବୃଆରୀ ଶେଷ ସପ୍ତାହରେ ତାଙ୍କ ମନ କି ବାତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ମେଦ ବହୁଳତାର ମୁକାବିଲା ନିମନ୍ତେ ମହତ୍ତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି। ନିଜକୁ ମେଦ ବହୁଳତାରୁ ମୁକ୍ତ ରଖିବାକୁ ଏବଂ ଶାରୀରିକ ଫିଟନେସ ବଜାୟ ରଖିବାକୁ ପ୍ରତ୍ୟେକ ବ୍ୟକ୍ତି ଖାଇବା ତେଲ ବ୍ୟବହାର ୧୦% ହ୍ରାସ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହା ଦ୍ୱାରା କେବଳ ପରିବାରର ତେଲ ଖର୍ଚ୍ଚ ହ୍ରାସ ପାଇବନି, ଆମେ ଅପେକ୍ଷାକୃତ ସୁସ୍ଥ ରହିପାରିବା। ମେଦ ବହୁଳତା ଯୋଗୁ ଅନେକ ଉଚ୍ଚ ରକ୍ତଚାପ, ମଧୁମେହ ଭଳି ରୋଗରେ ପୀଡ଼ିତ ହେଉଛନ୍ତି। ମେଦ ବହୁଳତା କାରଣରୁ ଅନେକ ମହିଳା ମାତୃତ୍ୱରୁ ବଂଚିତ ହେଉଛନ୍ତି। ଏହା ଏକ ବଡ଼ ସାମାଜିକ ସମସ୍ୟା ଭାବେ ଉଭା ହୋଇଛି। ମେଦ ବହୁଳତା ବା ମୋଟାପାର ମୁଖ୍ୟ କାରଣ ହେଲା ଖାଦ୍ୟରେ ଚର୍ବି ବା ସ୍ନେହସାର ମାତ୍ରା ବୃଦ୍ଧି। ଏହା ଶରୀରରେ ଚର୍ବି ବୃଦ୍ଧି ସହ ଓଜନ ବଢ଼ାଉଛି। ଚର୍ବି ହ୍ରାସ ଲାଗି ଅନେକ ସକାଳେ ଚାଲୁଛନ୍ତି, ଯୋଗ କରୁଛନ୍ତି ବା ଅନ୍ୟ କିଛି ବ୍ୟାୟାମ କରୁଛନ୍ତି। କିନ୍ତୁ ଯୋଗ, ପ୍ରାଣାୟମ, ବ୍ୟାୟାମ କରି ଘରେ ପ୍ରଚୁର ପରିମାଣର ଚର୍ବି ଜାତୀୟ ଖାଦ୍ୟ ଖାଇବା ମୂଲ୍ୟହୀନ। ନିୟମିତ ବ୍ୟାୟାମ କରିବା ବା ଶାରୀରିକ ପରିଶ୍ରମ କରିବା ଜରୁରୀ। କିନ୍ତୁ ଏହା ସହିତ ସନ୍ତୁଳିତ ଖା।ଦ୍ୟ ଖାଇବା ମଧ୍ୟ ନିହାତି ଆବଶ୍ୟକ। ପ୍ରଧାନମନ୍ତ୍ରୀ ତାଙ୍କ ମନ କି ବାତରେ ଏହା ହିଁ କହିଛନ୍ତି। ଏକ ବିକଶିତ ଏବଂ ସମୃଦ୍ଧ ଭାରତ ଗଠନ ଲାଗି ଦେଶକୁ ସୁସ୍ଥ ରଖିବା ଜରୁରୀ। ଦେଶର ପ୍ରତ୍ୟେକ ନାଗରିକ ନିରୋଗ ଏବଂ ସୁସ୍ଥ ରହିବା ଜରୁରୀ। ଦେଶବାସୀଙ୍କ ସୁସ୍ଥତା ଏବଂ ଆରୋଗ୍ୟ ଜୀବନ ଯାପନ ଦେଶର ସବୁଠାରୁ ସମ୍ପଦ। କାରଣ ଏକ ପରିବାର, ସମାଜ ବା ଦେଶର ସବୁଠାରୁ ବଡ଼ ଶତ୍ରୁ ହେଲା ରୋଗ। ଏକ ପରିବାରର ଆର୍ଥିକ ସ୍ୱଚ୍ଛଳତା ସେତେବେଳେ ବିପନ୍ନ ହୁଏ ଯେତେବେଳେ ପରିବାର ରୋଗାକ୍ରାନ୍ତ ହୋଇଥାଏ। ପରିବାରର କୌଣସି ବ୍ୟକ୍ତି ଦୁରାରୋଗ୍ୟ ବ୍ୟାଧିର ଶିକାର ହେଲେ ତାଙ୍କ ଚିକିତ୍ସା ବାବଦରେ ଯେଉଁ ବିପୁଳ ଅର୍ଥ ଖର୍ଚ୍ଚ ହୁଏ ତାହା ପରିବାରର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଥାଏ। ଯଦି ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତି ରୋଗାକ୍ରାନ୍ତ ହୁଏ ତେବେ ତାହା ସରିଲା। କୋଭିଡ ମହାମାରୀ ବେଳେ ଅନେକ ଆର୍ଥିକ ଦୁର୍ଗତିର ଶିକାର ହୋଇଥିଲେ। ଏବେ କେନ୍ଦ୍ର ବା ରାଜ୍ୟ ସରକାର ଲୋକଙ୍କୁ ମାଗଣା ଚିକିତ୍ସା ନିମନ୍ତେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଏହା ଦ୍ୱାରା ସରକାରଙ୍କର ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ ହେଉଛି। ତେଣୁ ରୋଗାକ୍ରାନ୍ତ ହୋଇ ଚିକିତ୍ସା ନିମନ୍ତେ ସରକାରଙ୍କ ଦ୍ୱାରସ୍ଥ ହେବା ଅପେକ୍ଷା ମୂଳରୁ ରୋଗଠାରୁ ନିଜକୁ ସୁରକ୍ଷିତ ରଖିବାକୁ ପ୍ରୟାସ କରିବା ଉଚିତ। ସରକାରର ମାଗଣାରେ ଚିକିତ୍ସା ସୁବିଧା ପ୍ରଦାନ କରୁଛନ୍ତି ବୋଲି ଆମେ ସତର୍କ ନରହି ମନଇଚ୍ଛା ଖାଇବା ଏବଂ ରୋଗାକ୍ରାନ୍ତ ହେବା କଦାପି ସ୍ୱାଗତଯୋଗ୍ୟ ନୁହେଁ। ରୋଗର ଚିକିତ୍ସା ଅପେକ୍ଷା କିପରି ଆଦୌ ରୋଗ ନହେବ ସେଥିପ୍ରତି ସତର୍କ ଏବଂ ସଚେତନ ହେବା ଉଚିତ। ପ୍ରଧାନମନ୍ତ୍ରୀ ତାଙ୍କ ମନ କି ବାତରେ ଠିକ ଏହି ପରାମର୍ଶ ଦେଇଛନ୍ତି। ଜଣେ ବ୍ୟକ୍ତି ରୋଗାକ୍ରାନ୍ତ ହେଲେ ଏହା କେବଳ ତାଙ୍କ ପରିବାର ନୁହେଁ, ସମଗ୍ର ପରିବାର ଏବଂ ଦେଶକୁ ପ୍ରଭାବିତ କରିଥାଏ। ଜଣେ ଶ୍ରମିକ ରୋଗରେ ପଡ଼ିଲେ କାମ କରିପାରେ ନାହିଁ। ଚାଷୀଟିଏ ରୋଗରେ ପଡ଼ିଲେ ଚାଷ କାମ କରିପାରେ ନାହିଁ ଏବଂ ଖାଦ୍ୟ ଉତ୍ପାଦନ ବ୍ୟାହତ ହୋଇଥାଏ। କୋଭିଡ ମହାମାରୀ ବେଳେ କେତେ ଶ୍ରମ ଦିବସ ନଷ୍ଟ ହୋଇଥିଲା, ବିକାଶ ମୂଳକ କାର୍ଯ୍ୟ କିଭଳି ପ୍ରଭାବିତ ହୋଇଥିଲା ତାହା ସମସ୍ତେ ଜାଣନ୍ତି। ପ୍ରଧାନମନ୍ତ୍ରୀ ଖାଦ୍ୟରେ ତେଲ ବ୍ୟବହାର ୧୦% ହ୍ରାସ କରିବାକୁ ପରାମର୍ଶ ଦେଇଛନ୍ତି। ଏହାର ଅନେକ କାରଣ ରହିଛି। ପ୍ରଥମତଃ ଦେଶର ନାଗରିକମାନେ ସୁସ୍ଥ ରହିବେ ଏବଂ ଦ୍ୱିତୀୟରେ ଖାଇବା ତେଲ ଆମଦାନୀ କମିବ। ଭାରତ ଖାଇବା ତେଲ ଉତ୍ପାଦନରେ ସ୍ୱାବଲମ୍ବୀ ନୁହେଁ। ୧୪୦ କୋଟି ଲୋକଙ୍କ ପାଇଁ ଯେତିକି ଖାଇବା ତେଲର ଆବଶ୍ୟକତା ରହିଛି, ତାହା ଆମ ଦେଶରେ ଉତ୍ପାଦନ ହୁଏ ନାହିଁ। ତେଣୁ ଆମକୁ ବିଦେଶରୁ ବିପୁଳ ପରିମାଣର ଖାଇବା ତେଲ ଆମଦାନୀ କରିବାକୁ ପଡ଼ିଥାଏ। ଏଥିରେ ପ୍ରଚୁର ପରିମାଣର ବୈଦେଶିକ ମୁଦ୍ରା ବ୍ୟୟ ହୋଇଥାଏ। ଯଦି ପ୍ରତ୍ୟେକ ନାଗରିକ ଖାଇବା ତେଲ ବ୍ୟବହାର ସର୍ବନିମ୍ନ ୧୦% ହ୍ରାସ କରନ୍ତି ତେବେ ଆମର ଖାଇବା ତେଲ ଆମଦାନୀ ୧୦% କମିବ। ଏହା ଦ୍ୱାରା କେତେ ପରିମାଣର ବୈଦେଶିକ ମୁଦ୍ରା ବ୍ୟୟକୁ ହ୍ରାସ କରାଯାଇପାରିବ ତାହା ଅନୁମାନ ଯୋଗ୍ୟ। ତେଣୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକୁ ହାଲୁକା ଭାବେ ନନେଇ, ଏହାକୁ ରାଜନୈତିକ ଦୃଷ୍ଟିରୁ ବିଚାର ନକରି ଦେଶର ପ୍ରତ୍ୟେକ ନାଗରିକ ଏହାକୁ ନିଷ୍ଠାର ସହ କାର୍ଯ୍ୟକାରୀ କରିବା ଉଚିତ। ଖାଇବା ତେଲର ବ୍ୟବହାର ୧୦% ହ୍ରାସ କରିବା ଏକ ଛୋଟିଆ ଆହ୍ୱାନ। ଏହାର ପ୍ରଭାବ ଅତି ବ୍ୟାପକ। ଅନ୍ତତଃପକ୍ଷେ ୩୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିମାନେ ଏହାକୁ ଗୁରୁତ୍ୱର ସହ ବିଚାର କରିବା ଉଚିତ ଏବଂ ନିଜ ଦୈନନ୍ଦିନ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଆଣିବା ଉଚିତ। ଖାଦ୍ୟରେ ଚର୍ବି ବା ତେଲ ବ୍ୟବହାର ହ୍ରାସ କରିବାକୁ ଏକ ବ୍ୟାପକ ଜନଆନ୍ଦୋଳନରେ ପରିଣତ କରିବାର ଆବଶ୍ୟକତା ରହିଛି। ଆମ ପୂର୍ବ ପୁରୁଷମାନେ ଖାଦ୍ୟରେ ଅପେକ୍ଷାକୃତ କମ ତେଲ, ମସଲା ବ୍ୟବହାର କରୁଥିଲେ। ସେଥିପାଇଁ ସେମାନେ ଅଧିକ ସୁସ୍ଥ ରହୁଥିଲେ ଏବଂ ଔଷଧ ବ୍ୟବହାର କମ କରୁଥିଲେ। ସେମାନଙ୍କର ଆର୍ôଥିକ ସ୍ଥିତି କମ ପ୍ରଭାବିତ ହେଉଥିଲା। ଏବେ ପୁନର୍ବାର ଆମକୁ ପଛକୁ ଫେରିବାକୁ ପଡ଼ିବ। ଏକ ସୁସ୍ଥ ଜୀବନ ପାଇଁ ଆମକୁ ନିଜ ଖା।ଦ୍ୟାଭ୍ୟାସରେ ପରିବର୍ତ୍ତନ କରିବା ନିହାତି ଜରୁରୀ।

# ବିଜେପି ପାଇଁ ସୁଯୋଗ ନହେଉ ଦୁର୍ଯୋଗ



**ସତୀଶ ବିଶ୍ୱାଳ**

୧୯୮୪ ମସିହାରେ ତତ୍କାଳୀନ ଭାରତବର୍ଷର ଜନନେତ୍ରୀ ତଥା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପ୍ରତିବାଦରେ ସାରା ଦେଶରେ ଶିଖ ସଂପ୍ରଦାୟ ଉପରେ ଅତ୍ୟାଚାର ଓ ନରସଂହାର ହେଉଥିଲା। ଦିଲ୍ଲୀରେ ଏହି ହିଂସାର ଭିତରେ ଯଶବନ୍ତ ସିଂ ଏବଂ ତାଙ୍କ ପୁଅ ତରୁଣଦୀପ ସିଂଙ୍କୁ ଜିଅନ୍ତା ଜାଳି ମାରି ଦିଆଗଲା। ସେତେବେଳକୁ ଯଶବନ୍ତ ସିଂଙ୍କ ୧୧ ବର୍ଷର ଝିଅ ଘଟଣାର ଏକମାତ୍ର ସାକ୍ଷୀ ଥିଲେ। ଏହି ଭିତର ନେତୃତ୍ୱ ନେଉଥିବା ସଜ୍ଜନ କୁମାରଙ୍କ ବିରୋଧରେ ଏତଲା ମଧ୍ୟ ହୋଇ ପାରି ନଥିଲା। କାରଣ ସେ ସମୟରେ କଂଗ୍ରେସ ସରକାର କ୍ଷମତାରେ ଥିଲା। ଏଥିନେଇ ୧୯୯୧ ମସିହାରେ କ୍ଷମତା ପରିବର୍ତ୍ତନ ପରେ ସଜ୍ଜନଙ୍କ ବିରୋଧରେ ଏତଲା ରୁଜୁ ସମ୍ଭବ ହେଲା। କେବଳ ଏତଲା ରୁଜୁ ପାଇଁ ୭ ବର୍ଷ ସମୟ ଲାଗିଗଲା। ହେଲେ ପୋଲିସ ଚାର୍ଜସିଟରେ ସଜ୍ଜନଙ୍କ ନାମ ମଧ୍ୟ ରହିଲା ନାହିଁ। ଏହାପରେ ୟୁପିଏ ସରକାର କ୍ଷମତାରେ ରହିବାରୁ ୨୦ ବର୍ଷ ପର୍ଯ୍ୟନ୍ତ ସଜ୍ଜନଙ୍କ ନିକଟରେ ଆଇନ ପହିଂଚି ପାରି ନଥିଲା କିମ୍ବା ସଜ୍ଜନଙ୍କ ବିରୋଧରେ କୌଣସି ତଦନ୍ତ ହେଲା ନାହିଁ। ୨୦୧୫ ପରେ ମୋଦୀ ସରକାର କ୍ଷମତାକୁ ଆସିବା ପରେ ପୁନଶ୍ଚ ପୋଲିସ ଏହି ଫାଇଲ ଖୋଲିଥିଲେ। ଯାହାର ଫଳ ସ୍ୱରୂପ ଘଟଣାର ୪୧ ବର୍ଷ ପରେ କଂଗ୍ରେସର ପୂର୍ବତନ ସାଂସଦ ସଜ୍ଜନ କୁମାରଙ୍କୁ ଦିଲ୍ଲୀର ଏକ ଅଦାଲତ ଜୀବନବ୍ୟାପୀ କାରାଦଣ୍ଡ ନିର୍ଦ୍ଦେଶ ପ୍ରଦାନ କଲେ।

ହେଲେ ଘଟଣା ପଛର ଘଟଣାକୁ ସଂପୂର୍ଣ୍ଣ ଅଣଦେଖା କରାଯାଇ ନପାରେ। ଏହାକୁ କେବଳ ତୃତୀୟ ନୟନର ମର୍ଯ୍ୟାଦା ପାଇଥିବା ସାମ୍ବାଦିକଟିଏ ଦେଖିଥାଏ ଏବଂ ଲେଖିଥାଏ। ଏ କ୍ଷେତ୍ରରେ ସେ ସମୟର ଜନମନର ନେତ୍ରୀ ତଥା ଦେଶର ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା କରାଯାଇ ଥିଲା। ଏହାର ପ୍ରତିକ୍ରିୟାର ଭାବାବେଗ , ଆବେଗରୁ ସୃଷ୍ଟି ହେଉଥିବା ଆକ୍ରୋଶକୁ କେହି ନେତା ରୋକିବା କେତେଦୂର ସମ୍ଭବ ତାହା ସମସ୍ତେ ଉଣା ଅଧିକେ ଅନୁଭବ କରୁଥିବେ। ଇନ୍ଦିରା ଗାନ୍ଧୀଙ୍କ ବ୍ୟତୀତ ଦେଶର ସେହିଭଳି ଜଣେ ଜନପ୍ରୀୟ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ପରେ ଦେଶରେ ଏଭଳି ଦଙ୍ଗା ହେବ ନାହିଁ ବୋଲି କେହି ନେତା କିମ୍ବା ସରକାର ଗ୍ୟାରେଂଟି ଦେଇପାରିବେ ନାହିଁ। ଦେଶରେ ଅନେକ ଆନ୍ଦୋଳନରେ ବହୁ ନିରୀହ ଜୀବନ ଚାଲି ଯାଇଥିବାର ଦୃଷ୍ଟାନ୍ତ ରହିଛି। ଏଭଳି ଆନ୍ଦୋଳନର ନେତୃତ୍ୱ ନେଉଥିବା କେହି ବି ନେତା କୌଣସି ନିରୀହ ଏବଂ ନିର୍ଦ୍ଦୋଷ ଜୀବନ ହତ୍ୟା ଚାହୁଁଥିବାର ପ୍ରାୟତ ଦେଖା ଯାଇ ନଥାଏ। ରାମାୟଣ ସୀତାଦେବୀଙ୍କ ଚୋରୀ ପରେ ହୋଇଥିବା ଯୁଦ୍ଧ ଏବଂ ଦେବୀ ଦୌପଦୀଙ୍କ ବସ୍ତ୍ର ହରଣରୁ ଦାନା ବାନ୍ଧିଥିବା ମହାଭାରତ ଯୁଦ୍ଧରେ ଘଟଣା ସହ ଆଦୌ ସମ୍ପର୍କ ରଖୁ ନଥିବା ଅନେକ ନିରୀହ ଜୀବନ ଯାଇ ଥିବାର ଅସ୍ୱୀକାର କରାଯାଇ ନପାରେ। କୌଣସି ଦୋଷ ନକରି ମଧ୍ୟ ଯଶବନ୍ତ ସିଂ ଏବଂ ତାଙ୍କ ପୁଅଙ୍କୁ ଜିଅନ୍ତା ଜାଳି ମାରି ଦିଆଯିବା ଚରମ ପାଶବିକତାର ସଂକେତ। ଏହାକୁ ଯେତେ ନିନ୍ଦା କଲେ ବି କମ ହେବ। ଯଶବନ୍ତ ସିଂଙ୍କ ପରିବାର ପାଇଁ ଏହି ନ୍ୟାୟ ଅତ୍ୟାବଶୀକ। ସଜ୍ଜନଙ୍କୁ ୩୯ ବର୍ଷ ହୋଇଥିବା ବେଳେ ଏହି ଘଟଣା ଘଟିଥିଲା। ଏବେ ସଜ୍ଜନଙ୍କୁ ୮୦ ବର୍ଷ। ଅନ୍ୟ ଗୋଟିଏ ଅପରାଧୀକ ମାମଲାରେ ସଂପୃକ୍ତି ଅଭିଯୋଗରେ ସଜ୍ଜନ ଏବେ ଜେଲରେ ଅଛନ୍ତି। ସଜ୍ଜନ ବି କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ବୋଧହୁଏ ସଜ୍ଜନଙ୍କ ପାଇଁ ଏହା କର୍ମଫଳ ହୋଇପାରେ। ଏହି ଘଟଣାରେ ସଜ୍ଜନ ହାଇକୋର୍ଟ ପରେ ସୁପ୍ରୀମକୋର୍ଟକୁ ଯାଇ ପାରନ୍ତି। ଏହା ଭିତରେ ଆଉ ୨୦ ବର୍ଷ ଗଡିଯାଇ ଥିବ। ସେତେବେଳକୁ ସଜ୍ଜନଙ୍କୁ ୧୦୦ ବର୍ଷ ଟପି ଯାଇଥିବ। ଆମ ଦେଶ ଏବଂ ସରକାର ପାଇଁ ଏଭଳି ନ୍ୟାୟୀକ ବ୍ୟବସ୍ଥା ମଧ୍ୟ ବଡ ଆହ୍ୱାନ ହୋଇଛି।

ଦିଲ୍ଲୀରେ ମଦ ଦୁର୍ନିତିରେ ୨ ହଜାର ୨ କୋଟି ଟଙ୍କାର ଦୁର୍ନିତି ହୋଇଥିବାର ସିଏଜି ରିପୋର୍ଟରେ ଦର୍ଶାଯାଇଛି। ଏହି ମଦ ନୀତିରେ ଏଭଳି କିଛି ତ୍ରୁଟି ଥିଲା ଯେଉଁଥିପାଇଁ ରାଜ୍ୟ ବହୁ କ୍ଷତି ସହୁଥିବା ବେଳେ ମଦ ବେପାରୀଙ୍କ ଲାଭ ୫ ଶତାଂଶରୁ ୧୨ ଶତାଂଶକୁ ବୃଦ୍ଧି କରାଯାଇ ଥିଲା। ଏହି ସିଏଜି ରିପୋର୍ଟ ଦିଲ୍ଲୀରେ ଆମ ଆଦମୀ ସରକାର କ୍ଷମତାରେ ଥିବା ବେଳେ ପ୍ରସ୍ତୁତ ହୋଇଥିଲା। ହେଲେ ଆମ ଆଦମୀ ସରକାର ଏହାକୁ ଚାପି ରଖିଥିଲା। ଏବେ ଏହି ରିପୋର୍ଟକୁ ପବ୍ଲିକ ଆକାଉଂଟ କମିଟିକୁ ପଠାଯିବ। ଏହାପରେ ବାଚସ୍ପତି ବ୍ରିଜେଶ ଗୁପ୍ତାଙ୍କ ଦ୍ୱାରା ଏକ ୧୨ ଜଣିଆ ଗୃହ କମିଟି ଗଠନ କରାଯାଇ ପରବର୍ତ୍ତି ନିଷ୍ପତି ନିଆଯିବ। ଏହି ଘଟଣାରେ ପୁନଶ୍ଚ ଅରବିନ୍ଦ କେଜିରୱାଲ ଏବଂ ମନିଷ ସିସୋଦିଆଙ୍କ ପ୍ରତି ବିପଦ ବଢ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଦିଲ୍ଲୀ ଶିଖ ଦଙ୍ଗା ପ୍ରସଙ୍ଗରେ ବିଳମ୍ବ ହେଲେ ବି ନ୍ୟାୟ ମିଳିବାରେ ନରେନ୍ଦ୍ର ମୋଦୀଙ୍କ ସରକାରର ଭୂମିକା ରହିଛି। ସେହିପରି ଦିଲ୍ଲୀରେ ବି.ଜେ.ପି ସରକାର ଆସୁ ଆସୁ ମଦ ଦୁର୍ନିତି ପ୍ରସଙ୍ଗରେ ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପନ କରାଗଲା। ଚଳିତ ମାସରେ ଏହି ଦୁଇଟି ପ୍ରସଙ୍ଗ ହୋଇଥିବାରୁ ଏହାକୁ ନମୁନା ଭାବେ ନିଆଯାଇ ପାରେ। ଏହିଭଳି ଅନେକ ପ୍ରସଙ୍ଗରେ ଦେଶରେ କ୍ଷମତାସୀନ ବି.ଜେ.ପି ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଉଦ୍ୟମ କରିଛନ୍ତି। ଯଦିଓ ଏଭଳି କାର୍ଯ୍ୟାନୁଷ୍ଠାନ ଅନ୍ତରାଳରେ ଦେଶର ସ୍ୱାର୍ଥ ସହ ରାଜନୈତିକ ଉଦ୍ଦେଶ୍ୟ ଏବଂ ଆକ୍ରୋଶର ଚିତ୍ର ଅଧିକ ଉଜ୍ଜ୍ୱଳ ହେଉଛି । କାରଣ ଓଡିଶାର ବ୍ଲାକରୋଜ ପରି ଅନେକ ପ୍ରସଙ୍ଗରେ ଦେଶର ଅପୂରଣୀୟ କ୍ଷତି ନେଇ ମୋଦିଜୀଙ୍କ ସରକାର ଚେଇଁ ଶୋଇଛନ୍ତି।

ରାଜ୍ୟରେ ସରକାର ବଦଳିବା ପରେ ବି ଓଡିଶାରେ ଏଭଳି ଦୁର୍ନିତି ବିରୋଧୀ କାର୍ଯ୍ୟାନୁଷ୍ଠାନର କୌଣସି ସଂକେତ ଦେଖିବାକୁ ମିଳୁନାହିଁ। ରାଜ୍ୟରେ ବି.ଜେ.ପି ବିରୋଧୀ ଦଳରେ ଥିବା ବେଳେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ଠାରୁ ବରିଷ୍ଠ ବି.ଜେ.ପି ନେତାମାନେ ବି.ଜେ.ଡି ସରକାର ବିରୋଧରେ ଉଠାଇଥିବା ଦୁର୍ନିତି ପ୍ରସଙ୍ଗ ନେଇ ଡବଲ ଇଂଜିନ ସରକାର କେବଳ 'ବିନା ମେଘରେ ଘଡଘଡି' କରି ଚାଲିଛି। ଏଥିପାଇଁ 'ଗଜଜିଲା ମେଘ ବରଷେ ନାହିଁ ' ବୋଲି ସାଧାରଣରେ ବି ଉପହାସ କରାଗଲାଣି। ନୂଆ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦୁର୍ନିତି ବିରୋଧରେ ମାନସିକତା ଓ ଆବେଗ ଥିବାର ତାଙ୍କର ଭାଷଣରୁ ସ୍ପଷ୍ଟ ହେଉଛି। ହେଲେ କଥା ଓ କାମ ଭିତରେ ଫରକ ରହିଲେ ବ୍ୟକ୍ତିର ବ୍ୟକ୍ତିତ୍ୱର ପରିଚୟଟି ଗରିମା ହରାଇ ଥାଏ। ଅନ୍ତତ ରାଜନୀତି କରିବାକୁ ରାଜନୀତିରେ ଥିବା ପ୍ରତ୍ୟେକ ବ୍ୟକ୍ତି ନିଜ ପରିଚୟର ଗରିମା ରକ୍ଷା କରିବାକୁ ଚେଷ୍ଟା କରିଥାନ୍ତି।





ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଧାନସଭାରେ ରାଜ୍ୟର କ୍ଷମତାସୀନ ସରକାରଙ୍କୁ ଆକ୍ଷେପ କରି କହିଥିଲେ ଯେ, 'ତୁମକୁ କାର୍ଯ୍ୟାନୁଷ୍ଠାନ ନେବାକୁ କିଏ ମନା କରିଛି? ତୁମ ବାଳ ପାଚିଗଲେ ବି କିଛି କରିପାରିବ ନାହିଁ' ରଣେନ୍ଦ୍ରଙ୍କ ଏ ପ୍ରକାର ନିର୍ଭିକତା ଓ ଦାମ୍ଭୀକତା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସଚ୍ଚା ଅନୁଗତର ସଂକେତ। ଏହା ରଣେନ୍ଦ୍ରଙ୍କ ସ୍ୱଭାବ ସୁଲଭ ଏବଂ ଲିଡରସିପ କ୍ୱାଲିଟ ବୋଲି କୁହାଯାଏ। ହେଲେ ଏହି ଚ୍ୟାଲେଞ୍ଜର ଠିକଣା ଜବାବ ଦେଇ ନପାରିଲେ ଆଗାମୀ ନିର୍ବାଚନରେ ବି.ଜେ.ପି ପାଇଁ ଏହା ସବୁଠାରୁ ବଡ ସଙ୍କଟ ଭାବେ ଉଭା ହେବା ନିଶ୍ଚିନ୍ତ । ଗତ ବିଧାନସଭା ନିର୍ବାଚନରେ ବି.ଜେ.ଡି ଏବଂ ବି.ଜେ.ପି ଦୁଇଟି ପରସ୍ପର ବିରୋଧୀ ରାଜନୈତିକ ଦଳ ବୋଲି ସେମାନଙ୍କ କଥା ଏବଂ ଭାଷଣରୁ ଜଣାପଡୁଥିଲା। ଏହାସତ୍ତ୍ୱେ ବି ଉଭୟଙ୍କ ଭିତରେ ଚୋରା ପୀରତି ଦେଶର ମଣୀପୁର ପ୍ରସଙ୍ଗ ଠାରୁ ବିଭିନ୍ନ ପ୍ରସଙ୍ଗରେ ସ୍ପଷ୍ଟ ଧରା ପଡୁଥିଲା। ଏପରିକି ଦୁଇ ଦଳ ମଧ୍ୟରେ ମେଂଟ ହେବା ନେଇ କଳ୍ପନା ଜଳ୍ପନା ଶେଷ ଅବସ୍ଥାରେ ଅଟକି ଗଲା। ଏସବୁ ପରେ ବି ପରିବର୍ତ୍ତନ ଚାହୁଁଥିବା ନିରୂପାୟ ଓଡିଶା ବାସୀ ବି.ଜେ.ପିକୁ ସ୍ପଷ୍ଟ ବହୁମତ ଦେଲେ। ଗୋଟିଏ ସରକାରର କାର୍ଯ୍ୟଧାରରେ ଲୋକେ ଅତିଷ୍ଟ ହେଲେ ଶାସନରେ ପରିବର୍ତ୍ତନ ଆଣିଥାନ୍ତି। ଓଡିଶାରେ ବି.ଜେ.ଡି ସରକାରରେ ଘଟିଥିବା ବିଭିନ୍ନ ଦୁର୍ନିତି, ଭ୍ରଷ୍ଟାଚାର ଏବଂ ଅନ୍ୟାୟ ପ୍ରସଙ୍ଗରେ ଲୋକେ ନ୍ୟାୟ ପାଇବା ପାଇଁ ରାଜ୍ୟରେ ବି.ଜେ.ପି ସରକାରକୁ କ୍ଷମତାକୁ ଆଣିଛନ୍ତି। ଲୋକଙ୍କ ଇଛା ତଥା ଭାବାବେଗ ସହ ଖେଳୁଥିବା ପ୍ରତ୍ୟେକ ସରକାର ପରେ ଦୁର୍ଦ୍ଦଶା ଭୋଗିଛନ୍ତି। ଏଠାରେ ଲୋକଙ୍କ ଇଛା ହେଉଛି ବ୍ଲାକରୋଜ, ଚିଟଫଣ୍ଡ, ଖଣି ଦୁର୍ନିତି ଠାରୁ ସ୍ମିତାରାଣୀ ଓ ତତ୍କାଳୀନ ମନ୍ତ୍ରୀ ନବଦାସଙ୍କ ହତ୍ୟା ଇତ୍ୟାଦି ପ୍ରସଙ୍ଗରେ ପ୍ରକୃତ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେଉ। ଏଥିପାଇଁ ଆବଶ୍ୟକ ହେଲେ ନିଭ;ରଯୋଗ୍ୟ ତଦନ୍ତ କିମ୍ବା ସି.ବି.ଆଇ ତଦନ୍ତ ହେଉ। ବି.ଜେ.ଡି ସରକାର କ୍ଷମତାରେ ଥିବା ବେଳେ ନିଜ ଦଳର ବିଧାୟକଙ୍କ ପରିବାରର ମାଲିକାନାରେ ଥିବା ବଳବନ୍ତରାୟ ଟ୍ରାନ୍ସପୋର୍ଟର ବହୁକୋଟି ଟଙ୍କାର ଖଣିଜ ପଦାର୍ଥର ଚୋରା କାରବାର ସଂପୃକ୍ତି ନେଇ ଯାଜପୁର ଜିଲ୍ଲାରେ ଭିଜିଲାନ୍ସ ଦ୍ୱାରା ମେ ୨୦୧୫ ରେ ତଦନ୍ତ ହେଲା ଏବଂ ଏହି ତଦନ୍ତରେ କୌଣସି କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ଏହାର ଅନ୍ତରାଳରେ ହୋଇଥିବା ବଡ ଧରଣର ଡିଲ ନେଇ ଡବଲ ଇଂଜିନ ସରକାର ଚୁପ ହେବା ଫଳରେ ଦେଶର ବଡ ଧରଣର ଖଣି ଲୁଟକୁ ସୁରକ୍ଷା ଦିଆଯାଇଛି। ଗୋଟିଏ ସରକାରର ଭୁଲ କାର୍ଯ୍ୟ ଏବଂ ଭୁଲ ନିଷ୍ପତି ନେଇ କାର୍ଯ୍ୟାନୁଷ୍ଠାନ ଏବଂ କାର୍ଯ୍ୟରେ ସଂସ୍କାର ପାଇଁ ଲୋକେ ପରିବର୍ତ୍ତନ ଆଣିଥାନ୍ତି। ଏହା କରାନଯାଇ ଯଦି କେବଳ ରଙ୍ଗ ଏବଂ ନାମ ବଦଳାଇବାରେ ସମୟ ଗଡିଚାଲେ ତେବେ ସେ ସରକାରର ପରିବର୍ତ୍ତନ ପାଇଁ ପଥ ପରିଷ୍କାର ହୁଏ। ଅର୍ଥାତ ଯେଉଁ ସୁଯୋଗ ପାଇଁ ବି.ଜେ.ପି କ୍ଷମତାକୁ ଆସିଛି ସେଇ ସୁଯୋଗ ଦିନେ ଦୁର୍ଯ୍ୟୋଗର ରୂପ ନେଇପାରେ।


**ବରିଷ୍ଠ ସାମ୍ବାଦିକ, ଭୁବନପୁର, ମଧୁପୁରଗଡ, ଧର୍ମଶାଳା, ଯାଜପୁର**
**ମୋବାଇଲ୍: ୯୪୩୭୦୧୯୧୧୭**


# ରାଜନୀତିର ଧର୍ମାନ୍ତିକରଣ: ମହାକୁମ୍ଭ



**ସୁବାସ ଷଡଙ୍ଗୀ**

କୁମ୍ଭ, କୁମ୍ଭ, କୁମ୍ଭ! କୁମ୍ଭ ସ୍ନାନକୁ ନେଇ ଯେଉଁ ଗଣଉନ୍ମାଦନା ସୃଷ୍ଟି ହୋଇଥିଲା, ତାହା ଅବଶେଷରେ ଜାଗର ଦିନ ଶେଷ ହୋଇଛି। ଦେଢ଼ମାସବ୍ୟାପି ମେଳା ଚାଲିଥିଲା। ପ୍ରତିଦିନ ଗଣମାଧ୍ୟମରେ ବିଜ୍ଞାପନ ଦିଆଯାଉଥିଲା। ସେଥିରେ ଥିଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଫଟୋ। ଏମିତିକି ଉତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସେଠାକାର ବିଧାନସଭାରେ ପ୍ରକାଶ କରିଥିଲେ ଯେ ଏଇ କୁମ୍ଭ ମେଳାରେ ତିନି ଲକ୍ଷ ଟଙ୍କାର ବେପାର ହୋଇଛି। ସବୁଠାରୁ ବଡ କଥା ହେଲା, କେବଳ ସରକାରୀ ଭାବେ ନୁହେଁ, ଅନେକ ବ୍ୟବସାୟି ସଂସ୍ଥା ପକ୍ଷରୁ କୁହାଗଲା କି, ଚଳିତବର୍ଷର କୁମ୍ଭ ହେଉଛି, ଏକ ବିରଳ କୁମ୍ଭ। ଯାହାକୁ ମହାକୁମ୍ଭ ନାମରେ ନାମିତ କରାଗଲା। କୁଆଡେ ୧୪୪ ବର୍ଷ ପରେ ଏଭଳି ଯାଗ ଆସିଛି। ଏ ନେଇ କେହି ଜଣେ ହେଲେ ପ୍ରଶ୍ନ କଲେ ନାହିଁ। ୧୪୪ ବର୍ଷଟା ଆସିଲା କେମିତି? ଯେଉଁମାନେ ୧୪୪ ବର୍ଷର କୁମ୍ଭ ଦେଖିଥିଲେ, ସେମାନଙ୍କ ଭିତରୁ ତ କେହି ଜୀବିତ ନାହାନ୍ତି। ବିଭିନ୍ନ ରିପୋର୍ଟ ବା ସରକାରୀ କାଗଜପତ୍ର ରେ ତ ଏମିତି ଏକ ମହାକୁମ୍ଭ ସମ୍ପର୍କରେ ଉଲ୍ଲେଖ ନାହିଁ। କିନ୍ତୁ ପ୍ରଚାର ହେଲା। ଲୋକମାନଙ୍କ ମଧ୍ୟରେ ଉନ୍ମାଦନା ସୃଷ୍ଟିହେଲା। ଯେମିତି ପୁଣ୍ୟର ଏହା ହେଉଛି ଏକ ହିଷ୍ଟ୍ରିୟା।

ମହାକୁମ୍ଭ ସ୍ନାନ କରିବାକୁ ଯାଇ ଲୋକ ଦଳାଦଳି ହୋଇ ମରନ୍ତୁ ବା ରେଳଷ୍ଟେସନରେ ଦଳାଚକଟାରେ ମରନ୍ତୁ କିଛି ଲୋକ ମଲେ। ଆଉ କିଛି ଲୋକ ଅସଂଖ୍ୟ ଲୋକମାନଙ୍କର ମଳମୂତ୍ର ମିଶ୍ରିତ ପାଣିରେ ବୁଡ ପକାଇ ହଇଜା ବା ଝାଡାବାନ୍ତିରେ ମଲେ। ସେଥିରେ ଅବଶ୍ୟ କିଛି ଯାଏ ଆସେ ନାହିଁ। ଶିକ୍ଷିତ, ଅଶିକ୍ଷିତ, ଗାଁ ଲୋକ ସହର ଲୋକ, ବୁଦ୍ଧିଜୀବି, ନେତା, ସାମ୍ବାଦିକ, ଶ୍ରମିକ, ଭିକାରି ଏବଂ ସାଧୁ ସନ୍ଥ ସମସ୍ତେ ଏକାକାର। ଲକ୍ଷ୍ୟ ପୁଣ୍ୟ ଅର୍ଜ୍ଜନ।

ଏ ଯେଉଁ ଧାର୍ମିକ ହିଷ୍ଟିୟା ଦେଖାଦେଇଥିଲା, ସେଥିରୁ ଆମ ରାଜ୍ୟ ବା ବାଦ ଯାଆନ୍ତା କିପରି? ଏହା ପୂର୍ବରୁ ଏମିତି କେବେ ଲୋକମାନଙ୍କ ମନରେ ଉନ୍ମାଦନା ଦେବାର ମୋର ମନେ ପଡୁନି। ତେବେ ଯେତେବେଳେ, ଅଯୋଧାରେ ରାମମନ୍ଦିର ତିଆରି ପାଇଁ ଡାକରା ଦିଆଗଲା, ସେତେବେଳେ କିଛି ଲୋକ ଅଯୋଧା ଧାଇଁଥିଲେ। 'କରସେବକ' ହେବାର ଉନ୍ମାଦନା କିଛି ଲୋକଙ୍କ ଠାରେ ଦେଖିବାକୁ ମିଳିଥିଲା। ତେବେ ଏମାନଙ୍କ ଭିତରେ ୍ଣ ଓଡିଆ ବେଶୀ ଥିଲେ। କିଛି ଓଡିଆ ଯାଇଥିଲେ ଅବଶ୍ୟ। ଯେହେତୁ କିଛି ସାଧୁ ସନ୍ଥ କହିଲେ ଯେ ଏହା ଏକ ଅଲଭ୍ୟ ସ୍ନାନ ଯୋଗ ପଡିଛି ଆଉ ଏମିତି ଯୋଗ ୧୪୪ ବର୍ଷରେ ଥରେ ପଡେ, ତେଣୁ କିଛି ଲୋକ ପୁଣ୍ୟ ପାଇଁ, କିଛି ନ ବୁଝି ନ ସୁଝି ଧାଇଁଲେ। ମାଗଣାରେ ଖାଲି ଗାଧୋଇପଡିଲେ ଯଦି ସିଧା ସ୍ୱର୍ଗକୁ ଯାଇହେବ, ତେବେ ଏଭଳି ଏକ ଅବସର କିଏ ବା କାହିକି ଛାଡିବ? ଅମୃତକୁମ୍ଭ ପାପ ଧୋଇଦେବ, ସେଠି ମଲେ ସିଧା ସ୍ୱର୍ଗକୁ ଯାଇହେବ, ମୋକ୍ଷ ହେବ, ଏମିତି କେତେ କଣ।

କୁମ୍ଭର ଆକର୍ଷଣ ଥିଲା, ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, ବିଜେପି ଶାସିତ ମୁଖ୍ୟମନ୍ତ୍ରୀଙ୍କ ପୁଣ୍ୟ ଅର୍ଜ୍ଜନ ପାଇଁ କୁମ୍ଭସ୍ନାନ। ଏମାନଙ୍କ ସହିତ କିଛି ସିନେମା ଅଭିନେତା ସାମିଲ ହୋଇଥିଲେ। ଏମାନଙ୍କ ସହିତ ବିଦେଶୀ ଧନୀ ଲୋକମାନେ ସ୍ନାନ କରି ଧର୍ମ୍ମ ଅର୍ଜ୍ଜନ କରିବା କଥା ଲୋକମାନଙ୍କୁ ଅଧିକ ଆକୃଷ୍ଟ କଲା। ଅଣ ବିଜେପି ନେତାମାନେ ଏଭଳି ମହା ଅଲଭ୍ୟ ସ୍ନାନ କଥାକୁ ବିରୋଧ କରିପାରି ନାହାନ୍ତି। କେବଳ ପ୍ରଶାସନିକ ଅବ୍ୟବସ୍ଥା କଥା ଯାହା ଉଠାଇଛନ୍ତି। ଏତେବଡ ଆୟୋଜନରେ କିଛିଟା ତ୍ରୁଟିବିଚ୍ୟୁତି ରହିବା ସ୍ୱାଭାବିକ। ଏଣୁ ଲୋକେ ଏହାକୁ ଗୁରୁତ୍ୱ ଦେଇ ନାହାନ୍ତି।

ସବୁଠାରୁ ବଡ କଥା ହେଲା, ଯେଉଁ କଂଗ୍ରେସ ଦଳ ରାମ ମନ୍ଦିର ପ୍ରତିଷ୍ଠାକୁ ଏହାଇ ଦେଇ ପାରିଲା, ସେ କୁମ୍ଭ ନେଇ ନୀରବ। ସେତେବେଳେ କଂଗ୍ରେସ ଅଭିଯୋଗ କରିଥିଲା, ରାମ ମନ୍ଦିର ନେଇ ବିଜେପି ଓ ପ୍ରଧାନମନ୍ତ୍ରୀ ରାଜନୀତି କରୁଛନ୍ତି। ଏବେ କଣ ହେଉଛି? କଥା ହେଉଛି, ଦେଶର ଅଶୀ ଭାଗ ଲୋକ ହେଉଛନ୍ତି ହିନ୍ଦୁ। ଯଦି ଦେଶର ହିନ୍ଦୁ ଭୋଟରମାନେ ରଗି ଯାଆନ୍ତି, ତେବେ ରାଜନୀତି ଗଲା। କ୍ଷମତାକୁ ଆସିବା ପରେ ଉତରପ୍ରଦେଶରେ ଯୋଗୀ ଆଦିତ୍ୟନାଥ ଅନେକ ନାମକୁ ବଦଳାଇଦେଇଛନ୍ତି। 'ଏହ୍ଲାବାଦ' ନାମ ଏବେ 'ପ୍ରୟାଗରାଜ'। ଫୈଜାବାଦକୁ ଅଯୋଧା, ମୋଗଲ ସରାଇକୁ ଦୀନଦୟାଲ ଉପାଧ୍ୟାୟ ନଗର ନାମରେ ନାମିତ କରାଯାଇଛି। ଏମିତି ବି ୨୦୧୯ ମସିହାରେ ନାଗରିକତ୍ୱ ଆଇନ ନେଇ ଯେଉଁ ଆନ୍ଦୋଳନ ସେ ରାଜ୍ୟରେ ହୋଇଥିଲା, ସେଥିରେ କେବଳ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନଙ୍କୁ ଗିରଫ କରିବାକୁ ସେ କହିଥିଲେ। ୨୦୨୨ ରେ ନିର୍ବାଚନ ହେଲା। ସେ ପୁଣି କ୍ଷମତାକୁ ଫେରିଲେ। ସେତେବେଳେ ସେ ସମାଜବାଦୀ, ବହୁଜନ ସମାଜବାଦୀ ଏବଂ କଂଗ୍ରେସ ଦଳକୁ ସମାଲୋଚନା କରି କହିଥିଲେ, ଏଇ ସବୁ ଦଳ କେବଳ ସଂଖ୍ୟାଲଘୁ ମାନଙ୍କୁ ତୁଷ୍ଟ କରିବାକୁ ଚାହାନ୍ତି, ଯାହାଫଳରେ ହିନ୍ଦୁମାନେ ସେମାନଙ୍କ ନାଯ୍ୟ ପାଇ ପାରି ନାହାନ୍ତି।

୨୦୨୨ ମସିହାରେ ହୋଇଥିବା ବିଧାନସଭା ନିର୍ବାଚନରେ ଜିତିଥିଲେ ମଧ୍ୟ, ୨୦୨୪ ମସିହା ସାଧାରଣ ନିର୍ବାଚନରେ ଅଧିକ ଲୋକସଭା ଆସନ ହାତେଇବାକୁ ସମର୍ଥ ହୋଇ ପାରି ନଥିଲା। ଏପରିକି ଅଯୋଧାରେ ରାମମନ୍ଦରି ପ୍ରତିଷ୍ଠା ହୋଇଥିଲେ ବି ଅଯୋଧାରୁ ବିଜେପି ହାରିଥିଲା। କାରଣ, ଅଣ ବିଜେପି ଦଳ ପକ୍ଷରୁ ମିଳିତ ଭାବେ ପ୍ରତିଦ୍ୱନ୍ଦିତା କରାଯାଇଥିଲା।

କୁହାଯାଉଛି କୁମ୍ଭକୁ ପ୍ରାୟ ଷାଠିଏ କୋଟି ହିନ୍ଦୁ ବୁଡ ପକାଇ ପୁଣ୍ୟ ଅର୍ଜ୍ଜନ କରିବାକୁ ଆସିଥିଲେ। ହୋଇ ପାରେ। ଯେଉଁ ଦେଶରେ ଅଶୀ କୋଟି ଲୋକ ଗରିବ, ସେଥିରୁ ଷାଠିଏ କୋଟି ପୁଣ୍ୟ ପାଇଁ ଆସିଥାଇପାରନ୍ତି। କାରଣ, ଗରିବ ଲୋକ ସବୁବେଳେ ଧର୍ମ୍ମବିଶ୍ୱାସୀ। ସେମାନଙ୍କୁ କୁହାଯାଇଛି,ସଂଖ୍ୟାଲଘୁମାନଙ୍କ ପାଇଁ ତୁମେ ଦରିଦ୍ର! ଏଣୁ ଧର୍ମ କର। ପାପ କ୍ଷୟ କର।ଦେଖିବ, କ୍ରମେ ସ୍ୱଚ୍ଛଳ ହୋଉଠିବ। ସେମାନଙ୍କ ମନରେ ପୁରେଇ ଦିଆଯାଇଛି, ଯେ ପର୍ଯ୍ୟନ୍ତ ପୁଣ୍ୟ ଅର୍ଜ୍ଜନ ନ କରିଛ, ସେତେଦିନ ଭଲରେ ରହିପାରିବ ନାହିଁ। କାରଣ, ତୁମେ ପାପୀ। ଠାକୁରଙ୍କ ଉପରେ ବିଶ୍ୱାସ ରଖ। ହିନ୍ଦୁତ୍ୱକୁ ନେଇ ଗର୍ବ କର। ଧର୍ମ ଅର୍ଜନ କର। ଆଉ ଏଥିପାଇଁ ଆମକୁ ଏକାଠି ହେବାକୁ ପଡିବ। ଧର୍ମ ଅର୍ଜ୍ଜନ କରିବାକୁ ହେବ। ଷାଠିଏ କୋଟି ଲୋକ କିଛି କମ ନୁହଁନ୍ତି। ଗୋଟାଏ କୋଉ ଉପନ୍ୟାସରେ ପଢିଥିଲି, ଚାକିରି ହରେଇଥିବା ପୁଅକୁ ତାର ମା' କହୁଛି, ' ଯା, ପୁରୀ ଯାଇ ଜଗନ୍ନାଥ ଦର୍ଶନ କରି ଆ। ଠାକୁର ଚାହିଁଲେ, ପୁଣିଥରେ ଚାକିରି ମିଳିଯିବ। ଇଏତ ଧର୍ମନୁହେଁ, ରୀତିମତ ଅନ୍ଧବିଶ୍ୱାସ। ଗରିବ ଲୋକ ଚାକିରି ନ ପାଇବା, ପ୍ରାଥମିକ ସ୍ୱାସ୍ଥ୍ୟ ପରିସେବା ନ ପାଇବା, ଶିକ୍ଷା ନପାଇବା, ଏସବୁ ପାପ ପାଇଁ ନୁହେଁ, ଆମେ ନିଜେ ଦାୟି। ଯେଉଁମାନଙ୍କୁ ଭୋଟ ଦେଇଛେ, ସେମାନେ ଦାୟି। ଦର୍ମକୁ ନେଇ ଆମେ ମାରପିଟ ହେଉ, ଆଉ ନେତାମାନେ ସେଥିରୁ ଫାଇଦା ମାରି କ୍ଷମତାକୁ ଆସନ୍ତି।ଛଡନ୍ତୁ ସେ କଥା। ଏବେ ଦେଖିବା କଥା, କୁମ୍ଭରୁ କେତେ ରାଜନୈତିକ ଲାଭ ମିଳିଛି। ବିହାରରେ ପ୍ରଥମ ପରୀକ୍ଷା ହେବ। ସେ ପର୍ଯ୍ୟନ୍ତ ଆମକୁ ଅପେକ୍ଷା କରିବାକୁ ହେବ, ଧର୍ମ ଓ ରାଜନୀତିର ମିଶ୍ରଣର କେତେ ମଧୁର।


**ମୋବାଇଲ୍: ୯୪୩୯୬୫୨୩୨୨**


# ହିମସ୍ଖଳନର ଚେତାବନୀ



**ସୌଭାଗ୍ୟ ରଂଜନ ମହାନ୍ତି**

ନିକଟରେ ପ୍ରକାଶିତ ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ହିମଶୃଙ୍ଗ (ଗ୍ଲାସିୟର) ଗୁଡିକ ପ୍ରକୃତିର ବିବର୍ତନ ଯୋଗୁଁ ଦ୍ରୁତ ବେଗରେ ତରଳିବାରେ ଲାଗିଛି। ୨୦୦୦ରୁ ୨୦୧୧ ମଧ୍ୟରେ ଯେଉଁ ପରିମାଣର ହିମଶୃଙ୍ଗଗୁଡିକ ତରଳିଥିଲା, ତାଠାରୁ ୩୬ପ୍ରତିଶତ ବରଫ ୨୦୧୧ରୁ ୨୦୨୩ ମଧ୍ୟରେ ତରଳିଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ବିଭିନ୍ନ ଅଂଚଳରେ ବରଫର କ୍ଷତି ମଧ୍ୟରେ ବହୁ ଭିନ୍ନ ଧରଣର ରହିଛି। ୟୁରୋପିୟାନ ରେଂଜଗୁଡିକରେ କ୍ଷତି ସର୍ବାଧିକ ହୋଇଥିବାବେଳେ ହିମଶୃଙ୍ଗଗୁଡିକରେ ଅଧିକମାତ୍ରାରେ ବରଫ ତରଳି କ୍ଷତି ଘଟିଛି। ଗତ ବର୍ଷ ଇଂଟରନ୍ୟାସନାଲ ସେଂଟର ଫର ଇଂଟିଗ୍ରେଟେଡ ମାଉଟେଂନ ଡେଭଲଅପ୍‌ମେଂଟ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଏସିଆ ମହାଦେଶରେ ଦୁଇଟି ରେଞ୍ଜରେ ଗ୍ଲାସିୟର ତରଳିବା ଫଳରେ ବ୍ୟାପକ ମାତ୍ରାରେ ବରଫ ତରଳି କ୍ଷତି ଘଟିଛି। ଯେଉଁ ଗ୍ଲାସିୟରରୁ ଗଙ୍ଗା, ବ୍ରହ୍ମପୁତ୍ର ସମେତ ୧୦ଟି ବଡ ବଡ ନଦୀ ପ୍ରବାହିତ ହେବା ସହ ଚୀରସ୍ରୋତା ନଦୀର ପରିଚୟ ବହନ କରି ଆସୁଥିଲା। ହିମାଳୟରୁ ସୃଷ୍ଟି ହୋଇଥିବା ଉତର ଭାରତରେ ପ୍ରବାହିତ ନଦୀ ସମୂହ ହିମଖଣ୍ଡ ତରଳି ବ୍ୟାପକ କ୍ଷତି ଘଟିଥିବାରୁ ଏବେ ସେଗୁଡିକୁ ଶୁଖି ଯାଇଥିବାର ଏହି ନଦୀଗୁଡିକ ବିପନ୍ନସ୍ଥିତିରେ ପହଁଚିଛନ୍ତି। ଗଙ୍ଗୋତ୍ରୀ, ଯବୁନୋତ୍ରୀ, କୈଳାଶ ମାନସରୋବର ସମେତ ହିମାଳୟର ଅଧିକାଂଶ ତୁଷାର ସ୍ରୋତ ଏବେ ନିଜର ସ୍ଥିତି ହରାଇଥିବାରୁ ସେଥିରୁ ଉତ୍ପନ୍ନ ହୋଇଥିବା ଗଙ୍ଗା, ଯମୁନା, ବ୍ରହ୍ମପୁତ୍ର, ସିନ୍ଧୁ ଆଦି ନଦୀର ଜଳ ଉତ୍ସ ବିପଦଜନକ ଭାବେ ହ୍ରାସ ପାଇବାରେ ଲାଗିଥିବାରୁ ଭବିଷ୍ୟତରେ ଶୁଖିଲା ପଡିବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଏହା ନିସନ୍ଦେହ ଯେ, ବୈଶ୍ୱିକ ତାପମାତ୍ରା ବୃଦ୍ଧିର ପ୍ରଭାବ ଏବେ ହିମଖଣ୍ଡ ଉପରେ ପଡିଛି, ଉତରଖଣ୍ଡରେ ଚାମେଲି ଜିଲ୍ଲାରେ ଏକ ବିଶାଳ ହିମସ୍ଖଳନ ତରଳିବା ଯୋଗୁଁ ସେଠାରେ କାର୍ଯ୍ୟରତ ୪୭ଜଣ ଶ୍ରମିକ ବରଫ ତଳେ ଚାପି ହୋଇରହିଛି ବା ଏହାର ଆଉ ଏକ ଜ୍ୱଳନ୍ତ ଉଦାହରଣ। ଏହିପରି ବହୁବାର ହିମାଳୟରେ ଆକସ୍ମିକ ହିମସ୍ଖଳନ ଘଟି ଉତରାଖଣ୍ଡରେ ପ୍ରାକୃତିକ ବିପର୍ଯ୍ୟାୟକରଣ ହୋଇଛି। କେବଳ ଉତରାଖଣ୍ଡରେ ନୁହେଁ, ବିଶ୍ୱର ବିଭିନ୍ନ ଅଂଚଳରେ ଅତ୍ୟଧିକ ତାପମାତ୍ରା ବୃଦ୍ଧି ଯୋଗୁଁ ବରଫ ତରଳି ସମୁଦ୍ରରେ ମିଶୁଛି। ଯାହାର ପରିଣତି ସ୍ୱରୁପ ସମୁଦ୍ରର ଜଳପତନ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ସମୁଦ୍ରରେ ଜଳପତନ ବୃଦ୍ଧି ଯୋଗୁଁ ସ୍ଥଳଭାଗକୁ ଜଳ ମାଡି ଆସି ବିଶ୍ୱର ବହୁ ସମୁଦ୍ରକୂଳିଆ ସହର ଜଳପ୍ଲାବିତ କରିଦେବ ବୋଲି ବହୁ ବୈଜ୍ଞାନିକ ଚେତାବନୀ ଦେଇ ସାରିଲେଣି। ଗ୍ଲାସିୟର ସୁରକ୍ଷା ଏବଂ ଜଳବାୟୁ ପରିବର୍ତନ ତଥା ବିଶ୍ୱ ତାପମାତ୍ରା ବୃଦ୍ଧିର କୁପ୍ରଭାବ ତଥା ଚେତାବନୀକୁ ନିୟନ୍ତ୍ରଣ କରିବା ପାଇଁ କେବଳ ଭାରତ ନୁହେଁ, ଆନ୍ତର୍ଜାତିକ ସ୍ତରରେ ମିଳିତ ଉଦ୍ୟମ ଆବଶ୍ୟକ କରେ। ବିଶ୍ୱ ଜଳବାୟୁପରିବର୍ତନର ମୁକାବିଲା ପାଇଁ ବୈଶ୍ୱିକ ଚୁକ୍ତିନାମାରୁ ରାଷ୍ଟ୍ରପତି ଡୋନାଲଟ ଟ୍ରମ୍ପଙ୍କ ନେତୃତ୍ୱାଧୀନ ଆମେରିକା ଓହରି ଯିବା ସତ୍ତ୍ୱେ ଆନ୍ତର୍ଜାତିକ ସମୁଦାୟ ପ୍ରୟାସକୁ ତ୍ୱରାନ୍ୱିତ କରିବା ଜରୁରୀ। ବିଶେଷ କରି ବିକଶିତ ରାଷ୍ଟ୍ର, ତୈଳ କମ୍ପାନୀ, ଏବଂ ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକ ପ୍ରୟାସ କରି ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ହ୍ରାସ କରିବା ଲାଗି ବର୍ତମାନଠାରୁ ପ୍ରୟାସ କରିବା ଆରମ୍ଭ କଲେ ସମଗ୍ର ବିଶ୍ୱ ପାଇଁ ଶୁଭଙ୍କର ହେବ, ବୋଧ ହୁଏ ଏଥିରେ କେହି ଦ୍ୱିମତ ହୋଇନପାରନ୍ତି। ଏହା ନିସନ୍ଦେହ ଯେ, ଜଳବାୟୁ ପରିବର୍ତନ ତଥା ବିଶ୍ୱତାପମାତ୍ରା ବୃଦ୍ଧି ଯୋଗୁଁ ଗ୍ରୀଷ୍ମ, ବର୍ଷା, ଶୀତରେ ଅନିୟମିତା, ଅଚାନକ ପାଗ ପରିବର୍ତନ ଘଟିବାରେ ଲାଗିଛି। ଯାହାର ପ୍ରଭାବରେ ବର୍ଷା, ବନ୍ୟା, ମରୁଡି, ସାମୁଦ୍ରିକ ବାତ୍ୟା ବାରମ୍ବାର ଲାଗି ରହିଛି। ଯାହା ବିଶ୍ୱର ବିଭିନ୍ନ କୋଣ-ଅନୁକୋଣରେ ଘଟୁଛି। ଆହୁରି ମଧ୍ୟ ଗୋଟିଏ ପଟେ ସମୁଦ୍ରର ଜଳପତନ ବୃଦ୍ଧି ପାଉଥିବାବେଳେ ଅନ୍ୟପଟେ ନଦୀ, ନାଳରେ ଓ ଜଳସ୍ରୋତ ଶୁଖିଯାଉଛି। ଏବେ ଖରାଦିନ ହୋଇଥିବାବେଳେ ନଦୀଗୁଡିକ ଶୁଖିଲା ପଡିଲାଣି। ଏହି ପ୍ରକ୍ରୀୟା ଯଦି ଲାଗି ରହେ, ତେବେ ବିଶ୍ୱରେ ପାନୀୟ ଜଳ ସଂକଟ ଉତ୍କଟ ହେବ। ଏହା ନିଶ୍ଚିତ ଯେ, ଜଳବାୟୁ ପରିବର୍ତନର ପ୍ରଭାବ, ଏବେ ଆମେ ଅଙ୍ଗେ ଲିଭାଇ ସାରିଲୁଣି। ପରିବେଶ ଓ ପ୍ରକୃତିରେ ପରିବର୍ତନ ଘଟୁଛି। ବିଶ୍ୱ ପାଇଁ ଏବେ ସଂକଟ ମାଡି ଆସୁଛି। ଏହାକୁ ମୁକାବିଲା କରିବା ପାଇଁ ଜରୁରୀ ଉଦ୍ୟମ ହେବା ଆବଶ୍ୟକ। ଅନ୍ୟଥା ଧ୍ୱଂସକୁ କେହି ରୋକିପାରିବେ ନାହିଁ।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# ପ୍ରତି ମହିଳାଙ୍କୁ ଅଢ଼େଇ ହଜାର: ୮ରୁ ପଞ୍ଜିକରଣ



**ନୂଆଦିଲ୍ଲୀ,୨।୩::** ଦିଲ୍ଲୀର ବିଜେପି ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଏବେ ପୂରଣ କରିବାକୁ ଯାଉଛି। ନିର୍ବାଚନ ପୂର୍ବରୁ ବିଜେପି ମହିଳା ସମ୍ମାନ ଯୋଜନା ଘୋଷଣା କରିଥିଲା ଏବଂ କହିଥିଲା ଯେ, ଯଦି ତାଙ୍କ ଦଳ ସରକାର ଗଠନ କରେ ତେବେ ମହିଳାଙ୍କୁ ପ୍ରତି ମାସରେ ୨୫ଶହ ଟଙ୍କା ଦେବ। ଏହି ପ୍ରତିଶ୍ରୁତି ପୂରଣ କରିବା ପାଇଁ, ଆଜି ମହିଳା ସମ୍ମାନ ଯୋଜନାର ପଞ୍ଜିକରଣ ତାରିଖ ଘୋଷଣା କରାଯାଇଛି। ଏହି ଘୋଷଣା ଅନୁସାରେ, ଏହି ଯୋଜନା ପାଇଁ ପଞ୍ଜୀକରଣ ମାର୍ଚ୍ଚ ୮ ରୁ ଆରମ୍ଭ ହେବ। ବିଜେପି ନେତା ମନୋଜ ତିୱାରୀ ରବିବାର ଏହି ଘୋଷଣା କରିଛନ୍ତି। ମାର୍ଚ୍ଚ ପ୍ରଥମ ସପ୍ତାହରୁ ଦିଲ୍ଲୀରେ ମହିଳା ସମ୍ମାନ ଯୋଜନା ଆରମ୍ଭ କରାଯାଇପାରିବ। ଯଦି ଗଣମାଧ୍ୟମ ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ଏହି ଯୋଜନା ମହିଳା ଦିବସ ଅର୍ଥାତ୍ ୮ ମାର୍ଚ୍ଚରୁ ଆରମ୍ଭ ହୋଇପାରେ ଏବଂ ଏହି ଦିନ ଠାରୁ ମହିଳାଙ୍କ ଆକାଉଣ୍ଟକୁ ୨୫ ଶହ ଟଙ୍କା ପଠାଯିବ। ଏହା ମଧ୍ୟ କୁହାଯାଉଛି ଯେ ଦିଲ୍ଲୀ ସରକାର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଏହି ଯୋଜନା ଆରମ୍ଭ କରିବେ । ସରକାରୀ ଚାକିରି କରୁଥିବା ମହିଳା ମାନଙ୍କୁ ଏହି ଯୋଜନାର ଲାଭ ମିଳିବ ନାହିଁ। ଆୟକର ରିଟର୍ଣ୍ଣ ଦାଖଲ କରୁଥିବା ମହିଳା ମାନଙ୍କୁ ମଧ୍ୟ ଏହି ଯୋଜନାର ଲାଭ ଦିଆଯିବ ନାହିଁ।ପେନସନ ସୁବିଧା ପାଉଥିବା ମହିଳାମାନେ ମଧ୍ୟ ଏହି ଯୋଜନାର ଲାଭରୁ ବଞ୍ଚିତ ହୋଇପାରନ୍ତି। ଏହି ଯୋଜନାର ଲାଭ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କୁ ଦିଆଯିବ। ଏହି ଯୋଜନା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ମହିଳାଙ୍କ ପାଇଁ। ଏହି ୨୫୦୦ ଟଙ୍କା ସିଧାସଳଖ ମହିଳାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତରିତ ହେବ।

# କେରଳ ହାଇକୋର୍ଟଙ୍କ ରାୟ: ମହିଳାଙ୍କ ଅଭିଯୋଗ ବେଦର ଗାର ନୁହେଁ

**ଥିରୁଅନନ୍ତପୁରମ,୨।୩:** କୌଣସି ମହିଳା ଯୌନ ନିର୍ଯାତନା ଅଭିଯୋଗ ଆଣିଲେ ତାହା ସଂପୂର୍ଣ୍ଣ ସତ୍ୟ ବୋଲି ଗ୍ରହଣ ନ କରି ଅଭିଯୁକ୍ତଙ୍କ ବକ୍ତବ୍ୟର ଯାଞ୍ଚ ହେବା ଉଚିତ ବୋଲି ନିର୍ଦ୍ଦେଶ ଦେଇଛନ୍ତି କେରଳ ହାଇକୋର୍ଟ । ଏଭଳି ମିଥ୍ୟା ଅଭିଯୋଗ ଅଭିଯୁକ୍ତଙ୍କର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଥାଏ ବୋଲି କେରଳ ହାଇକୋର୍ଟଙ୍କ ମାନ୍ୟବର ବିଚାରପତି ଜଷ୍ଟିସ ପି ଭି କୁହ୍ନିକ୍ରିଷ୍ଣନ ମତ ରଖିଛନ୍ତି । ଏଭଳି ସ୍ଥିତିରେ ପୋଲିସ ଅଧିକାରୀ ସଠିକ ତଦନ୍ତ କରି ମିଥ୍ୟା ଅଭିଯୋଗ ଆଣିଥିବା ମହିଳାଙ୍କ ୱିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ । ଗୋଟିଏ ପଟର ଅଭିଯୋଗ ଗ୍ରହଣ କରି ତଦନ୍ତ କରାଯିବା ଉଚିତ ନୁହେଁ ବୋଲି କେରଳ ହାଇକୋର୍ଟ କହିଛନ୍ତି । ଅଦାଲତ କହିଛନ୍ତି ଅଧିକାଂଶ




ମାମଲାରେ ଅଭିଯୋଗକାରିଣୀ ଯାହା କହିଲେ ତାକୁ ବିଶ୍ୱାସ କରି ପୋଲିସ ମାମଲାର ଅଗ୍ରଗତି କରୁଥିବା ବେଳେ ଅଭିଯୁକ୍ତ କଥାକୁ ଗୁରୁତ୍ୱ ଦିଆଯାଉ ନାହିଁ । ସମାଜରେ ଏହା ଏକ ଟ୍ରେଣ୍ଡ ହୋଇଥିବା ବେଳେ ଅଭିଯୁକ୍ତ ବ୍ୟକ୍ତିଙ୍କରଏକ ମିଥ୍ୟା ଅଭିଯୋଗ ଯୋଗୁଁ ହେଉଥିବା କ୍ଷତି କେବଳ ଅର୍ଥ ଦେଇ ଭରଣା କରି ହେବ ନାହିଁ । କେରଳର ୫୭ ବର୍ଷୀୟ ନୌଷଦ କେ ନାମକ ବ୍ୟକ୍ତିଙ୍କ ବିରୋଧରେ ତାଙ୍କ କମ୍ପାନୀରେ କାମ କରୁଥିବା ଜଣେ ମହିଳା ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ଗତ ଡିସେମ୍ବର ୨୪ ତାରିଖରେ କମ୍ପାନୀ ମାଲିକ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ ବୋଲି ସେ କେରଳର ଏକ ଥାନାରେ ଅଭିଯୋଗ କରିଥିଲେ । କିନ୍ତୁ ଅଭିଯୋଗକାରିଣୀଙ୍କର କମ୍ପାନୀରେ ପ୍ରଦର୍ଶନ ସଠିକ ନ ଥିଲା ଓ ତାଙ୍କୁ ବହିଷ୍କାର ପାଇଁ ନୋଟିସ ମିଳିବା ପରେ ସେ ଏଭଳି ଅଭିଯୋଗ ଆଣିଥିବା କମ୍ପାନୀ ମାଲିକ କହିଥିଲେ । ଏ ନେଇ ମହିଳା କର୍ମଚାରୀ ମାଲିକଙ୍କୁ ପୂର୍ବରୁ ଦେଇଥିବା ଏକ ଧମକର ଅଡିଓ ରେକର୍ଡ଼ିଂ ସେ ପୋଲିସକୁ ଦେଇଥିଲେ ମଧ୍ୟ ପୋଲିସ ତାକୁ ଗ୍ରହଣ ନ କରି କମ୍ପାନୀ ମାଲିକଙ୍କୁ ଗିରଫ କରିଥିଲା । ଶୁଣାଣି ସମୟରେ କେରଳ ହାଇକୋର୍ଟ ଅନୁଭବ କରିଥିଲେ ପୋଲିସ ତଦନ୍ତ ସଠିକ ଭାବେ ନକରି କମ୍ପାନୀ ମାଲିକଙ୍କୁ ଗିରଫ କରିଛି। କମ୍ପାନୀ ମାଲିକଙ୍କୁ କେରଳ ହାଇକୋର୍ଟ ଜାମିନ ମଞ୍ଜୁର କରିବା ସହିତ ପୋଲିସ ଏଭଳି ଅଭିଯୋଗର ସଠିକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କେରଳ ହାଇକୋର୍ଟ ।

## ଦୋଳ ପୂର୍ଣ୍ଣିମାରେ ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ



**ନୂଆଦିଲ୍ଲୀ,୨।୩:** ପ୍ରତିବର୍ଷ ସୂର୍ଯ୍ୟ ପରାଗ ଏବଂ ଚନ୍ଦ୍ରଗ୍ରହଣ ହୁଏ। ଧାର୍ମିକ ଦୃଷ୍ଟିକୋଣରୁ, ଗ୍ରହଣକୁ ଶୁଭ ବୋଲି ବିବେଚନା କରାଯାଏ ନାହିଁ। ଏହି କାରଣରୁ ହିନ୍ଦୁ ଧର୍ମରେ ଗ୍ରହଣ ସମୟରେ ସୂତକର ନିୟମ ପାଳନ କରାଯାଏ ଏବଂ ଅନେକ ପ୍ରକାରର କାର୍ଯ୍ୟକଳାପ ନିଷେଧ କରାଯାଏ। ଚଳିତବର୍ଷ ଗୋଟିଏ ମାସରେ ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗହଣ ଲାଗୁଛି। ବର୍ଷର ପ୍ରଥମ ଗ୍ରହଣ ବିଷୟରେ କହିବାକୁ ଗଲେ, ବର୍ଷର ପ୍ରଥମ ଗ୍ରହଣ ୨୦୨୫ ମାର୍ଚ୍ଚରେ ହେବାକୁ ଯାଉଛି, ଯାହା ଏକ ଚନ୍ଦ୍ରଗ୍ରହଣ ହେବ। ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ୧୪ ମାର୍ଚ୍ଚ, ଫାଲଗୁଣ ପୂର୍ଣ୍ଣିମା ଦିନ ହେବାକୁ ଯାଉଛି। ଏହି ଗ୍ରହଣ ମାର୍ଚ୍ଚ ୧୪ ତାରିଖ ସକାଳ ୯:୨୯ ରେ ଆରମ୍ଭ ହେବ ଏବଂ ଅପରାହ୍ନ ୩:୨୯ ରେ ଶେଷ ହେବ। ଭାରତୀୟ ସମୟ ଅନୁସାରେ, ଚନ୍ଦ୍ରଗ୍ରହଣ ଦିନବେଳେ ହେଉଛି, ତେଣୁ ଏହା ଭାରତରେ ଦୃଶ୍ୟମାନ ହେବ ନାହିଁ ଏବଂ କୌଣସି ସୂତକ ମଧ୍ୟ ହେବ ନାହିଁ। ଯେଉଁ ସ୍ଥାନରେ ଗ୍ରହଣ ଦୃଶ୍ୟମାନ ହୁଏ, ସେଠାରେ ସୂତକ ବୈଧ ଅଟେ। ଯେହେତୁ ଚନ୍ଦ୍ରଗ୍ରହଣ ଭାରତରେ ଦୃଶ୍ୟମାନ ହେବ ନାହିଁ, ତେଣୁ ଏଠାରେ ଚନ୍ଦ୍ରଗ୍ରହଣ ଦେଖାଯିବ ନାହିଁ। ସୂତକ ବୈଧ ନୁହେଁ, ତେଣୁ ଚନ୍ଦ୍ରଗ୍ରହଣ ହୋଲି ଉପରେ ପ୍ରଭାବ ପକାଇବ ନାହିଁ। ତେଣୁ, ମାର୍ଚ୍ଚ ୧୪ ତାରିଖରେ ଆପଣ ହୋଲି ଖେଳିପାରିବେ, ପୂଜା କରିପାରିବେ ଏବଂ ଫାଲଗୁନ ପୂର୍ଣ୍ଣିମା ସହିତ ଜଡିତ ସମସ୍ତ ଧାର୍ମିକ କାର୍ଯ୍ୟକଳାପ ମଧ୍ୟ କରିପାରିବେ।

## ଉତ୍ତରାଖଣ୍ଡରେ ହିମସ୍ଖଳନ ଘଟଣା
## ୮ ଶ୍ରମିକ ମୃତ, ଉଦ୍ଧାର କାର୍ଯ୍ୟ ଶେଷ



**ଡେରାଡୁନ,୨।୩:** ଉତ୍ତରାଖଣ୍ଡ ଚମୋଲିରେ ହୋଇଥିବା ଭୟଙ୍କର ହିମସ୍ଖଳନ ଘଟଣାର ସରିଲା ଉଦ୍ଧାର କାର୍ଯ୍ୟ । ପ୍ରବଳ ତୁଷାରପାତରେ ଭୟଙ୍କର ହିମସ୍ଖଳନ ହୋଇଥିଲା । ଫଳରେ ୫୪ ଶ୍ରମିକ ଫସି ରହିଥିଲେ । ଏଥିରେ ୮ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୪୬ ଜଣଙ୍କ ଚିକିତ୍ସା ଜାରି ରହିଛି । ଏହା ସହ ସରିଛି ଉଦ୍ଧାର କାର୍ଯ୍ୟ । ଗତ ୨୮ରେ ଦେଶର ପ୍ରଥମ ଗାଁ ମାନାରେ ପ୍ରବଳ ହିମସ୍ଖଳନ ହୋଇଥିଲା । ପ୍ରଥମେ ୫୫ ଜଣ ଶ୍ରମିକ ଫସିରହିଥିବା କୁହାଯାଇଥିଲା । ହେଲେ ପରେ ୫୪ ଜଣ ଫସି ରହିଥିବା ଜଣାପଡିଥିଲା । କାରଣ ଜଣେ ଶ୍ରମିକ କାହାକୁ କିଛି କହି ସେଠାରୁ ଚାଲିଯାଇଥିଲେ । ପ୍ରଥମ ଦିନରୁ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଚେଷ୍ଟା ଜାରି ରହିଥିବା ବେଳେ ଦ୍ୱିତୀୟ ଦିନ ସୁଦ୍ଧା ୫୦ ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା । ସେଥିରେ ୪୬ ଜଣଙ୍କ ଚିକିତ୍ସା କରାଯାଉଥିବା ବେଳେ ସେମାନଙ୍କ ମଧ୍ୟରେ ୨ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଏମ୍ସ ରେଫର୍ କରାଯାଇଛି। ଏହି ଦୁଃଖଦ ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ତୃତୀୟ ଦିନ ଅର୍ଥାତ ଆଜି ୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା ।ନିଖୋଜ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଚେଷ୍ଟା ଜାରି ରହିଥିଲା । ଆଜି ତୃତୀୟ ଦିନରେ ଜଣେ ନିଖୋଜ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଏସଡିଆରଏଫ ଟିମ ଲାଗି ପଡିଥିଲା । ବିଶେଷଜ୍ଞ ଦଳ ଭିଏଲ୍ସି ଏବଂ ଥର୍ମାଲ ଇମେଜ କ୍ୟାମେରା ସହାୟତା ନିଆଯାଇଥିଲା । ହେଲେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ଏହା ସହ ଶେଷ ହୋଇଛି ଉଦ୍ଧାର କାର୍ଯ୍ୟ ।

## ସ୍ୱପ୍ନ ସାକାର ପାଇଁ ଶିବଲିଙ୍ଗ ଚୋରି




**ଦ୍ୱାରକା(ଗୁଜରାଟ), ୨।୩:** ଭିଡ୍‌ଭଞ୍ଜନ ମହାଦେବ ମନ୍ଦିରରୁ ଶିବଲିଙ୍ଗ ଆଣି ଘରେ ରଖିଲେ ପରିବାରର ସମସ୍ତ ସମସ୍ୟା ସମାଧାନ ସହ ସୁଖ, ଶାନ୍ତି ଫେରି ଆସିବ ବୋଲି ବହୁ ଦିନର ସ୍ୱପ୍ନ ଥିଲା। ଝିଅର ଏଭଳି ସ୍ୱପ୍ନକୁ ପୂରଣ କରିବା ପାଇଁ ପରିବାର ଲୋକେ ନିଜ ଗ୍ରାମଠାରୁ ୫୦୦କିଲୋମିଟର ଦୂରରେ ଅବସ୍ଥିତ ମହାଦେବ ମନ୍ଦିରରୁ ଶିବ ଲିଙ୍ଗ ଚୋରି କରି ଆଣି ନିଜ ଘରେ ପ୍ରତିଷ୍ଠା କଲେ। ପୋଲିସ ଏନେଇ ଜାଣିବା ପରେ ପରିବାରର ୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଭଳି ଏକ ଘଟଣା ଘଟିଛି ଗୁଜରାଟର ଦ୍ୱାରକା ଅଞ୍ଚଳରେ। ଚୋରି ହୋଇଥିବା ଶିବଲିଙ୍ଗଙ୍କୁ ଉଦ୍ଧାର କରାଯିବା ପରେ ତାକୁ ପୁଣି ମନ୍ଦିରରେ ପୁନଃସ୍ଥାପନା କରାଯାଇଛି। ମିଳିଥିବା ସୂଚନାନୁସାରେ ଗୁଜରାଟର ସବରକଣ୍ଠ ଜିଲାର ହିମତ୍ ନଗରବାସୀ ମହେନ୍ଦ୍ର ମକ୍‌ଓ୍ୱାନାଙ୍କ ଝିଆରୀଙ୍କ ସ୍ୱପ୍ନ ଥିଲା ଯେ, ଦ୍ୱାରକାସ୍ଥିତ ଭିଡ୍‌ଭଞ୍ଜନ ମହାଦେବ ମନ୍ଦିରର ଶିବଲିଙ୍ଗଙ୍କୁ ଆଣି ଘରେ ସଂସ୍ଥାପନ କରିବାକୁ । ଏହାଦ୍ୱାରା ପରିବାରର ସବୁ ସମସ୍ୟା ଦୂର ହୋଇଯିବ। ଏପରି କି ସେ ମନ୍ଦିରରୁ ଶିବଲିଙ୍ଗ ଚୋରି କରି ଆଣିବାକୁ ପରିବାର ଲୋକଙ୍କୁ ମଧ୍ୟ ବିଭିନ୍ନ ସମୟରେ ପ୍ରବର୍ତ୍ତାଉଥିଲେ। ଝିଅର ସ୍ୱପ୍ନକୁ ପୂରଣ କରିବାକୁ ପରିବାରର ୮ଜଣ ସଦସ୍ୟ ନିଜ ଗ୍ରାମଠାରୁ ୫୦୦ କିଲୋମିଟର ଦୂର ଦ୍ୱାରକା ଯାଇଥିଲେ। ସେଠାରେ କିଛି ଦିନ ରହି ହର୍ସଦସ୍ଥିତ ଭିଡ୍‌ଭଞ୍ଜନ ମହାଦେବ ମନ୍ଦିରର ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଉକ୍ତ ମନ୍ଦିରରୁ ଶିବଲିଙ୍ଗ ଚୋରାଇ ଆଣିଥିଲେ। ଏପରି କି ଗତ ମହାଶିବରାତ୍ରି ଦିନ ଶିବଲିଙ୍ଗଙ୍କୁ ଘରେ ପ୍ରତିଷ୍ଠା କରି ପୂଜା କରିଥିଲେ। ମନ୍ଦିରରୁ ଶିବଲିଙ୍ଗ ଚୋରି ହେବା ପରେ ଦ୍ୱାରକା ପୋଲିସ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ତଲାସି କରିଥିଲା। ତଦନ୍ତ ସମୟରେ ବିଭିନ୍ନ ତଥ୍ୟକୁ ଆଧାର କରି ୫୦୦ କି.ମି. ଦୂର ସର୍ବକଣ୍ଠା ଗ୍ରାମକୁ ଯାଇ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିତ୍ ଥିଲା। ପୋଲିସ ଚୋରି ଶିବ ଲିଙ୍ଗକୁ ଉଦ୍ଧାର କରିବା ସହ ମହେନ୍ଦ୍ର ଏବଂ ୩ଜଣ ମହିଳାଙ୍କ ସମେତ ତାଙ୍କ ପରିବାରର ୮ଜଣଙ୍କୁ ଗିରଫ କରିଥିବା ଦ୍ୱାରକା ଏସ୍‌ପି ନୀତିଶ ପାଣ୍ଡେ ସୂଚନା ଦେଇଛନ୍ତି।

## ୩,୫୫୮ କୋଟି ଦୁର୍ନୀତିର ମାଷ୍ଟରମାଇଣ୍ଡ ଗିରଫ



**ନୂଆଦିଲ୍ଲୀ,୨।୩:** ଦିଲ୍ଲୀ ଇନ୍ଦିରା ଗାନ୍ଧି ବିମାନବନ୍ଦରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ରେଡ୍ । ୩,୫୫୮ କୋଟି ଘୋଟାଲାର ମାଷ୍ଟର ମାଇଣ୍ଡ ସୁଖବୀନ୍ଦର ସିଂହ ଖରୁର ଏବଂ ଡିମ୍ପଲ ଖରୁର ଗିରଫ । ଦୁଇ ଅଭିଯୁକ୍ତ ଦେଶ ଛାଡ଼ି ପଳାୟନ କରୁଥିବା ବେଳେ ବାନ୍ଧିଲା ଇଡି ଟିମ୍ । ଲୁକ୍ ଆଉଟ୍ ନୋଟିସ୍ ଜାରି ହୋଇଥିବାରୁ ଦୁହିଁଙ୍କୁ ବିମାନ ବନ୍ଦରରେ ଅଟକାଇ ଦିଆଯାଇଛି। ଇଡି ଅଧିକାରୀଙ୍କ ଅନୁଯାୟୀ, ଏହି ଗିରଫଦାରୀ ଭ୍ୟୁନାଓ ମାର୍କେଟିଂ ସର୍ଭିସେସ୍ ଲିମିଟେଡ୍ ଏବଂ ଏହା ସହିତ ଜଡ଼ିତ କମ୍ପାନି ମାନଙ୍କ ବିରୋଧରେ ଅର୍ଥ ହେରଫେରକୁ ନେଇ ହେଉଛି । ସୁଖବୀନ୍ଦର ସିଂହ ଖରୁର ଏବଂ ଡିମ୍ପଲ ଖରୁର ଗିରଫ କରିବା ପରେ ଇଡି ଟିମ୍ ଜଳନ୍ଧର କୋର୍ଟରେ ହାଜର କରିଥିଲା। ତେବେ ଅଦାଲତ ଅଧିକ ତଦନ୍ତ ପାଇଁ ଦୁଇ ଅଭିଯୁକ୍ତଙ୍କୁ ଇଡି ହେପାଜତକୁ ପଠାଇଛନ୍ତି । ଏହି ଘୋଟଲା 'Cloud Particle Scam' ନାଁରେ ପରିଚିତ। ଏହାର ନିର୍ଦ୍ଦେଶକଙ୍କୁ ସେଲ୍ ଆଣ୍ଡ୍ ଲିଜ୍-ବ୍ୟାଙ୍କ ମଡେଲ ଜରିଆରେ ଫସାଇ ଦିଆଯାଇଛି । ତଦନ୍ତ ଏଜେନ୍ସି ଦ୍ୱାରା ମିଳିଥିବା ସୂଚନା ଅନୁଯାୟୀ, ଉତ୍ତର ପ୍ରଦେଶର ଗୌତମବୁଦ୍ଧ ନଗର ପୋଲିସ ଦ୍ୱାରା ମାମଲା ରୁଜୁ ହେବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆକ୍ସନ ନେଇଛି । ପ୍ରାଥମିକ ଯାଞ୍ଚରୁ ସାମ୍ନାକୁ ଆସିଛି ଯେ, ଭ୍ୟୁନାଓ ମାର୍କେଟିଂ ସର୍ଭିସେସ୍ ଗ୍ରୁପର ସିଇଓ ଏବଂ ସଂସ୍ଥାପକ ସୁଖବୀନ୍ଦର ସିଂହ ଖରୁର ନିଜ ସହଯୋଗୀଙ୍କ ସହିତ ମିଶି ଏହି ଘୋଟାଲା କରିଛନ୍ତି ।

# ୟୁକ୍ରେନକୁ ନେଇ ଦୁଇଫାଳ ବିଶ୍ୱ

**କିଭ୍ ୨।୩:** ରୁଷ୍ ସହ ୟୁକ୍ରେନର ଶାନ୍ତି ବୁଝାମଣା ଫେଲ୍ । ମସ୍କୋ ସହ ସାଲିସ୍ କରିବାକୁ ମନା କଲେ ଜେଲେନସ୍କି । ଏହାକୁ ନେଇ ହ୍ୱାଇଟ୍ ହାଉସରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ଯୁକ୍ତିତର୍କ ହୋଇଥିଲେ ମଧ୍ୟ ମୁଣ୍ଡ ନୁଆଁଇ ନଥିଲେ ୟୁକ୍ରେନ ରାଷ୍ଟ୍ରପତି । ୟୁକେନ୍ ରାଷ୍ଟ୍ରପତିଙ୍କ ଯୁକ୍ତିକୁ ଦେଖି ସମଗ୍ର ବିଶ୍ୱ ହତଚକିତ ହୋଇପଡିଛି । ଏଭଳି ସ୍ଥିତିରେ ୟୁକ୍ରେନ ଓ ଜେଲେନ୍‌ସ୍କିଙ୍କ ପ୍ରତି ବିଶ୍ୱର ସମର୍ଥନ ବଢ଼ିବାରେ ଲାଗିଛି । ୟୁରୋପୀୟ ନେତାମାନେ ଜେଲେନସ୍କିଙ୍କୁ ଦୃଢ଼ ସମର୍ଥନ କରିଛନ୍ତି ।



ୟୁକ୍ରେନକୁ ସମର୍ଥନ କରୁଥିବା ଦେଶ ମଧ୍ୟରେ ଜର୍ମାନୀ, ବ୍ରିଟେନ, ଫ୍ରାନ୍ସ, ସ୍ପେନ, ପୋଲାଣ୍ଡ ଓ ନେଦରଲାଣ୍ଡ ରହିଛନ୍ତି । ସେହିଭଳି କାନାଡା, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟ ୟୁକ୍ରେନକୁ ସମର୍ଥନ କରିଛନ୍ତି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍ ଏକ୍ସରେ ଲେଖିଛନ୍ତି, ରୁଷ ଆକ୍ରମଣକାରୀ ହୋଇଥିଲା ବେଳେ ୟୁକ୍ରେନ ପୀଡ଼ିତ । ତିନି ବର୍ଷ ତଳୁ ଆମେ ରୁଷ୍ ଉପରେ ବାସନ୍ଦ ଲଗାଇଥିବା ବେଳେ ୟୁକ୍ରେନକୁ ସମର୍ଥନ ଦେଇଆସିଛୁ । ଏହି ଧାରା ଆଗକୁ ମଧ୍ୟ ଜାରି ରହିବ । ନେଦରଲାଣ୍ଡ ପ୍ରଧାନମନ୍ତ୍ରୀ ଡିକ୍ ସୁଫ୍ କହିଛନ୍ତି, ତାଙ୍କ ଦେଶ ୟୁକ୍ରେନକୁ ସମର୍ଥନ ଦେଇଆସିଛି ଏବଂ ଆଗକୁ ଦେବ । ରୁଷ୍ ଆରମ୍ଭ କରିଥିବା ଆକ୍ରମଣ ବନ୍ଦ ପ୍ରଥମେ ବନ୍ଦ କରୁ । ୟୁକ୍ରେନ ଓ ତାହାର ଜନସାଧାରଣ ଓ ୟୁରୋପ ପାଇଁ ଶାନ୍ତି ଆବଶ୍ୟକ ।

ଜର୍ମାନୀର ବିଦାୟୀ ଚାନ୍‌ସେଲର ଓଲାଫ ସୋଲ୍‌ଜ କହିଛନ୍ତି, ୟୁକ୍ରେନର ଜନସାଧାରଣ ଶାନ୍ତି ପାଇଁ ଯାହା କରିଛନ୍ତି ଅନ୍ୟ କେହି ତାହା କରିନାହାନ୍ତି। ୟୁକ୍ରେନ ପଛରେ ଜର୍ମାନୀ ଛିଡ଼ା ହୋଇଛି । ଏହି ଯୁଦ୍ଧରେ କିଏ ଆକ୍ରମଣକାରୀ ଓ କିଏ ପୀଡ଼ିତ ତାକୁ ନେଇ କାହାରି ମନରେ ଦ୍ୱନ୍ଦ୍ୱ ନାହିଁ । ସେହଭଳି ସ୍ପେନ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ କହିଛନ୍ତି ସ୍ପେନ୍ ସବୁବେଳେ ୟୁକ୍ରେନ ସହ ଅଛି । ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ଲେଖିଛନ୍ତି ପ୍ରିୟର ଜେଲେନ୍‌ସ୍କି, ପ୍ରିୟ ୟୁକ୍ରେନ ବନ୍ଧୁ, ଆପଣ ଏକା ନୁହନ୍ତି । ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲିୟେନ କହିଛନ୍ତି, ଜେଲେନ୍‌ସ୍କି ଯେଉଁ ସାହସ ଦେଖାଇଛନ୍ତି ତାହା ୟୁକ୍ରେନବାସୀଙ୍କ ସାହସର ପ୍ରତିଫଳନ । କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ କହିଛନ୍ତି, ଶାନ୍ତି ପ୍ରତିଷ୍ଠା ନ ହେବା ପର୍ଯ୍ୟନ୍ତ ତାଙ୍କ ଦେଶ ୟୁକ୍ରେନ ଓ ୟୁକେନବାସୀଙ୍କ ପଛରେ ଦୃଢ଼ ଭାବେ ଠିଆ ହେବ । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲ୍‌ବାନିଜ କହିଛନ୍ତି, ରୁଷର ଆକ୍ରମଣ ବିରୋଧରେ ୟୁକ୍ରେନର ସାର୍ବଭୌମତ୍ୱର ସୁରକ୍ଷା ଲାଗି ତାଙ୍କ ଦେଶ ୟୁକ୍ରେନବାସୀଙ୍କୁ ସମର୍ଥନ ଜାରି ରଖିବ। ସେହିଭଳି ଅଷ୍ଟ୍ରିଆ, ବେଲ୍‌ଜିୟମ, କ୍ରୋଏସିଆ, ଡେନମାର୍କ, ଏସ୍ତୋନିଆ, ଫିନଲାଣ୍ଡ, ଆୟର୍ଲାଣ୍ଡ, ଲାଟଭିଆ, ଲିଥୁଆନିଆ, ଲକ୍ସେମବର୍ଗ, ମୋଲଡୋଭା, ରୋମାନିଆ, ସ୍ୱିଡେନ ଓ ସ୍ଲୋଭେନିଆ ଭଳି ଦେଶର ନେତାମାନେ ୟୁକ୍ରେନକୁ ଦୃଢ଼ ସମର୍ଥନ ଜଣାଇଛନ୍ତି ।

ଅନ୍ୟପକ୍ଷରେ ହଙ୍ଗେରୀ ପ୍ରଧାନମନ୍ତ୍ରୀ ଭିକ୍ଟର ଓରବାନ୍ ଟ୍ରମ୍ପଙ୍କୁ ସମର୍ଥନ କରିଛନ୍ତି । କହିଛନ୍ତି ଦୃଢ଼ ବ୍ୟକ୍ତି ଶାନ୍ତି ଖୋଜନ୍ତି, କିନ୍ତୁ ଦୁର୍ବଳ ବ୍ୟକ୍ତି ଯୁଦ୍ଧ ଆଣନ୍ତି। ଟ୍ରମ୍ପ ଶାନ୍ତି ପାଇଁ ଦୃଢ଼ ଭାବେ ଠିଆ ହୋଇଛନ୍ତି । କିନ୍ତୁ ଏହାକୁ ହଜମ କରିବା ଅନେକଙ୍କ ପକ୍ଷେ କଷ୍ଟକର। ଟ୍ରମ୍ପଙ୍କୁ ଏଥିପାଇଁ ଧନ୍ୟବାଦ । ସେପଟେ ବ୍ରିଟେନ ପ୍ରଧାନମନ୍ତ୍ରୀ ସାର୍ କିଏର ଷ୍ଟାର୍ମରଙ୍କ ଦ୍ୱାରା ରବିବାର ଆୟୋଜିତ ହେବାକୁ ଥିବା ୟୁରୋପୀୟ ସମ୍ମିଳନୀରେ ଯୋଗଦେବା ଲାଗି ଆଜି ଜେଲେନ୍‌ସ୍କି ଲଣ୍ଡନରେ ପହଞ୍ଚିଛନ୍ତି । ସେଠାରେ ସେ ଷ୍ଟାର୍ମରଙ୍କ ସହ ଡାଉନିଂ ଷ୍ଟ୍ରିଟ୍‌ରେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି ।

ଯୁକ୍ତିତର୍କ ହୋଇଥିଲା । ସେଠାରେ କିଛି ଗଣମାଧ୍ୟମ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ଜେଲେନ୍‌ସ୍କିଙ୍କୁ ହ୍ୱାଇଟ୍ ହାଉସରୁ ଚାଲିଯିବାକୁ କହିବା ଲାଗି ଟ୍ରମ୍ପ ତାଙ୍କର ଜଣେ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଯାହାଫଳରେ ଜେଲେନ୍‌ସ୍କି ସେଠାରୁ ପଳାଇଥିଲେ । ବୈଠକ ବିଫଳ ହେବାରୁ ଦୁଇଦେଶ ମଧ୍ୟରେ ହେବାକୁ ଥିବା ଖଣିଜ ରାଜିନାମା ଓ ମିଳିତ ସାମ୍ବାଦିକ ସମ୍ମିଳନୀ ବାତିଲ ହୋଇଥିଲା । ରଶି ଜଳିଗଲାଣି ହେଲେ ବଳ ଯାଉନି।

## ସୁଟ୍‌କେଶରେ ମିଳିଲା କଂଗ୍ରେସ ନେତ୍ରୀଙ୍କ ମୃତଦେହ




**ନୂଆଦିଲ୍ଲୀ,୨।୩:** ହରିୟାଣାରେ ପୌର ନିର୍ବାଚନ ଦିନ, ରୋହତକ ଦିଲ୍ଲୀ ରାଜପଥର ସାମ୍ପଲା ବସ ଷ୍ଟାଣ୍ଡ ନିକଟରେ ଜଣେ ମହିଳା କଂଗ୍ରେସ କର୍ମୀଙ୍କ ମୃତଦେହ ମିଳିବା ପରେ ଉତ୍ତେଜନା ପ୍ରକାଶ ପାଇଛି। ମହିଳା ଯୁବ କଂଗ୍ରେସ ପଦାଧିକାରୀଙ୍କ ନାମ ହିମାନୀ ନରୱାଲ। ଯିଏକି ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂହ ହୁଡାଙ୍କ ଗଡ଼ ରୋହତକର ବାସିନ୍ଦା ଅଟନ୍ତି। କୁହାଯାଉଛି ଯେ ସେ ପାର୍ଟିରେ ବହୁତ ସକ୍ରିୟ ଭାବରେ କାମ କରୁଥିଲେ।

ଶୁକ୍ରବାର (୨୮ ଫେବୃଆରୀ, ୨୦୨୫) ଦିନ ସାମ୍ପଲା ବସ ଷ୍ଟାଣ୍ଡ ନିକଟରେ ଏକ ବଡ଼ ନୀଳ ସୁଟକେସରେ ମହିଳାଙ୍କ ମୃତଦେହ ମିଳିଥିଲା, ଯାହା ପରେ ସାମ୍ପଲା ପୋଲିସ ଷ୍ଟେସନକୁ ସୂଚନା ଦିଆଯାଇଥିଲା। ତାଙ୍କ ବେକରେ ଏକ ସ୍କାର୍ଫ ଗୁଡ଼ା ହୋଇଥିଲା ଏବଂ ତାଙ୍କ ହାତରେ ମେହେନ୍ଦୀ ମଧ୍ୟ ଲାଗିଥିଲା।

ସୋନିପତର କଥୁରା ଗାଁର ବାସିନ୍ଦା ହିମାନି ନରୱାଲ ଜଣେ କଂଗ୍ରେସ କର୍ମୀ ଥିଲେ। ହିନ୍ଦୁସ୍ତାନ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ହିମାନି ନରୱାଲ ରୋହତକ ଏମପି ଦୀପେନ୍ଦର ହୁଡାଙ୍କ ସମେତ ଅନେକ ନେତାଙ୍କ ରାଜନୈତିକ କାର୍ଯ୍ୟକ୍ରମରେ ସାମିଲ ଥିଲେ। ସେ କଂଗ୍ରେସ ରାଲି ଏବଂ ସାମାଜିକ କାର୍ଯ୍ୟକ୍ରମରେ ହରିୟାଣଭି ଲୋକ କଳାକାରଙ୍କ ସହିତ ପ୍ରଦର୍ଶନ କରିବା ପାଇଁ ଜଣାଶୁଣା ଥିଲେ। କେବଳ ଏତିକି ନୁହେଁ, ଭାରତ ଯୋଡ ଯାତ୍ରା ସମୟରେ ହିମାନୀଙ୍କୁ ରାହୁଲ ଗାନ୍ଧୀଙ୍କ ସହ ମଧ୍ୟ ଦେଖିବାକୁ ମିଳିଥିଲା।

ହିମାନୀ ନରୱାଲଙ୍କ ହତ୍ୟା ପରେ, କଂଗ୍ରେସ ମହିଳା ଶାଖା ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି। ହରିଆଣାର ଜଣେ ସକ୍ରିୟ କଂଗ୍ରେସ କର୍ମୀ ହିମାନି ନରୱାଲ ଜୀଙ୍କ ନିର୍ମମ ହତ୍ୟା ଖବର ଅତ୍ୟନ୍ତ ହୃଦୟବିଦାରକ। ଏକ ସୁଟକେସରେ ମହିଳାଙ୍କ ମୃତଦେହ ମିଳିବା କେବଳ ଦୁଃଖଦ ନୁହେଁ, ବରଂ ଏହା ରାଜ୍ୟର ଆଇନ ଶୃଙ୍ଖଳାର ଭୟଙ୍କର ସତ୍ୟକୁ ମଧ୍ୟ ପଦାରେ ପକାଇଛି। ଆମେ ହରିୟାଣା ସରକାରଙ୍କ ନିକଟରେ ଦାବି କରୁଛୁ ଯେ ହିମାନି ନରୱାଲଜୀଙ୍କ ହତ୍ୟାକାରୀମାନଙ୍କୁ ତୁରନ୍ତ ଗିରଫ କରାଯାଉ ଏବଂ କଠୋର ଦଣ୍ଡ ଦିଆଯାଉ, ଯାହା ଦ୍ୱାରା ଭବିଷ୍ୟତରେ କୌଣସି ଝିଅ ଏପରି ନିର୍ମମତାର ଶିକାର ନ ହେବାକୁ ପଡ଼େ। ଭଗବାନ ହିମାନି ଜୀଙ୍କ ପରିବାରକୁ ଏହି ବିଶାଳ ଦୁଃଖ ସହିବା ପାଇଁ ଶକ୍ତି ଦିଅନ୍ତୁ ବୋଲି କଂଗ୍ରେସ ମହିଳା ଶାଖା କହିଛି।

ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂହ ହୁଡା ହିମାନୀ ନରୱାଲଙ୍କ ହତ୍ୟାକାଣ୍ଡରେ ଦୁଃଖ ପ୍ରକାଶ କରି କହିଛନ୍ତି, ରୋହତକରେ ସକ୍ରିୟ କଂଗ୍ରେସ କର୍ମୀ ହିମାନୀ ନରୱାଲଙ୍କ ନିର୍ମମ ହତ୍ୟା ଖବର ଅତ୍ୟନ୍ତ ଦୁଃଖଦ ଏବଂ ମର୍ମାହତ। ମୁଁ ଦିବଙ୍ଗତ ଆତ୍ମାକୁ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି ଏବଂ ପରିବାର ସଦସ୍ୟଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି। ଜଣେ ଝିଅକୁ ଏହିପରି ହତ୍ୟା କରିବା ଏବଂ ତାଙ୍କ ମୃତଦେହ ଏକ

## ମାତ୍ର ୫ ଟଙ୍କାରେ କୃଷକଙ୍କୁ ମିଳିବ ବିଦ୍ୟୁତ୍ ସଂଯୋଗ




**ଭୋପାଳ,୨।୩:** ମଧ୍ୟପ୍ରଦେଶର ଚାଷୀଙ୍କ ପାଇଁ ରାଜ୍ୟ ସରକାର ବଡ଼ ଘୋଷଣା। ରାଜ୍ୟର ଚାଷୀଙ୍କୁ ମାତ୍ର ୫ ଟଙ୍କାରେ ବିଦ୍ୟୁତ ସଂଯୋଗ ଦିଆଯିବ। ରବିବାର (୨ ମାର୍ଚ୍ଚ)ରେ ଏହି ଘୋଷଣା କରି ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି ଯେ ରାଜ୍ୟର ଚାଷୀମାନଙ୍କୁ ୫ ଟଙ୍କାରେ ସ୍ଥାୟୀ ବିଦ୍ୟୁତ ସଂଯୋଗ ଦିଆଯିବ। ଏହା ସହିତ, ଚାଷୀମାନଙ୍କ କ୍ଷେତକୁ ଜଳସେଚନ କରିବା ପାଇଁ ପାଣିର ଉତ୍ତମ ବ୍ୟବସ୍ଥା କରାଯିବ।

ଭୋପାଳରେ ଚାଷୀମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି, ମଧ୍ୟପ୍ରଦେଶ କେନ୍ଦ୍ରୀୟ ବିଦ୍ୟୁତ ବଣ୍ଟନ କମ୍ପାନୀ ଖୁବ୍ ଶୀଘ୍ର ଏହି ଯୋଜନା ଆରମ୍ଭ କରିବ। "ଯେଉଁ ଚାଷୀମାନଙ୍କର ସ୍ଥାୟୀ ବିଦ୍ୟୁତ ସଂଯୋଗ ନାହିଁ, ସେମାନଙ୍କୁ ୫ ଟଙ୍କାରେ ଏହି ସୁବିଧା ଦିଆଯିବ। ଆମେ କୃଷକମାନଙ୍କ ଜୀବନକୁ ଉନ୍ନତ କରିବାକୁ ଚାହୁଁଛୁ।" ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି, ସରକାର ଜଳସେଚନ ପାଇଁ ସୋଲାର ପମ୍ପ ମାଧ୍ୟମରେ ଚାଷୀମାନଙ୍କୁ ବିଦ୍ୟୁତ୍ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତ କରିବାକୁ ଚାହୁଁଛନ୍ତି। "ଆସନ୍ତା ତିନି ବର୍ଷ ମଧ୍ୟରେ ଚାଷୀମାନଙ୍କ ପାଇଁ ୩୦ ଲକ୍ଷ ସୌର ଜଳସେଚନ ପମ୍ପ ଉପଲବ୍ଧ କରାଯିବ। ସରକାର ଚାଷୀଙ୍କଠାରୁ ସୌରଶକ୍ତି କିଣିବେ। ଏହା ସହିତ, ସେ ଦାବି କରିଛନ୍ତି, କଂଗ୍ରେସ କ୍ଷମତାରେ ଥିବା ସମୟରେ ଗାଁରେ ଉପଯୁକ୍ତ ଭିତ୍ତିଭୂମି, ବିଦ୍ୟୁତ୍ ଏବଂ ରାସ୍ତା ନଥିଲା, କିନ୍ତୁ ବିଜେପି ଶାସନରେ ପରିସ୍ଥିତିରେ ଉନ୍ନତି ଆସିଛି।

## ପୂର୍ବତନ ସେବି ମୁଖ୍ୟ ମାଧବୀଙ୍କ ଅଡୁଆ ବଢ଼ିଲା
### କୋର୍ଟ ଦେଲେ ଏଫ୍‌ଆଇଆର ନିର୍ଦ୍ଦେଶ

**ମୁମ୍ବାଇ,୨।୩:** ମୁମ୍ବାଇର ସ୍ୱତନ୍ତ୍ର ଦୁର୍ନୀତି ନିବାରଣ ଅଦାଲତ ଶନିବାର ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି)ର ପୂର୍ବତନ ଅଧକ୍ଷା ମାଧବୀ ପୁରୀ ବୁଚ ଏବଂ ସେବି ଏବଂ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ଶୀର୍ଷ ଅଧିକାରୀଙ୍କ ବିରୁଦ୍ଧରେ ଏଫଆଇଆର ପଞ୍ଜିକରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ବିଚାରପତି ଏସ୍.ଇ. ବାଙ୍ଗର ଏହି ନିର୍ଦ୍ଦେଶ ଥାନେ ସାମ୍ବାଦିକ ସପନ ଶ୍ରୀବାସ୍ତବଙ୍କ ଦ୍ୱାରା ଦାୟର ଆବେଦନ ଉପରେ ଦେଇଛନ୍ତି। ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ସେବି ଅଧିକାରୀମାନେ ସେମାନଙ୍କର ଆଇନଗତ ଦାୟିତ୍ୱ ନିର୍ବାହ କରିନାହାଁନ୍ତି,ବଜାର ହେରଫେରକୁ ଅନୁମତି ଦେଇଛନ୍ତି ଏବଂ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରିନଥିବା।

## ଅମିତ ଶାହଙ୍କ ସହ ବୈଠକ ପରେ ଆକ୍ସନ ମୋଡ୍‌ରେ ଦିଲ୍ଲୀ ପୁଲିସ୍




**ନୂଆଦିଲ୍ଲୀ,୨।୩:** ଦିଲ୍ଲୀ ପୋଲିସ ସଂଗଠିତ ଅପରାଧର ମୁକାବିଲା କରିବା ଏବଂ ଭାରତ ଏବଂ ବିଦେଶର ଜେଲରୁ କାର୍ଯ୍ୟ କରୁଥିବା ଗ୍ୟାଙ୍ଗଷ୍ଟର ମାନଙ୍କ ଉପରେ ନଜର ରଖିବା ପାଇଁ ପ୍ରୟାସ ବୃଦ୍ଧି କରିବାକୁ ଯୋଜନା କରୁଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଇନ ଶୃଙ୍ଖଳା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକର ଗୋଟିଏ ଦିନ ପରେ, ଶନିବାର ଦିଲ୍ଲୀ ପୋଲିସ ମୁଖ୍ୟାଳୟରେ ଶୀର୍ଷ ପୋଲିସ ଅଧିକାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଦିଲ୍ଲୀ ଗୃହମନ୍ତ୍ରୀ ଆଶିଷ ସୁଦ ଏବଂ କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ ମଧ୍ୟ ଯୋଗ ଦେଇଥିଲେ। ଶନିବାର ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ ନୂତନ ଅପରାଧୀଙ୍କ ଏକ ତାଲିକା ପ୍ରସ୍ତୁତ କରାଯିବ ଏବଂ ସେମାନଙ୍କ ନେଟୱାର୍କକୁ ଭାଙ୍ଗିବା ପାଇଁ ପଦକ୍ଷେପ ନିଆଯିବ। ସୂତ୍ର ଅନୁସାରେ, ଜେଲରେ ଥିବା କୌଶଳ ଚୌଧୁରୀ ଏବଂ ନୀରଜ ବାୱାନା ଭଳି ଗ୍ୟାଙ୍ଗଷ୍ଟର ମାନଙ୍କୁ କଡ଼ା ନଜରରେ ରଖାଯିବ। ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ଯେ ଅପରାଧିକ ରେକର୍ଡ ଥିବା ନାବାଳକ ଏବଂ ଏହି ଦୁର୍ବୃତ୍ତ ମାନଙ୍କ ସହିତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ସମ୍ପର୍କରେ ଥିବା ଲୋକଙ୍କ ଉପରେ ମଧ୍ୟ ନଜର ରଖାଯିବ। ସେ କହିଛନ୍ତି ଯେ ପୋଲିସ ଜଘନ୍ୟ ଅପରାଧରେ ସମ୍ପୃକ୍ତ ନାବାଳକଙ୍କ ଏକ ତାଲିକା ପ୍ରସ୍ତୁତ କରୁଛି ଏବଂ ସେମାନଙ୍କୁ ବୟସ୍କଙ୍କ ପରି ମାମଲା ରୁଜୁ କରିବା ପାଇଁ କୋର୍ଟକୁ ସୁପାରିଶ କରିବ।

# 'ଜୀବିତାବସ୍ଥାରେ ମୋର କୌଣସି ଉତ୍ତରାଧିକାରୀ ରହିବେନି'

**ଲକ୍ଷ୍ନୌ,୨।୩:** ଉତ୍ତର ପ୍ରଦେଶର ବିଏସପି ସୁପ୍ରିମୋ ମାୟାବତୀ ରବିବାର ଲକ୍ଷ୍ନୌରେ ଅଲ୍ ଇଣ୍ଡିଆ ପଦାଧିକାରୀଙ୍କ ବୈଠକରେ ଅନେକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସେ ତାଙ୍କ ପୁତୁରା ଆକାଶ ଆନନ୍ଦଙ୍କୁ ସମସ୍ତ ପଦବୀରୁ ହଠାଇ ଦେଇଛନ୍ତି। ସେହିଭଳି ସାନ ଭାଇ ଆନନ୍ଦ କୁମାରଙ୍କୁ ଦଳର ଜାତୀୟ ସଂଯୋଜକ କରିଛନ୍ତି। ମୋଟ ଉପରେ କହିବାକୁ ଗଲେ ସେ ତାଙ୍କ ପୁତୁରାଙ୍କଠାରୁ ତାଙ୍କ ଭାଇଙ୍କୁ ବିଶ୍ୱାସ ହସ୍ତାନ୍ତର କରିଛନ୍ତି। ଆନନ୍ଦ କୁମାରଙ୍କ ସହିତ ମାୟାବତୀ ମଧ୍ୟ ଦଳୀୟ ନେତା ରାମଜୀ ଗୌତମଙ୍କ ଉପରେ ବିଶ୍ୱାସ ପ୍ରକାଶ କରିଛନ୍ତି। ରାମଜୀ ଗୌତମଙ୍କୁ ଦଳର ମୁଖ୍ୟ ସଂଯୋଜକ ଦାୟିତ୍ୱ ଦିଆଯାଇଛି। ଆନନ୍ଦ କୁମାର ଏବଂ ରାମଜୀ ଗୌତମଙ୍କୁ ସମଗ୍ର ଦେଶ ପାଇଁ ଦଳର ଜାତୀୟ ସଂଯୋଜକ ଭାବରେ ନିଯୁକ୍ତ କରିବା ପରେ, ମାୟାବତୀ ସେମାନଙ୍କର ଦାୟିତ୍ୱ ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ମାୟାବତୀ ଆଉ ଏକ ବଡ଼ ବୟାନ ଦେଇ କହିଛନ୍ତି ଯେ ଯେପର୍ଯ୍ୟନ୍ତ ସେ ବଞ୍ଚିଛନ୍ତି ସେପର୍ଯ୍ୟନ୍ତ ତାଙ୍କର କୌଣସି ଉତ୍ତରାଧିକାରୀ ରହିବେ ନାହିଁ। ହେଲେ ଲୋକ ସଭା ନିର୍ବାଚନ ସମୟରେ ସେ ତାଙ୍କ ଭଣଜା ଆକାଶ ଆନନ୍ଦଙ୍କୁ ତାଙ୍କର ଉତ୍ତରାଧିକାରୀ ଭାବରେ ଘୋଷଣା କରିଥିଲେ।

ମାୟାବତୀ କିଛି ସମୟ ପୂର୍ବରୁ ତାଙ୍କ ସମୁଦି ଅଶୋକ ସିଦ୍ଧାର୍ଥଙ୍କୁ ଦଳରୁ ବହିଷ୍କାର କରିଥିଲେ। ସେ ବହୁ ଦିନ ଧରି ଅଶୋକ ସିଦ୍ଧାର୍ଥଙ୍କ ଉପରେ ରାଗିଥିଲେ। ତାଙ୍କୁ ଦଳରୁ ବହିଷ୍କାର କରିବାର କାରଣ ଦର୍ଶାଇ ସେ କହିଥିଲେ ଯେ ଦଳ ଏବଂ ଆନ୍ଦୋଳନର ହିତ ପାଇଁ ଏହା କରିବା ଅତ୍ୟନ୍ତ ଆବଶ୍ୟକ ଥିଲା। କାରଣ ତାଙ୍କ ବିରୁଦ୍ଧରେ ରାଜ୍ୟବ୍ୟାପୀ ଦଳକୁ ଦୁଇଟି ଗୋଷ୍ଠୀରେ ବିଭକ୍ତ କରିବାର ଅଭିଯୋଗ ଆସିଥିଲା।




## ଚାମ୍ପିଅନ୍ସ ଟ୍ରଫି: ସେମିଲାଇନ୍ ଅପ୍ ଚୂଡ଼ାନ୍ତ

# ବରୁନ୍‌ଙ୍କୁ ୫ ୱିକେଟ୍: ଭାରତ ଅପରାଜେୟ



**ଦୁବାଇ,୨।୩:** ଚଳିତ ଚାମ୍ପିଅନ୍ସ ଟ୍ରଫିର ଆଜି ଲିଗ୍ ପର୍ଯ୍ୟାୟ ଶେଷ ହେବା ସହ ସେମିଫାଇନାଲ୍ ମୁକାବିଲା ସକାଶେ ଚିତ୍ର ସ୍ପଷ୍ଟ ହୋଇଛି। ପୂର୍ବରୁ ଯଦିଓ ୪ ଦଳ ସେମିଫାଇନାଲ୍‌ରେ ପହଞ୍ଚିସାରିଥିଲେ, କିନ୍ତୁ ଆଜି ନ୍ୟୁଜିଲାଣ୍ଡକୁ ୪୪ ରନ୍‌ରେ ପରାସ୍ତ କରି ଭାରତ ଗ୍ରୁପ୍-ଏ'ର ଶୀର୍ଷ ସ୍ଥାନ ଦଖଲ କରିଛି। ଏଥିସହ ଦଳ ଗ୍ରୁପ୍ ପର୍ଯ୍ୟାୟରେ ଅପରାଜେୟ ରହିବା ସହ ଆସନ୍ତା ୪ ତାରିଖରେ ଏଠାରେ ପ୍ରଥମ ସେମିଫାଇନାଲ୍‌ରେ ଅଷ୍ଟ୍ରେଲିଆକୁ ଭେଟିବ। ଅନ୍ୟପକ୍ଷରେ ଗ୍ରୁପ୍-ଏ'ର ଦ୍ୱିତୀୟ ସ୍ଥାନକୁ ଖସିଥିବା ନ୍ୟୁଜିଲାଣ୍ଡ ଆସନ୍ତା ୫ ତାରିଖରେ ଲାହୋର୍‌ଠାରେ ଗ୍ରୁପ୍-ବି'ର ଶୀର୍ଷ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦ୍ୱିତୀୟ ସେମିଫାଇନାଲ୍ ଖେଳିବ।

ଆଜି ଅନ୍ତିମ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ ପାଇ ଭାରତ ୨୪୯ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଦୁଇ ଓପନର ଅଧିନାୟକ ରୋହିତ ଶର୍ମା ଓ ଉପଅଧିନାୟକ ଶୁବମାନ ଗିଲ୍‌ଙ୍କ ବ୍ୟତୀତ ବିରାଟ କୋହଲି ଯଥାକ୍ରମେ ୧୫, ୨ ଓ ୧୧ ରନ୍ କରି ଆଉଟ୍ ହେବା ପରେ ଶ୍ରେୟସ୍ ଆୟର୍ ଓ ଅକ୍ଷର ପଟେଲ୍ ସ୍ଥିତିକୁ ସମ୍ଭାଳିନେଇଥିଲେ। ସେମାନଙ୍କ ମଧ୍ୟରେ ଚତୁର୍ଥ ୱିକେଟ୍‌ରେ ୯୮ ରନ୍‌ର ଭାଗୀଦାରୀ ହେବା ଅବସରରେ ଶ୍ରେୟସ୍ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ଅକ୍ଷର ୩ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୪୨ ରନ୍ କରି ଆଉଟ୍ ହେବା ପରେ ଶ୍ରେୟସ୍‌ଙ୍କ ଧୈର୍ଯ୍ୟପୂର୍ଣ୍ଣ ଇନିଂସର ପରିସମାପ୍ତି ଘଟିଥିଲା। ସେ ୯୮ ବଲ୍ ଖେଳି ୪ଟି ଚୌକା ଓ ୨ଟି ଛକା ସହ ୭୯ ରନ୍ କରିଥିଲେ। ଏହାପରେ ଲୋକେଶ ରାହୁଲ୍ ୨୩ ଓ ହାର୍ଦ୍ଦିକ ପାଣ୍ଡ୍ୟା ୪୫ (୪ ଚୌକା ଓ ୨ ଛକା) ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମ୍ୟାଟ୍ ହେନ୍‌ରୀ ୫ ୱିକେଟ୍‌ର ସଫଳତା ପାଇଥିବା ବେଳେ କାଇଲ୍ ଜେମିସନ୍, ୱିଲିଅମ୍ ଓ'ରୁର୍କି, ମିଚେଲ୍ ସାଣ୍ଟନର୍ ଓ ରଚିନ୍ ରବୀନ୍ଦ୍ର ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ଦଳ ପକ୍ଷରୁ ପୂର୍ବତନ ଅଧିନାୟକ କେନ୍ ୱିଲିୟମ୍‌ସନ୍ ଲଢ଼ୁଆ ୮୧ ରନ୍‌ର ଇନିଂସ ଖେଳିଥିଲେ। ତାଙ୍କର ଏହି ଇନିଂସରେ ୭ଟି ଚୌକା ରହିଥିଲା। ଏହାଛଡ଼ା ଅଧିନାୟକ ସାଣ୍ଟନର୍ ୨୮, ଓପନର ୱିଲ୍ ୟଙ୍ଗ୍ ୨୨ ଓ ଡାରିଲ୍ ମିଚେଲ୍ ୧୭ ରନ୍ କରିଥିଲେ। ଭାରତ ପକ୍ଷରୁ ନବାଗତ ସ୍ପିନର୍ ବରୁନ୍ ଚକ୍ରବର୍ତ୍ତୀଙ୍କୁ ୫ ୱିକେଟ୍‌ର ସଫଳତା ମିଳିଥିଲା। ଏହାଛଡ଼ା କୁଲଦୀପ ଯାଦବ ୨ଟି ଏବଂ ପାଣ୍ଡ୍ୟା, ଅକ୍ଷର ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ୱିକେଟ୍ ହାତେଇଥିଲେ। ବରୁନ୍‌ଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।



## ୩୦୦ ଦିନିକିଆ କ୍ଲବ୍‌ରେ ବିରାଟ

**ଦୁବାଇ, ୨।୩:** ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଗ୍ରୁପ୍ 'ଏ' ଶେଷ ମ୍ୟାଚ୍ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧରେ ମ୍ୟାଚ୍ ଖେଳାଯାଉଛି। ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି। ଫଳରେ ଟିମ୍ ଇଣ୍ଡିଆ ବ୍ୟାଟିଂ ଆରମ୍ଭ କରିଛି।

ମ୍ୟାଚ୍‌ରେ ବିରାଟ କୋହଲି ତାଙ୍କର ୩୦୦ତମ ଏକଦିବସୀୟ ମ୍ୟାଚ୍ ଖେଳିଛନ୍ତି। ଏହା ସହିତ ସେ ୩୦୦ ଦିନିକିଆ କ୍ଲବ୍‌ରେ ଯୋଗଦେଇଛନ୍ତି। ତାଙ୍କ ପୂର୍ବରୁ କେବଳ ସଚିନ ତେନ୍ଦୁଲକର, ଏମଏସ ଧୋନି, ମହମ୍ମଦ ଆଝାରୁଦ୍ଦିନ, ରାହୁଲ ଦ୍ରାବିଡ, ସୌରଭ ଗାଙ୍ଗୁଲି ଏବଂ ଯୁବରାଜ ସିଂହ ଏହି ସଫଳତା ହାସଲ କରିପାରିଥିଲେ। ଏପର୍ଯ୍ୟନ୍ତ, ବିରାଟ ତାଙ୍କ ଏକଦିବସୀୟ କ୍ୟାରିୟରରେ ୨୯୯ଟି ମ୍ୟାଚ୍ ଖେଳିଛନ୍ତି ଏବଂ ୫୮.୨୦ର ପ୍ରଭାବଶାଳୀ ହାରରେ ୧୪,୦୮୫ ରନ୍ କରିଛନ୍ତି। ଏହି ରେକର୍ଡ ସହିତ, କୋହଲି ଭାରତୀୟ କ୍ରିକେଟରେ ୧୦୦ ଟେଷ୍ଟ, ୧୦୦ ଟି-୨୦ ଏବଂ ୩୦୦ ଦିନିକିଆ ଖେଳିଥିବା କିଛି ବଛା ବଛା ଖେଳାଳିଙ୍କ ଗୋଷ୍ଠୀରେ ସାମିଲ ହୋଇଛନ୍ତି। ବିରାଟ କୋହଲି ଏକଦିବସୀୟ କ୍ୟାରିୟରରେ ଏପର୍ଯ୍ୟନ୍ତ ଅନେକ ଐତିହାସିକ ଇନିଂସ ଖେଳିଛନ୍ତି ଏବଂ ଭାରତକୁ ଏକ ବଡ଼ ବିଜୟ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

### ଦୁବାଇ ଓପନ

## ଭାମ୍ବ୍ରି-ପପିରିନ୍ ଡବଲ୍ସ ଚାମ୍ପିଅନ୍



**ଦୁବାଇ,୨।୩:** ଭାରତର ୟୁକି ଭାମ୍ବ୍ରି ଓ ଅଷ୍ଟ୍ରେଲିଆର ଆଲେକ୍ସି ପପିରିନ୍ ଯୋଡ଼ି ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଦୁବାଇ ଓପନ ପୁରୁଷ ଡବଲ୍ସ ଚାମ୍ପିଅନ୍ ହୋଇଛନ୍ତି। ଫାଇନାଲ୍ ମୁକାବିଲାରେ ଉଭୟ ୩-୬, ୭-୬ (୧୪-୧୨), ୧୦-୮ ସେଟ୍‌ରେ ଅଷ୍ଟ୍ରେଲିଆନ୍ ଓପନ ଚାମ୍ପିଅନ୍ ତଥା ଦ୍ୱିତୀୟ ସିଡ୍ ହ୍ୟାରୀ ହେଲିଓଭାରା ଓ ହେନରୀ ପ୍ୟାଟେନ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବା ପାଇଁ ଇଣ୍ଡୋ-ଅଷ୍ଟ୍ରେଲୀୟ ଯୋଡ଼ିଙ୍କୁ ୧ଘଣ୍ଟା ୫୩ ମିନିଟ ଲାଗିଥିଲା। ଭାମ୍ବ୍ରି-ପପିରିନ୍ ଯୋଡ଼ି ପ୍ରଥମ ସେଟ୍ ପରାଜିତ ହେବା ପରେ ଦ୍ୱିତୀୟ ସେଟ୍‌ରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ। ଉଭୟ ୪ଟି ଚାମ୍ପିଅନ୍ସ ପଏଣ୍ଟ ବଞ୍ଚାଇବା ସହ ଟାଇବ୍ରେକରରେ ଏହି ସେଟ୍ ଜିତି ସ୍ଥିତି ବରାବର କରିଥିଲେ। ନିର୍ଣ୍ଣାୟକ ସେଟ୍ ମଧ୍ୟ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମାତ୍ର ଭାମ୍ବ୍ରି-ପପିରିନ୍ କୌଣସି ତ୍ରୁଟି ନକରି ବିଜୟ ହାସଲ କରିଥିଲେ। ଭାମ୍ବ୍ରିଙ୍କ କ୍ୟାରିୟରରେ ଏହା ପ୍ରଥମ ଏଟିପି ୫୦୦ ଏବଂ ଚତୁର୍ଥ ଏଟିପି ଟାଇଟଲ୍ ରହିଥିଲା। ସୂଚନାଯୋଗ୍ୟ, ଭାମ୍ବ୍ରି-ପପିରିନ୍ ପ୍ରଥମ ରାଉଣ୍ଡ୍‌ରେ ବିଶ୍ୱର ଏକ ନମ୍ବର ଯୋଡ଼ି ମାର୍ସେଲୋ ଆରେଭାଲୋ ଓ ମ୍ୟାଟ୍ ପାଭିକ୍‌ଙ୍କୁ ହରାଇ ଦୁବାଇ ଓପନରେ ଅଭିଯାନ ଆରମ୍ଭ କରିଥିଲେ।

## ବିଦର୍ଭର ରଣଜୀ ଟ୍ରଫି ବିଜୟ ନିଶ୍ଚିତ

### ବିଜୟର ହିରୋ ସାଜିଲେ କରୁଣ ନାୟର



**ନାଗପୁର, ୨।୩:** ବିଦର୍ଭ ତୃତୀୟ ଥର ପାଇଁ ରଣଜୀ ଟ୍ରଫି ବିଜୟକୁ ଏକ ପ୍ରକାର ନିଶ୍ଚିତ କରିଛି। ପ୍ରଥମ ପାଳିରେ ଅଗ୍ରଣୀ ନେବା ସହ ମୋଟ ଉପରେ ୨୮୬ ରନ୍‌ରେ ଅଗ୍ରଣୀ ରହିଛି ଅକ୍ଷୟ ୱାଡକରଙ୍କ ଦଳ। ନାଗପୁରର ଭିସିଏ ଷ୍ଟାଡିୟମ୍‌ରେ ଚାଲିଥିବା କେରଳ ବିପକ୍ଷ ଫାଇନାଲ୍‌ର ଚତୁର୍ଥ ଦିନ ସୁଦ୍ଧା ବିଦର୍ଭ ଦ୍ୱିତୀୟ ପାଳିରେ ୪ ୱିକେଟ୍ ହରାଇ ୨୪୯ ରନ୍ ସଂଗ୍ରହ କରି ନେଇଛି। ହାତରେ ଆଉ ୬ ୱିକେଟ୍ ଥାଇ ବିଦର୍ଭ ୨୮୬ ରନ୍ ଆଗୁଆ ଥିବାରୁ ଅନ୍ୟୂନ ପ୍ରଥମ ପାଳି ଅଗ୍ରଣୀ ଭିତ୍ତିରେ ଦଳ ବିଜେତା ହେବା ନିଶ୍ଚିତ ରହିଛି। ପୂର୍ବରୁ ବିଦର୍ଭ ୨୦୧୭-୧୮ ଏବଂ ୨୦୧୮-୧୯ରେ କ୍ରମାଗତ ଦୁଇଟି ଋତୁରେ ବିଜେତା ହୋଇଥିଲା। ୬ ଋତୁ ପରେ ପୁଣି ଘରୋଇ କ୍ରିକେଟ୍‌ର ଏହି ମହାମୁକୁଟ ଜିତିବାକୁ ଯାଉଛି। ଦାନିଶ ମାଲେୱାର (୧୫୩)ଙ୍କ ଶତକ ବଳରେ ବିଦର୍ଭ ପ୍ରଥମ ପାଳିରେ ୩୭୯ ରନ୍ କରିଥିଲା। ଶୁକ୍ରବାର ତୃତୀୟ ଦିନରେ କିନ୍ତୁ ସଚିନ ବେବି (୯୮) ଶତକରୁ ବଞ୍ଚିତ ହେବା ଭଳି କେରଳ ୩୪୨ ରନ୍‌ରେ ଅଟକିଯାଇଥିଲା। ଶନିବାର ଚତୁର୍ଥ ଦିନରେ ସେଭଳି କିଛି ବଡ଼ ଓଲଟ ପାଲଟ ହୋଇନାହିଁ। ଦାନିଶ ମାଲେୱାର (୭୩, ୧୬୨ ବଲ୍, ୫ ଚୌକା)ଙ୍କ ଅର୍ଦ୍ଧଶତକ ଏବଂ କରୁଣ ନାୟାର (୧୩୨*, ୨୮୦ ବଲ୍, ୧୦ ଚୌକା, ୨ ଛକା)ଙ୍କ ଶତକ ବଳରେ ୪ ୱିକେଟ୍ ହରାଇ ୨୪୯ ରନ୍ କରିଛି। ଜଳଜ ସାକ୍ସେନା, ନିଧେଶ, ସରୱାତେ ଓ ଚନ୍ଦ୍ରନ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି। ଜାତୀୟ ଦଳରୁ ଉପେକ୍ଷିତ କରୁଣ ନାୟାର ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ୨୩ତମ ଏବଂ ଚଳିତ ଋତୁରେ ଚତୁର୍ଥ ଶତକ ହାସଲ କରିବା ସହ ଆଉ ଏକ ସଫଳ ଋତୁ ଶେଷ କରିବାକୁ ଯାଉଛନ୍ତି। କିଛି ବର୍ଷ ତଳେ କେରଳ ପାଇଁ ଡାକରା ପାଇଥିବା ଏହି ଖେଳାଳି ଏବେ ସେହି ରାଜ୍ୟ ବିପକ୍ଷରେ ଶତକ ହାସଲ କରିଛନ୍ତି। ପୂର୍ବରୁ କର୍ଣ୍ଣାଟକ ପାଇଁ ଦୁଇ ଥର ରଣଜୀ ଟ୍ରଫି ଜିତିଥିବା କରୁଣ ନାୟାର (୨୦୧୩-୧୪ ଓ ୨୦୧୪-୧୫) ମଧ ବ୍ୟକ୍ତିଗତ ଭାବେ ତୃତୀୟ ଥର ଟ୍ରଫି ତୋଳିବାର ସୁଯୋଗ ପାଇବେ।

## ଆଇପିଏଲ ବିରୋଧରେ ସାରା ବିଶ୍ୱର ଖେଳାଳିଙ୍କୁ ଉସ୍‌କାଇଲା ପାକିସ୍ତାନ



**ଇସଲାମାବାଦ,୨।୩:** ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଆୟୋଜନ ପାକିସ୍ତାନ ଟିମ୍ କରୁଥିଲେ ହେଁ ବିନା କୌଣସି ମ୍ୟାଚ୍ ଜିତି ପ୍ରଥମ ରାଉଣ୍ଡରୁ ବାଦ୍ ପଡ଼ିଛି। ଏଭଳି ଲଜ୍ଜାଜନକ ପ୍ରଦର୍ଶନକୁ ନେଇ ଦଳକୁ ସମାଲୋଚିତ ହେବାକୁ ପଡୁଛି। ଅପରପକ୍ଷେ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ଏହାକୁ ନେଇ ଲଗାତାର ଭାବେ ପାକିସ୍ତାର କିଛି କ୍ରିକେଟର ଟିମ୍ ଇଣ୍ଡିଆକୁ ଟାର୍ଗେଟ କରୁଛନ୍ତି। ଏହି କ୍ରମରେ ଏବେ ପାକିସ୍ତାନର ପୂର୍ବତନ ଅଧିନାୟକ ଇଞ୍ଜମାମ ଉଲ ହକ ଆଇପିଏଲ୍‌କୁ ଟାର୍ଗେଟ କରିଛନ୍ତି। ସେ ସାରା ବିଶ୍ୱର ବୋର୍ଡ ଏବଂ ଖେଳାଳିଙ୍କୁ ଉକୁସାଇବାକୁ ଚେଷ୍ଟା କରିଛନ୍ତି। ଏପରିକି ଭାରତୀୟ ଲିଗ୍‌କୁ ସମସ୍ତେ ମିଶି ବଏକଟ କରିବା ଉଚିତ ବୋଲି କହିଛନ୍ତି। ଦୁବାଇରେ ଭାରତ ଚାମ୍ପିଅନ୍ସ ଟ୍ରଫି ମୁକାବିଲାଗୁଡ଼ିକ ଖେଳୁଛି। ଏହାକୁ ନେଇ ପୂର୍ବରୁ ବିବାଦ ଉପୁଜିଛି। ଅନେକ ଖେଳାଳି ଗୋଟିଏ ମଇଦାନରେ ଖେଳିବା ଲାଭ ଭାରତକୁ ମିଳିବ ବୋଲି ଦର୍ଶାଇ ଆପତ୍ତି ଉଠାଇଛନ୍ତି। ଏବେ ଇଞ୍ଜାମାମ କହିଛନ୍ତି, ଚାମ୍ପିଅନ୍ସ ଟ୍ରଫିକୁ ଛାଡ଼ନ୍ତୁ। ଦୁନିଆର ଶ୍ରେଷ୍ଠ ଖେଳାଳି ଆଇପିଏଲ୍‌ରେ ଭାଗ ନେଉଛନ୍ତି। ହେଲେ ଭାରତୀୟ ଖେଳାଳି ଅନ୍ୟ କୌଣସି ଲିଗ୍‌ରେ ଖେଳିବାକୁ ଯାଆନ୍ତି ନାହିଁ। ଏବେ ସମୟ ଆସିଛି ଅନ୍ୟ ବୋର୍ଡ ନିଜର ଖେଳାଳିଙ୍କୁ ଆଇପିଏଲ୍ ପଠାନ୍ତୁ ନାହିଁ। ଯଦି ବିସିସିଆଇ ଦୁନିଆର ଦ୍ୱିତୀୟ ଲିଗ୍ ଲାଗି ନିଜର ଖେଳାଳିଙ୍କୁ ରିଲିଜ୍ କରିବ ନାହିଁ ତେବେ ଦ୍ୱିତୀୟ ବୋର୍ଡ ମଧ କଡ଼ା ଆକ୍ସନ ନେବାର ଅଧିକାର ରଖନ୍ତି ବୋଲି ସେ ଏକ ଟେଲିଭିଜନ ଚ୍ୟାନେଲରେ ଆଲୋଚନା ସମୟରେ କହିଛନ୍ତି। ପୂର୍ବରୁ ଚାମ୍ପିଅନ୍ସ ଟ୍ରଫିରେ ଭାରତର କାର୍ଯ୍ୟସୂଚୀ ବିଷୟରେ ଏକ ଟିଭି ଚ୍ୟାନେଲ ଆଲୋଚନା ସମୟରେ ସକଲୈନ ମୁସ୍ତାକ କହିଥିଲେ, "ଭାରତୀୟ ଦଳ ପାକିସ୍ତାନ ବିପକ୍ଷରେ କେବଳ ଗୋଟିଏ ମ୍ୟାଚ ପାଇଁ ପ୍ରସ୍ତୁତ ହୁଏ ଏବଂ ତା'ପରେ ସେଠାରୁ ଚାଲିଯାଏ।" ସେ ଆହୁରି ମଧ କହିଛନ୍ତି, "ଯଦି ଏହିପରି ହୁଏ ଯେ ସେମାନଙ୍କର ଖେଳାଳିମାନେ ଏତେ ଭଲ ଏବଂ ଭଲ ଖେଳୁଛନ୍ତି, ତେବେ ମୁଁ ଭାବୁଛି ଯେ ସେମାନେ ଆମ ସହିତ ୧୦ ଟେଷ୍ଟ ମ୍ୟାଚ୍, ୧୦ ଦିନିକିଆ ଏବଂ ୧୦ ଟି-୨୦ ମ୍ୟାଚ୍ ଖେଳିବା ଉଚିତ, ତା'ପରେ ସବୁକିଛି ସ୍ପଷ୍ଟ ହୋଇଯିବ।"

# ୨୦୩୬ ଅଲିମ୍ପିକ୍ସ ଲାଗି ଭାରତ ମୁଖ୍ୟ ଦାବିଦାର: କୋଏ



**ନୂଆଦିଲ୍ଲୀ,୨।୩:** ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି (ଆଇଓସି) ସଭାପତି ପଦ ଲାଗି ମୁଖ୍ୟ ଦାବିଦାର ସେବାଷ୍ଟିଆନ କୋଏଙ୍କ ମତରେ ୨୦୩୬ ଅଲିମ୍ପିକ ଗେମ୍ସ ଆୟୋଜନ କରିବା ଲାଗି ଭାରତ ପ୍ରବଳ ଦାବିଦାର। କିନ୍ତୁ ଏହି ଆୟୋଜନ ଅଧିକାର ଲାଗି ଅନ୍ୟ ଦେଶ ମଧ୍ୟ ଇଚ୍ଛୁକ ଥିବାରୁ ପ୍ରତିଯୋଗିତା କଷ୍ଟକର ହେବ। ଭାରତ ପକ୍ଷରୁ ଆଇଓସିର ଫ୍ୟୁଚର ହୋଷ୍ଟ କମିଟି ନିକଟରେ ୨୦୩୬ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସ ଆୟୋଜନ କରିବା ଲାଗି 'ଲେଟର ଅଫ ଇଣ୍ଟେଣ୍ଟ' ଦାଖଲ କରାଯାଇସାରିଛି। ପୃଷ୍ଠଭୂମିକୁ ଦୃଷ୍ଟିରେ ରଖି ମୁଁ ଯାହା କହୁଛି, ତାହାକୁ ନେଇ ଚକିତ ହୁଅନ୍ତୁ ନାହିଁ। ନିର୍ଦ୍ଦିଷ୍ଟ ଭାବେ ଅଲିମ୍ପିକ ଭଳି ବିଶ୍ୱସ୍ତରୀୟ କ୍ରୀଡ଼ା ଲାଗି ଭାରତର ପ୍ରତିବଦ୍ଧତା ଦେଖି ମୁଁ ବହୁତ ଖୁସି। କିନ୍ତୁ ଆୟୋଜନ ଲାଗି ବିଡ ପ୍ରତିଯୋଗିତା ଖୁବ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବ। ଏଥିରେ କେବଳ ଗୋଟିଏ ଦେଶ ଭାଗ ନେବ ନାହିଁ। କିନ୍ତୁ ଭାରତ ମୁଖ୍ୟ ଦାବିଦାର ବୋଲି କୋଏ ଏକ ସାକ୍ଷାତକାରରେ କହିଛନ୍ତି।

ଭାରତ ବ୍ୟତୀତ ପୋଲାଣ୍ଡ, ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା, କାତାର, ହଙ୍ଗେରୀ, ତୁର୍କୀ, ମେକ୍ସିକୋ ଓ ଇଜିପ୍ଟ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବା ଲାଗି ଇଚ୍ଛା ପ୍ରକଟ କରିଛନ୍ତି। ତେବେ ୨୦୨୬ ପୂର୍ବରୁ ୨୦୩୬ ଅଲିମ୍ପିକ୍ସ ଆୟୋଜକ ଦେଶର ନାମ ଜଣା ପଡ଼ିବ ନାହିଁ। କିନ୍ତୁ ଆସନ୍ତା ୨୦ ତାରିଖରେ ଆଇଓସି ମୁଖ୍ୟ ପଦ ଲାଗି ହେବାକୁ ଥିବା ନିର୍ବାଚନରେ ବିଜୟୀ ସଭାପତିଙ୍କ କାର୍ଯ୍ୟକାଳରେ ଆୟୋଜକ ଦେଶର ନାମ ପ୍ରକାଶ କରାଯିବା ନିଶ୍ଚିତ। ଆଇଓସି ସଭାପତି ପଦ ଲାଗି ୭ ଜଣ ଦାବିଦାର ଥିବା ବେଳେ ମୁଖ୍ୟ ଦାବିଦାର ହେଉଛନ୍ତି କୋଏ। ତାଙ୍କର ଅଜା ହେଉଛନ୍ତି ଭାରତୀୟ ପଞ୍ଜାବୀ। ଆସନ୍ତା ୧୮ରୁ ୨୧ ପର୍ଯ୍ୟନ୍ତ କୋଷ୍ଟା ନାଭାରିନୋରେ ହେବାକୁ ଥିବା ନିର୍ବାଚନରେ ଆଇଓସିର ୧୦୦ରୁ ଅଧିକ ସଦସ୍ୟ ଭାଗ ନେବେ। ଡବଲ ଅଲିମ୍ପିକ୍ସ ୧୫୦୦ମିଟର ସ୍ୱର୍ଣ୍ଣ ବିଜେତା ୬୮ ବର୍ଷୀୟ କୋଏ ଆହୁରି କହିଛନ୍ତି ଯେ, ଅନେକ ସହର ବିଡ ପ୍ରତିଯୋଗିତାରେ ବିଫଳ ହୋଇଛନ୍ତି ଏବଂ ପରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଲଣ୍ଡନ ୨୦୦୫ରେ ପ୍ୟାରିସକୁ ହରାଇ ୨୦୧୨ ଅଲିମ୍ପିକ ଆୟୋଜନ କରିଥିଲା। ଆମେ ଗତ ବର୍ଷ ପ୍ୟାରିସରେ ଅଲିମ୍ପିକ୍ସ ଦେଖିଲେ। ରିଓ ମଧ୍ୟ ୨୦୧୨ ଅଲିମ୍ପିକ ଲାଗି ପ୍ରାରମ୍ଭିକ ରାଉଣ୍ଡରେ ବିଫଳ ହୋଇଥିଲା। ମାତ୍ର ପରବର୍ତ୍ତୀ ସଂସ୍କରଣ ରିଓରେ ଅନୁଷ୍ଠିତ ହୋଇଥିଲା। ଏହାର ଅର୍ଥ ଯେ, ଯଦି ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ଅଧିକାର ପାଇବାରେ ବିଫଳ ହେଉଛି, ତେବେ ତାହା କାହାଣିର ଅନ୍ତ ନୁହେଁ।



## ବିଦେଶିନୀଙ୍କ ଜଂଘରେ ଜଗନ୍ନାଥଙ୍କ ଟାଟୁ: ଥାନାରେ ଏତଲା

**ଭୁବନେଶ୍ୱର,୨।୩(ସଂଚାର ବ୍ୟୁରୋ):** କୋଟି କୋଟି ଓଡ଼ିଆଙ୍କ ମଉଡ଼ମଣି ଜଗତର ନାଥ ଜଗନ୍ନାଥ। ଓଡ଼ିଆଙ୍କ ଆରାଧ୍ୟ ଦେବତା, ପ୍ରାଣର ଠାକୁର। ଯାହାଙ୍କୁ ଦେଖି ଦେଲେ ମନ ଭରି ଯାଏ, ପେଟ ପୂରିଯାଏ। ସେହି ଜଗତ ନିୟନ୍ତାଙ୍କୁ ଅପମାନିତ କରାଯାଇଛି। କନ୍ଧମାଳର ଏକ ସ୍ୱେଚ୍ଛାସେବୀ ସଂଗଠନରେ କାମ କରୁଥିବା ଜନୈକା ଇଟାଲୀୟ ମହିଳା ତାଙ୍କ ଜଂଘରେ ଜଗନ୍ନାଥଙ୍କ ଟାଟୁ ଆଙ୍କିଛନ୍ତି, ଯାହାକୁ ନେଇ ସୃଷ୍ଟି ହୋଇଛି ବିବାଦ।

ସୂଚନାନୁସାରେ, ସହିଦ ନଗର ଅଞ୍ଚଳରେ ରକି ଟାଟୁ ଷ୍ଟୁଡିଓରେ ବିଦେଶିନୀ ଜଣଙ୍କ ତାଙ୍କ ଜଂଘରେ ଆଙ୍କିଛନ୍ତି ଜଗନ୍ନାଥଙ୍କ ଟାଟୁ। ଯାହା କୋଟି କୋଟି ଓଡ଼ିଆ, ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଛି । ଯେଉଁ ଠାକୁରଙ୍କୁ ପ୍ରତିଟି ଓଡ଼ିଆ ପ୍ରାଣଭରି ଭଲ ପାଆନ୍ତି । ଆଖି ବୁଜିଦେଲେ, ଯାହାଙ୍କ ଛବି ଭାସିଆସେ। ତାଙ୍କୁ ଜଂଘରେ ଟାଟୁ କରି ପୁଣି ହ୍ୱାଟ୍ସଆପ୍ ଷ୍ଟାଟସ୍‌ରେ ରଖାଯାଇଛି।

ବିଦେଶିନୀଙ୍କ ଏଭଳି ଟାଟୁ ଓ ଟାଟୁ ଆଙ୍କିଥିବା ରକି ଟାଟୁର ଔଦ୍ଧତ୍ୟକୁ ଚାରିଆଡ଼ୁ ପ୍ରବଳ ବିରୋଧ ହେଉଛି। ସହିଦ ନଗର ଥାନାରେ ଟାଟୁ କରିଥିବା ବିଦେଶିନୀ ଓ ରକି ଟାଟୁ ନାଁରେ ଏତଲା ଦେଇଛନ୍ତି ଜଗନ୍ନାଥପ୍ରେମୀ। ତେବେ ଘଟଣା ପ୍ରଘଟ ହେବା ପରେ ଏକ ଭିଡିଓ ଜାରି କରି କ୍ଷମା ମାଗିଛନ୍ତି ରକି ଟାଟୁର ମାଲିକ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୪୮...

ବାଙ୍କୀ, ବଡ଼ମ୍ବା, କଟକ ସଦର, ମାହାଙ୍ଗା, ନରସିଂହପୁର, ନିଶ୍ଚିନ୍ତକୋଇଲି, ସାଲେପୁର, ଟାଙ୍ଗୀ-ଚୌଦ୍ୱାର, ତିଗିରିଆ ବ୍ଲକ ବିଡିଓଙ୍କ ସହ ବାଙ୍କୀ, ବାରଙ୍ଗ, କଣ୍ଟାପଡ଼ା, ମାହାଙ୍ଗା, ନିଆଳି, ଟାଙ୍ଗୀ-ଚୌଦ୍ୱାର ତହସିଲଦାରଙ୍କ ଦରମା ବନ୍ଦ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସେହିଭଳି ସିଏସ୍‌ଓ କଟକ, ଡିସିପିଓ, ଓମ୍‌ଫେଡ୍ ଏମ୍‌ଡି, ଇଡ୍‌କୋ ଜିଏମ୍, କଟକ ଡିଆଇସି, ଡିଆଇପିଆର୍‌ଓ, ଡିଆରସିଏସ୍ କଟକ, ଆଠଗଡ଼ ଏନଏସି ଓ ଚୌଦ୍ୱାର ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ, ଆରଡବ୍ଲୁଏସ୍‌ଏସ୍ କଟକ, ସେଟଲମେଣ୍ଟ ଅଫିସର କଟକ, ଉପଜିଲ୍ଲାପାଳ ବାଙ୍କୀ ଆଦି ଅଧିକାରୀଙ୍କ ଗତ ମାସର ଦରମା ରୋକିବା ପାଇଁ ଟ୍ରେଜେରୀକୁ ଗତ ୨୫ ତାରିଖରେ ଜିଲ୍ଲାପାଳ ଚିଠି ଲେଖିଥିବା ଜଣାପଡ଼ିଛି।

### ପାଟଣାରେ...

ଅର୍ଥ ବ୍ୟବସ୍ଥା କରାଯାଇଛି। କୃଷି ଯାନ୍ତ୍ରିକୀକରଣ ଓ କୃଷିଭିତ୍ତିକ ଉଦ୍ୟୋଗର ବିକାଶ ନିମନ୍ତେ ୪୨୫ କୋଟି ଟଙ୍କା ରଖାଯାଇଛି। ସେହିପରି କୃଷି ଉଦ୍ୟୋଗର ପ୍ରୋତ୍ସାହନ ତଥା ବ୍ୟବସାୟ ସୁଗମ କରିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ନିମନ୍ତେ ୨୬୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।କାର୍ଯ୍ୟକ୍ରମରେ କେନ୍ଦୁଝରର ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡକ୍ଟର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, କୃଷି ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଜାମି ସୂର୍ଯ୍ୟାରାଓ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ କୃଷି ଯନ୍ତ୍ରପାତି ଓ ଅନ୍ୟ କୃଷି ଆନୁସଙ୍ଗିକ ଉପକରଣ ପ୍ରଦର୍ଶିତ ହେଉଥିବା ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ଏହି ଅବସରରେ ୧୧ ଜଣ ଚାଷୀଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି କଲ୍ୟାଣ ଯୋଜନାର ସୁବିଧା ହସ୍ତାନ୍ତର କରାଯାଇଥିଲା।

### ମାର୍ଚ୍ଚ ୩୧...

ହୋଇଛନ୍ତି । ୪ଟି ପର୍ଯ୍ୟାୟରେ ୯୮ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ୫ ହଜାର ଲେଖାଏଁ ଟଙ୍କା ମିଳିଛି । ବ୍ୟାଙ୍କ ଖାତା ସହ ଆଧାର ସଂଯୋଗ ଓ ଡିବିଟି ନେଇ ଥିବା ସମସ୍ୟା କାରଣରୁ ୧ ଲକ୍ଷ ୭୦ ହଜାର ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିପାରିନି। ସୁଭଦ୍ରା ପ୍ରଥମ କିସ୍ତିର ଏମାନେ ଶେଷ ହିତାଧିକାରୀ ହୋଇଥିବା ବେଳେ ମାର୍ଚ୍ଚ ୬ରେ ୫ମ ପର୍ଯ୍ୟାୟରେ ଏମାନଙ୍କୁ ପ୍ରଥମ କିସ୍ତିର ଟଙ୍କା ମିଳିବ । ୮ରେ ସମସ୍ତ ପ୍ରାୟ ୧କୋଟି ହିତାଧିକାରୀଙ୍କୁ ମିଳିବ ୨ୟ କିସ୍ତି ।

### ପ୍ରଦୀପ...

ବିଜେଡି ନେତାମାନେ ବସିକି ତାଙ୍କ ଉପରେ ଚାପ ସୃଷ୍ଟି କରୁଛନ୍ତି। ସମ୍ପୂର୍ଣ୍ଣ ଭାବେ ଚାପଗ୍ରସ୍ତ ଥିବା କାରଣରୁ ନବଙ୍କ ପରିବାର କୌଣସି ପ୍ରକାର ନିଷ୍ପତ୍ତି ନେଇପାରୁନାହାନ୍ତି। ନୂଆ ସରକାର ସେଥିପାଇଁ କ୍ରାଇମବ୍ରାଞ୍ଚ ଜରିଆରେ ନବ ପରିବାରଙ୍କୁ ତଦନ୍ତ ନେଇ ଆପତ୍ତି ଅଭିଯୋଗ କି ଅଧିକ ତଥ୍ୟ ଦେବାକୁ କହିଛନ୍ତି। ପୂର୍ବରୁ କ୍ରାଇମବ୍ରାଞ୍ଚ ତଦନ୍ତକୁ ଦିଶାହୀନ କରି ଫାଇଲ କ୍ଲୋଜ କରି ରଖିଛି। ନବଙ୍କ ପରିବାର ଯଦି କିଛି ଆପତ୍ତି ଅଭିଯୋଗ କି ଅଧିକ ତଥ୍ୟ ନ ଦେବେ, ତା'ହେଲେ ନବଙ୍କ ଫାଇଲ କ୍ଲୋଜ ହୋଇଯାଇପାରେ। ତେଣୁ ନବଙ୍କ ପରିବାର ତୁରନ୍ତ ସିବିଆଇ ତଦନ୍ତ ପାଇଁ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାନ୍ତୁ ବୋଲି ଶ୍ରୀ ପୁରୋହିତ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡି ବିଧାୟକ ପ୍ରଦୀପ ଦିଶାରୀ ଦେଇଛନ୍ତି ବିସ୍ଫୋରକ ବୟାନ। ସେ କହିଛନ୍ତି ଯେ ଖଣିଖାଦାନଭରା ଜିଲ୍ଲା ଝାରସୁଗୁଡାକୁ ଦଖଲ କରିବା ପାଇଁ ନବ ଦାସଙ୍କୁ ହତ୍ୟା କରାଯାଇଥାଇପାରେ। ପରୋକ୍ଷରେ ସେ ବିଜେପିକୁ ଇଙ୍ଗିତ କରିଛନ୍ତି। ଏବେ ଝାରସୁଗୁଡା ଜିଲ୍ଲା କାହା ଦଖଲରେ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ନବ ଦାସଙ୍କ ହତ୍ୟାର ବିଜେଡି ସରକାର କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲେ। ଏବେ ସରକାର ବଦଳିବା ପରେ ରାଜ୍ୟ ସରକାର ଚାହିଁଲେ ସିବିଆଇ ତଦନ୍ତ କରିପାରିବେ। କିନ୍ତୁ କାହିଁକି ଦୀପାଳିଙ୍କ ଲିଖିତ ଆବେଦନକୁ ଅପେକ୍ଷା କରୁଛନ୍ତି।

### ପୃଥକ ଦୁର୍ଘଟଣା...

ଫଳରେ ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କର ଘଟଣାସ୍ଥଳରେ ପ୍ରାଣ ଚାଲିଯାଇଥିବା ବେଳେ ତୃତୀୟ ବନ୍ଧୁ ଜଣକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ଖବର ପାଇ ବୀରମିତ୍ରପୁର ପୁଲିସ ବ୍ୟବଚ୍ଛେଦ ବ୍ୟବସ୍ଥା କରିବା ସହ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଏପରି ଏକ ଅଭାବନୀୟ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଥିବା ବେଳେ ମୃତକଙ୍କ ପରିବାର ଲୋକେ ଗଭୀର ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ସେହିପରି ଅନ୍ୟ ଘଟଣାରେ ମୟୁରଭଞ୍ଜ କରଞ୍ଜିଆ ଥାନା ଅନ୍ତର୍ଗତ କରଞ୍ଜିଆ-ସିଙ୍ଗଡ଼ା ରାସ୍ତା ମହାଦେବଶାଳ ନିକଟରେ ଦୁଇଟି ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ମୋଟ ୩ ଜଣ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ହସ୍ପିଟାଲ୍‌ରେ ପହଞ୍ଚିବା ପରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।

### କେଜିଏଫ୍...

ଟାଉନସିପକୁ ବେଆଇନ ଘୋଷଣା କରାଯାଇଥିଲା।

ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ବେଦାନ୍ତ ପକ୍ଷରୁ ନିର୍ମାଣ କରାଯାଇଥିବା ଏହି ଟାଉନସିପ ପାଇଁ ଝାରସୁଗୁଡ଼ା ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ ବା ଝାରସୁଗୁଡ଼ା ପୌର ପରିଷଦ ପକ୍ଷରୁ କୌଣସି ଅନୁମତି ନିଆଯାଇନାହିଁ। ଏହି ଟାଉନସିପ ପାଇଁ ଜିଲ୍ଲା ପ୍ରଶାସନ ନିକଟରୁ ବିଲଡିଂ ପ୍ଲାନ ମଧ୍ୟ ଗ୍ରହଣ କରାଯାଇନାହିଁ। ତଥାପି ଏତେ ବଡ଼ ଟାଉନସିପ ଗଠନ ହେଲା କେମିତି ସେନେଇ ପ୍ରଶ୍ନ ଉଠିଛି। ଚର୍ଚ୍ଚା ହେଉଛି ବେଦାନ୍ତ କାରଖାନାକୁ ପୂର୍ବ ସରକାର ସବୁପ୍ରକାର ସହଯୋଗ ଯୋଗାଇ ଆସୁଥିଲେ। ଏପରିକି ସ୍ଥାନୀୟ ଜନପ୍ରତିନିଧିମାନେ ମଧ୍ୟ ବେଦାନ୍ତ ଦ୍ୱାରା ଅନୁଗୃହିତ ହେବା ସହ ସବୁ ବେଆଇନ କାମକୁ ମଞ୍ଜୁର ଦେବାକୁ ପ୍ରଶାସନ ଉପରେ ଚାପ ପକାଯାଉଥିଲା ବୋଲି ଅଭିଯୋଗ ହେଉଛି। ହଜାର ହଜାର ଏକର ସରକାରୀ ଜମି ଉପରେ ଟାଉନସିପ ତିଆରି ହୋଇଥିବା ବେଳେ ତା' ଭିତରେ ବେଦାନ୍ତରେ କାମ କରୁଥିବା କର୍ମଚାରୀଙ୍କ ପାଇଁ ଆପାର୍ଟମେଣ୍ଟ ତିଆରି ହୋଇଛି। ୨୦୨୧ରେ ଝାରସୁଗୁଡା ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ ବେଦାନ୍ତକୁ ବେଆଇନ ଟାଉନସିପ ଉପରେ ମାଗିଥିବା ସ୍ପଷ୍ଟୀକରଣ ଜବାବରେ ପାଇଥିବା ଉତ୍ତର ସନ୍ତୋଷଜନକ ନଥିଲା। ଯେଉଁଥିପାଇଁ ସେହିବର୍ଷ ମାର୍ଚ୍ଚ ୧୦ ତାରିଖରେ ଉନ୍ନୟନ ଟ୍ରଷ୍ଟ ତତ୍କାଳୀନ ବେଦାନ୍ତ ସିଇଓ ସିଏନ ସିଂଙ୍କୁ ଚିଠି ଲେଖି ଏହି ଟାଉନସିପକୁ ଅନଧିକୃତ ଓ ବେଆଇନ ଘୋଷଣା କରିଥିଲେ। ପରେ ୨୦୨୩ରେ ଝାରସୁଗୁଡା ପୌର ପରିଷଦ ମଧ୍ୟ ସୁନାରୀମୁଣ୍ଡାଠାରେ ନିର୍ମାଣ କରାଯାଉଥିବା ଟାଉନସିପକୁ ବେଆଇନ ଘୋଷଣା କରିଥିଲା। ଏତେସବୁ ପରେ ମଧ୍ୟ ବେଦାନ୍ତ ପକ୍ଷରୁ ଉନ୍ନୟନ ଟ୍ରଷ୍ଟ ଓ ପୌର ପରିଷଦ ନିକଟରେ ବିଲଡିଂ ପ୍ଲାନ ଆପ୍ରୁଭାଲ କି ଟାଉନସିପ ପାଇଁ ଆବଶ୍ୟକ ଅନୁମତିପତ୍ର ଦାଖଲ ନ କରାନଯିବାରୁ ଗତକାଲି ଉନ୍ନୟନ ଟ୍ରଷ୍ଟ ୨୦୨୧ର ନିର୍ଦ୍ଦେଶନାମା ବଳବତ୍ତର ରହିଥିବା ଦର୍ଶାଇ ଏହି ଟାଉନସିପକୁ ବେଆଇନ ଓ ଅନଧିକୃତ ବୋଲି କହିଛି।

### ତାତି ସାଙ୍ଗକୁ ...

ଜାନୁଆରୀ ମାସ ଅଧାରୁ ହିଁ ଶୀତ ଗାଏବ ହୋଇଥିବା ବେଳେ ଫେବୃଆରୀ ପ୍ରଥମ ସପ୍ତାହର ତାତି ପୂର୍ବରୁ ସବୁ ରେକର୍ଡ ଭାଙ୍ଗିଛି।

ତାତି ବଢ଼ିବା ସାଙ୍ଗକୁ ରାଜ୍ୟରେ ଅଘୋଷିତ ବିଦ୍ୟୁତ କାଟ୍ ଲୋକଙ୍କୁ ଅସହ୍ୟ ହେଲାଣି। ଯଦି ଏବେଠୁ ଏତେ ଆଗକୁ ଖରାଦିନେ ବିଦ୍ୟୁତ ଯୋଗାଣର ଅବସ୍ଥା କ'ଣ ନ ହେବ ବୋଲି ବିଦ୍ୟୁତ ଉପଭୋକ୍ତା ପ୍ରଶ୍ନ କରୁଛନ୍ତି। ସରକାର କହୁଛନ୍ତି, ବିଦ୍ୟୁତ ଉତ୍ପାଦନରେ ଓଡ଼ିଶା ହେଉଛି ବଳକା ରାଜ୍ୟ। ତଥ୍ୟ ଅନୁସାରେ ଓଡ଼ିଶାରେ ମୋଟ ୪୩ ହଜାର ୯୮୯ ମିଲିଅନ ୟୁନିଟ୍ ବିଦ୍ୟୁତ ଉତ୍ପାଦିତ ହେଉଥିବା ବେଳେ ବ୍ୟବହାର ହେଉଛି ୩୮ ହଜାର ୮୧୪ ମିଲିଅନ ୟୁନିଟ୍। ୫ ହଜାର ୧୩୫ ମିଲିଅନ ୟୁନିଟ୍ ବିଦ୍ୟୁତ ବଳକା ହୋଇ ବି ବିଦ୍ୟୁତ କାଟ ହେଉଛି।

ନିୟମ ଅନୁସାରେ ସରକାର ପାୱାର କଟ୍ କଲେ ଆଗୁଆ ଜଣାଇବେ। କିନ୍ତୁ ପାୱାର ଟ୍ରିପ୍ ନାଁରେ ପାୱାର କଟ୍‌ର ଆଗୁଆ ସୂଚନା ଦିଆଯାଉନି। ପାୱାର ଟ୍ରିପ ନାଁରେ ବିଦ୍ୟୁତ ବିତରଣ କମ୍ପାନୀ ଏବେ ମନଇଚ୍ଛା ଅଘୋଷିତ ବିଦ୍ୟୁତ କାଟ୍ କରୁଛନ୍ତି। ୧୯୯୫ରେ ରାଜ୍ୟ ସରକାର ଗୁଣାତ୍ମକ ବିଦ୍ୟୁତ ଯୋଗାଣ ପାଇଁ ୩ଟି ଘୋଷଣା କରିଥିଲେ। ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ବିଦ୍ୟୁତ ଯୋଗାଣ, ଗୁଣାତ୍ମକ ମାନର ବିଦ୍ୟୁତ ସେବା ଓ ନିରବଚ୍ଛିନ୍ନ ସେବା ପ୍ରଦାନ। ୨୦୧୯ରେ ନିୟମରେ ସଂଶୋଧନ କରାଯାଇ ଜଣେ ବିଦ୍ୟୁତ ଉପଭୋକ୍ତାଙ୍କୁ ମାସକୁ ୧୦ ଘଣ୍ଟା ଓ ୧୫ ଥର ବିଦ୍ୟୁତ କାଟ ସହିବାକୁ ବାଧ୍ୟ କରାଗଲା। କିନ୍ତୁ ଏବେ ଯେଉଁ ହାରରେ ବିଦ୍ୟୁତକାଟ୍ ହେଉଛି, ତାହା ଏହାଠୁ ଢେର ଅଧିକ ଓ ଅସହ୍ୟ ବି ହେଲାଣି। ବିଦ୍ୟୁତ କମ୍ପାନୀଗୁଡିକ ୨୦୨୩-୨୪ ପାଇଁ ଦେଇଥିବା ତଥ୍ୟ ଅନୁସାରେ, ବର୍ତ୍ତମାନ ଜଣେ ଉପଭୋକ୍ତା ୧୦ ଘଣ୍ଟା ବଦଳରେ ହାରାହାରି ୨୩ ଘଣ୍ଟା ଓ ୧୫ ଥର ବଦଳରେ ହାରାହାରି ୩୪ ଥର ବିଦ୍ୟୁତ କାଟ ସହୁଛି।

### ମମତାଙ୍କୁ

ଭୋଟରଙ୍କର ଫଟୋ ପରିଚୟପତ୍ରରେ ସମାନ ଏପିକ୍ ନମ୍ବର ଥାଇପାରେ, କିନ୍ତୁ ସେମାନଙ୍କ ଜନସଂଖ୍ୟାଗତ ବିବରଣୀ, ବିଧାନସଭା ନିର୍ବାଚନମଣ୍ଡଳୀ ଓ ମତଦାନ କେନ୍ଦ୍ର ସୂଚନା ଭିନ୍ନ ହେବ। ସମାନ ଏପିକ୍ ନମ୍ବର ଥିଲେ ମଧ୍ୟ ଯେକୌଣସି ଭୋଟର କେବଳ ତାଙ୍କ ନିଜ ନିର୍ବାଚନମଣ୍ଡଳୀର ନିର୍ଦ୍ଦିଷ୍ଟ ମତଦାନ କେନ୍ଦ୍ରରେ ଭୋଟ୍ ଦେଇପାରିବେ, ଯେଉଁଠାରେ ଭୋଟର ତାଲିକାରେ ତାଙ୍କ ନାମ ଉଲ୍ଲେଖ ଥିବ। ତା'ଛଡ଼ା ସେ ଅନ୍ୟ କୌଣସି ସ୍ଥାନରେ ଭୋଟ୍ ଦେଇପାରିବେ ନାହିଁ। ସେହିପରି ଇସି ସ୍ପଷ୍ଟ କରିଛନ୍ତି ଯେ ବିଭିନ୍ନ ରାଜ୍ୟରେ ଭୋଟର ତାଲିକା ଡାଟାବେସ ଏରୋନେଟ୍ ପ୍ଲାଟଫର୍ମକୁ ସ୍ଥାନାନ୍ତର ହେବା ପୂର୍ବରୁ ବିକେନ୍ଦ୍ରୀକରଣ ଓ ମାନୁଆଲ ସିଷ୍ଟମ ଯୋଗୁଁ ଏପରି ସମସ୍ୟା ଉପୁଜିଛି। କେତେକ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ସମାନ ଅକ୍ଷର ସଂଖ୍ୟା ବ୍ୟବହାର କରିଥିଲେ, ଫଳରେ ବିଭିନ୍ନ ରାଜ୍ୟର କେତେକ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟରଙ୍କୁ ଡୁପ୍ଲିକେଟ ଏପିକ୍ ନମ୍ବର ବଣ୍ଟନ ହୋଇଥିବା ଅନୁମାନ କରାଯାଉଛି।

### ଜବରଦଖଲକାରୀଙ୍କ...

ମିଟର ଦୂରରେ। ହେଲେ ଜିଲ୍ଲାପାଳ କିମ୍ବା ତାଙ୍କ ଦପ୍ତରର କର୍ମଚାରୀମାନଙ୍କ ନଜରରେ ଏହା ପଡୁନାହିଁ। ଏ ସଂକ୍ରାନ୍ତରେ ମୁହଁ ଖୋଲୁଥିବା ବସ୍ତିବାସିନ୍ଦାଙ୍କୁ ଗ୍ୟାଙ୍ଗଷ୍ଟରର ଭାଇ ଓ ସହଯୋଗୀମାନେ ନାଲିଆଖି ଦେଖାଇ ଚୁପ୍ ରହିବାକୁ ଧମକ ଦେଉଥିବା ବେଳେ ପ୍ରଶାସନ ବି ଆଖି ବୁଜିଦେଇଛି। ଜିଲ୍ଲା ପ୍ରଶାସନ ଉପରୁ ଆସ୍ଥା ହରାଇ ସ୍ଥାନୀୟ ଲୋକେ ଏବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚିବା ସହିତ ଗ୍ୟାଙ୍ଗଷ୍ଟର-ବିଧାୟକ ଯୁଗଳବନ୍ଦୀର ପ୍ରମାଣ ଫଟୋ ଆକାରରେ ଛାଡ଼ିଥିବା ସନ୍ଦେହ କରାଯାଉଛି। ତେବେ ରାତାରାତି କଂଗ୍ରେସରୁ ଆସି ବିଜେଡି ଟିକଟରେ ବିଧାୟକ ହୋଇଥିବା ଗଣେଶ୍ୱରଙ୍କ ଏଭଳି କାରବାରରେ ବିଜେଡି ଶିବିର କେବଳ ହତଚକିତ ହୋଇନାହିଁ, ଏଭଳି କାଣ୍ଡ ଯୋଗୁଁ କେନ୍ଦ୍ରାପଡ଼ାରେ ଦଳ ଅଳ୍ପଦିନ ଭିତରେ ଫାଳ ଫାଳ ହୋଇଯିବ ବୋଲି ଆଲୋଚନା ଆରମ୍ଭ ହୋଇଗଲାଣି।

# ବଛାଳୋ ସିଦ୍ଧେଶ୍ୱରଙ୍କ ନୂତନ ମନ୍ଦିରର ରତ୍ନମୂଦ ଉତ୍ସବ



ନାଉଗାଁ, ୨।୩ (ସଂଚାର ବ୍ୟୁରୋ) : ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ବଛାଳୋ ଗ୍ରାମର ସିଦ୍ଧେଶ୍ୱରଙ୍କ ନୂତନ ମନ୍ଦିରର ରତ୍ନମୂଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ କାଳରୁ ସୂର୍ଯ୍ୟ ପୂଜା, ଘୃତ ଯଜ୍ଞ, ଦାରୁଖୋଜା କାର୍ଯ୍ୟ ସମ୍ପନ୍ନ କରାଯାଇ ଅପରାହ୍ନ ୩ଟା ସମୟରେ ରତ୍ନମୂଦ କାର୍ଯ୍ୟ ମୁଖ୍ୟ ବିଶ୍ୱକର୍ମା, ସହ ବିଶ୍ୱର୍କମା, ପଣ୍ଡିତ ମାନଙ୍କ ଉପସ୍ଥିତିରେ କରାଯାଇଥିଲା। ଏହି ଉତ୍ସବରେ ନାଉଗାଁ, ଶିଖର, ସାରେଇକୂଳ, ବିଲିପଡ଼ା, ପୋକାମୂଳ, ଗୁଣ୍ଡର, ନାରସିମା, ରୋହିଆ, ଅଲଣା-୨, ବ୍ରାହ୍ମଣୀଗାଁ ଆଦି ନିକଟସ୍ଥ ଗ୍ରାମରୁ ପାଖାପାଖି ପାଞ୍ଚ ହାଜରରୁ ଉର୍ଦ୍ଧ୍ୱ ଭକ୍ତମାନେ ଯୋଗ ଦେଇ ବିଭୁକୃପା ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମର ଗ୍ରାମବାସୀ, ବୁଦ୍ଧିଜୀବୀ, ଯୁବକମାନେ ପରିଚାଳନା କରିଥିଲେ।

# ପଶୁ ଚିକିତ୍ସାଳୟର ନାହିଁ ସ୍ଥାୟୀ ଘର

ପଟ୍ଟାମୁଣ୍ଡାଇ, ୨।୩ (ସଂଚାର ବ୍ୟୁରୋ) : ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର ପଂଚାୟତବାସୀଙ୍କୁ ଉତ୍ତମ ପଶୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ୧୯୮୬ ମସିହାରେ ଅଠରବାଟିଆ ଠାରେ ଏକ ପଶୁ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଥିଲା। ଏହି ପଶୁ ଚିକିତ୍ସାଳୟ ଉପରେ ନରସିଂହପୁର ପଂଚାୟତର ଅଠରବାଟିଆ, ପଚ୍ଛପଡା, ଅଇନପଡା, ଅଢାଖଣ୍ଡ, ମଠସାହି, ନରସିଂହପୁର, ଗଙ୍ଗାରାମପୁର ଡିହାପଡା ପଂଚାୟତର କୁପୁଣି, ଡିହାପଡା ଓ ଖଡିଅଣ୍ଟା ପଂଚାୟତର ଆମ୍ବେର ଆଦି ବିଭିନ୍ନ ଗ୍ରାମର ହଜାର ହଜାର ଲୋକ ପଶୁ ଚିକିତ୍ସା ପାଇଁ ନିର୍ଭର କରୁଛନ୍ତି। ଇତି ମଧ୍ୟରେ ଦୀର୍ଘ ୩୯ବର୍ଷ ବିତି ଯାଇଥିଲେ ମଧ୍ୟ ଅଠରବାଟିଆ ପଶୁ ଚିକିତ୍ସାଳୟ ଅସ୍ଥାୟୀ ଘରେ ଦୟନୀୟ ଭାବେ ଚାଲୁଛି । ସ୍ଥାୟୀ ଗୃହ ନଥିବାରୁ ପଶୁ ଚିକିତ୍ସା ସେବା ବ୍ୟାହତ ହୋଇପଡୁଛି । ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ପଶୁସମ୍ପଦ ମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେଇ ସ୍ଥାୟୀ ଗୃହ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ନରସିଂହପୁର ସରପଞ୍ଚ ଦିପ୍ତିମୟୀ ପରିଡା ଓ ବିଜେପି ନେତା ସୁଶୀଲ ପରିଡା ଦାବୀ କରିଛନ୍ତି ।

# ମାଗଣା ସ୍ୱାସ୍ଥ୍ୟ ସେବା ଶିବିର



ବ୍ରହ୍ମପୁର, ୨।୩ (ସଂଚାର ବ୍ୟୁରୋ) : ସ୍ଥାନୀୟ ୨ନଂ ୱାର୍ଡ ସ୍ଥିତ ଲକ୍ଷ୍ମୀ ନୃସିଂହ ସାହି କୋଠ ଘର ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ବିଧାୟକଙ୍କ ପରାମର୍ଶ କ୍ରମେ ୨ନଂ ୱାର୍ଡ ର ବିଜେପି କର୍ପୋରେଟର ପ୍ରାର୍ଥୀ ତଥା ସମାଜସେବୀ ଅନୁପ ପଣ୍ଡାଙ୍କ ନେତୃତ୍ୱରେ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ଉଚ୍ଚ ରକ୍ତଚାପ, ମଧୁମେହ, ଶ୍ୱାସ ସହ ଇସିଜି ଟେଷ୍ଟ ଏବଂ ଅନ୍ୟାନ୍ୟ ପରୀକ୍ଷା ସମ୍ପୂର୍ଣ୍ଣ ମାଗଣାରେ କରାଯାଇଥିଲା। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ବହୁ ସାଧାରଣ ଲୋକେ ସାମିଲ ହୋଇ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। କାର୍ଯ୍ୟକ୍ରମରେ ଗଂଜାମ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ତ୍ରିନାଥ ନାୟକ, ଅମର ଦାସ, ଓମ ଦାସ, ବିଜୟ ପଣ୍ଡା, ଇନ୍ଦ୍ର ମାଧବ ବେହେରା, ରବୀନ୍ଦ୍ର ପଟ୍ଟନାୟକ, ଗୋପୀ ମହାନ୍ତି, କୁନା ବେହେରା, ମିଟୁ ପାଣିଗ୍ରାହୀ, ପ୍ରଫୁଲ୍ଲ ଡାକୁଆ ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରତାପ ଶାସନ ଡିଗ୍ରୀ କଲେଜରେ ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ଶିବିର




ବାଲିଅନ୍ତା, ୨।୩ (ସଂଚାର ବ୍ୟୁରୋ) : ବାଲକାଟିସ୍ଥିତ ପ୍ରତାପ ଶାସନ ଡିଗ୍ରୀ କଲେଜ ଆନୁକୂଲ୍ୟରେ ୧୦ ଦିନ ଧରି ଚାଲିଥିବା ଛାତ୍ରୀମାନଙ୍କର ଆତ୍ମରକ୍ଷା କୌଶଳ ଶିବିର ରବିବାର ଦିନ ଉଦଯାପିତ ହୋଇଯାଇଛି। ଗତ ଫେବୃଆରୀ ୨୦ ତାରିଖରୁ ଚାଲିଥିବା ଏହି ଶିବିରକୁ କଲେଜ ଅଧକ୍ଷ ଡଃ କାଳନ୍ଦୀ ଚରଣ ସାହୁ ଉଦଘାଟନ କରିଥିଲେ। ପ୍ରଥମ ବର୍ଷର ୫୩ଜଣ ଛାତ୍ରୀ ଏହି ଶିବିରରେ ଯୋଗଦେଇ ଆତ୍ମରକ୍ଷା ପାଇଁ ବିଭିନ୍ନ ପ୍ରକାର କୌଶଳ ଶିକ୍ଷା ନେଇଥିଲେ। ଜାତୀୟସ୍ତରରେ ନାମ କରିଥିବା ଜଣାଶୁଣା କରାଟେ କୋଚ ଉମାକାନ୍ତ ବେହେରାଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଏହି ଶିବିରଟି ଆୟୋଜିତ ହୋଇଥିଲା। ଜାତୀୟ ପ୍ରସିଦ୍ଧି ଲାଭ କରିଥିବା କରାଟେ ଖେଳିଳି ରେଶମ ଦାସ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳର ସମସ୍ତ ଦିଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କଲେଜର ଆତ୍ମରକ୍ଷା ସଂଯୋଜିକା ଅଧ୍ୟାପିକା ରଂଜିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଛାତ୍ର ସଂସଦ ଉପଦେଷ୍ଟା ହେମନ୍ତ କୁମାର ଦାଶ ଦଶଦିନର ଶିବିରଟିକୁ ସମ୍ପୂର୍ଣ୍ଣ ପରିଚାଳନା କରିଥିଲେ।

# ପଞ୍ଚାୟତକୁ ଆସିଲା ପାଣି, ଖୁସି ହେଲେ ଲୋକେ

## ଚାଷ ଜମିକୁ ବେଆଇନ୍ କନେକ୍ସନ୍ ଉପରେ ହେବ କାର୍ଯ୍ୟାନୁଷ୍ଠାନ




ଡେରାବିଶ, ୨।୩ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅଧିନସ୍ଥ ବସୁପୁରୁ ପଞ୍ଚାୟତରେ ୧୧ ଦିନପରେ ଶେଷରେ ଆସିଲା ପିଇବା ପାଣି। ସଂଚାରରେ ଲଗାତାର ଖବର ପ୍ରକାଶ ପରେ ଜଳ ଯୋଗାଣ ବିଭାଗର ବ୍ଲକ୍ ନିର୍ବାହୀ ଯନ୍ତ୍ରୀଙ୍କ ନିଦ ଭାଙ୍ଗିଛି। ବିଭାଗୀୟ ଅଧିକାରୀଙ୍କ ଉଦ୍ୟମରେ ପିଇବା ପାଣି ଆଜି ପ୍ରତି ଘରେ ପାଇ ଲୋକ ଆଜି ବହୁତ୍ ଖୁସି ଥିବା ଜଣାଇଛନ୍ତି।

ସୂଚନା ଥାଉ କି ଗତ ୨୦ ଫେବୃଆରୀ ୨୦୨୫ ରିଖ ଠାରୁ ପଞ୍ଚାୟତରେ ବିଛା ଯାଇଥିବା ପାଇପ୍ କନେକ୍ସନରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଦୀର୍ଘ ୮ ଦିନ ଜଳ ଯୋଗାଣ ସେବା ବନ୍ଦ ହେବାରୁ ୫ ହଜାରରୁ ଉର୍ଦ୍ଧ୍ୱ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ୮ ଦିନ ହେଲା ବାରମ୍ବାର ଅଭିଯୋଗ ପରେ ମଧ୍ୟ ଦାୟିତ୍ୱରେ ଥିବା ପଞ୍ଚାୟତ ଏବଂ କାର୍ଯ୍ୟରତ ପମ୍ପ ଡ୍ରାଇଭର ପଞ୍ଚାୟତରେ ଜଳ ଯୋଗାଣରେ ଥିବା ଯାନ୍ତ୍ରିକ ତ୍ରୁଟିକୁ ସୁଧାରି ପାରିନଥିଲେ। ପରେ ସଂଚାର ମାଧ୍ୟମରେ ୨୭ ଫେବୃଆରୀ ଏବଂ ୧ ମାର୍ଚ୍ଚରେ ଲଗାତାର ନିର୍ବାହୀ ଯନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲା ଜଳ ଯୋଗାଣ ବିଭାଗର ମୁଖ୍ୟଯନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଆଜି ଜଳ ଯୋଗାଣ ବିଭାଗ ଚିହିଁକି ଉଠିଛି । ମାତ୍ର ୪ ଘଣ୍ଟା ପରିଶ୍ରମରେ ପଂଚାୟତର ଘରେ ଘରେ ପାନୀୟ ଜଳ ପୁନର୍ବାର ପହଞ୍ଚି ପାରିଛି । କିନ୍ତୁ ଏବେବି ଚାଷ ଜମିକୁ ୪୦ରୁ ଅଧିକ ଅବୈଧ କନେକ୍ସନ ଯାଇଥିବାରୁ ଉପରେ ମୁଣ୍ଡରେ ଥିବା ୱାର୍ଡ଼ ଗୁଡ଼ିକ ଯଥା ଭାଣ୍ଡିଲୋ ଏବଂ ହାଟବାଣପୁର(ଝିଙ୍କଡି)ରେ ଥିବା ପାଖାପାଖି ୨୦୦୦ ଲୋକେ ଠିକରେ ପାଣି ପାଉନଥିବା ଜଣାଇଛନ୍ତି।

ଏ ନେଇ ନିର୍ବାହୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ହେବାପରେ ସେ କହିଛନ୍ତି କି ସେ ଏ ବିଷୟରେ ଅବଗତ ଅଛନ୍ତି ଏବଂ ଚଳିତ ଗ୍ରୀଷ୍ମ ଦିନ ଚାଲୁଥିବାରୁ ଏପରି ଅମାନବୀୟ କର୍ଯ୍ୟ କରୁଥିବା କିଛି ଲୋକଙ୍କୁ ପ୍ରଶୟ ଦିଆଯିବ ନାହିଁ । ଖୁବ୍ ଶୀଘ୍ର ଏକ ଟିମ୍ ତିଆରି କରାଯାଇ ଚାଷ ଜମି ଏବଂ ନିଜ ଫସଲ ବାଡିକୁ ଅବୈଧ କନେକ୍ସନ ନେଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ତା ସହିତ କାର୍ଯ୍ୟରତ ପମ୍ପ ଡ୍ରାଇଭରଙ୍କୁ ୨ ବର୍ଷରୁ ମିଳିନଥିବା ଦରମା ପାଇଁ ସେ ସରପଞ୍ଚଙ୍କୁ ଅବଗତ କରାଇଛନ୍ତି। ଯାହା ଯଥା ଶୀଘ୍ର ସମାଧାନ କରାଯାଇ ଭବିଷ୍ୟତରେ ନିରବଚ୍ଛିନ୍ନ ଜଳ ଯୋଗାଣ ଯୋଗାଇ ଦିଆଯିବ ।

'ସଂଚାର' ପ୍ରଭାବ

# ବିପର୍ଯ୍ୟସ୍ତ ରାସ୍ତା କାମ ଆରମ୍ଭ



ରାସ୍ତା ପାଲଟିଥିଲା ମରଣଯନ୍ତା, ନିଇତି ଘଟୁଥିଲା ଦୁର୍ଘଟଣା

ମହାକାଳପଡ଼ା, ୨।୩ (ସଂଚାର ବ୍ୟୁରୋ): ସଂଚାରରେ ଖବର ପ୍ରକାଶ ପରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଢଳେଇ ରାସ୍ତାର କାର୍ଯ୍ୟ ଆରମ୍ଭ ହୋଇଛି। ଦୀର୍ଘ ବର୍ଷ ଧରି ଏହି ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିକି ରହିଥିଲା। ଲୋକମାନେ ବିପଦ ସଙ୍କୁଳ ଅବସ୍ଥାରେ ଏହି ରାସ୍ତାରେ ଯାତାୟାତ କରୁଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଦେଉଳପଡା ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଦେଉଳପଡା ହରିଜନପଡା ଠାରୁ ବାଙ୍କିଛନ୍ଦା ଗ୍ରାମକୁ ସଂଯୋଗ କରିଛି ଏହି ପକ୍କା ସଡ଼କ। ରାସ୍ତାର ଏକ ପାର୍ଶ୍ୱ ଦବିଯିବା ସହିତ ରାସ୍ତା ଖଣ୍ଡ ଖଣ୍ଡ ହୋଇ ଆଁ କରିଥିଲା। କେବଳ ଖଣ୍ଡ ଖଣ୍ଡ ନୁହେଁ ବରଂ ରାସ୍ତାରୁ ବାହାରିଥିବା ଗୋଡି ଲୋକମାନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଥିଲା। ନଦୀ ସେପଟେ ଥାନା, ତହସିଲ, ମହାବିଦ୍ୟାଳୟ, ବ୍ଲକ୍, ବ୍ୟାଙ୍କ୍ ଓ ମେଡିକାଲ୍ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଥିବାରୁ ଲୋକମାନେ ଏହି ରାସ୍ତାରେ ବହୁଳ ଯାତାୟତ କରୁଛନ୍ତି। ବିପର୍ଯ୍ୟସ୍ତ ରାସ୍ତା ପାଇଁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା । ଏନେଇ ସଂଚାର ରେ ଖବର ପ୍ରକାଶ ପରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଛି। ବିପର୍ଯ୍ୟସ୍ତ ରାସ୍ତାର କାର୍ଯ୍ୟ ତ୍ୱରିତ ବେଗରେ ଆରମ୍ଭ କରାଯାଇଛି। ଏଥିପାଇଁ ଅଞ୍ଚଳବାସୀ ସଂଚାର ଖବରକାଗଜ କୁ ଧନ୍ୟବାଦ ଜଣାଇଛନ୍ତି।

# ପ୍ରଶାସନର ନାଲିଫିତା ତଳେ କାକଟପୁର ଏନଏସି




କାକଟପୁର/ଅସ୍ତରଙ୍ଗ, ୨।୩ (ସଂଚାର ବ୍ୟୁରୋ): ପୂର୍ବ ସରକାର ରାଜ୍ୟରେ ନୂଆ ଏନଏସି ଘୋଷଣା କରିଥିବା ବେଳେ ପୁରୀ ଜିଲ୍ଲା କାକଟପୁର ମଧ୍ୟ ପ୍ରସ୍ତାବିତ ଏନଏସି ଘୋଷଣାରେ ରହିଥିଲା। ୨୦୨୪ଫେବୃଆରୀ ୨୯ତାରିଖରୁ କାକଟପୁର ଅଞ୍ଚଳ ସଚେତନ ନାଗରିକ, ବୁଦ୍ଧିଜୀବୀ ଓ ଯୁବବନ୍ଧୁମାନେ କାକଟପୁରକୁ ଏନଏସି ଘୋଷଣା ପାଇଁ କାକଟପୁରରୁ ଭୁବନେଶ୍ୱର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ନିବାସ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଏହା ସହ ବିଭିନ୍ନ ରାଜନୈତିକ ଦଳ ତରଫରୁ ଏନଏସି ଘୋଷଣା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଯାହା ଫଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାକଟପୁରକୁ ଏନଏସି ଭାବେ ଘୋଷଣା ମଧ୍ୟ କରିଥିଲେ। ଘୋଷଣା ପରେ ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବାର ସୂଚନା ମିଳିଥିଲା। ମାତ୍ର ରାଜ୍ୟରେ ସାଧାରଣ ନିର୍ବାଚନ ଘୋଷଣା ଯୋଗୁଁ କାର୍ଯ୍ୟ ବନ୍ଦ ରହିଥିଲା। ନୂତନ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ଏନଏସି ପ୍ରସଙ୍ଗ କାର୍ଯ୍ୟକାରୀ ହେବାକୁ ଯାଉଛି। କିନ୍ତୁ ସ୍ଥାନୀୟ ପ୍ରଶାସନର ଉଦାସୀନତା ମନୋଭାବ ପାଇଁ ଆଜି ପର୍ଯ୍ୟନ୍ତ ଉକ୍ତ ପ୍ରସଙ୍ଗରେ କୌଣସି ଅଗ୍ରଗତି ହେଉନଥିବାରୁ ଏହା ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟ ପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି କାକଟପୁର ଅଞ୍ଚଳ ବିଡ଼ିଓ ଓ ତହସିଲଦାର ତତ୍ପରତା ସହ ରୂପରେଖ ପ୍ରସ୍ତୁତକରି ଜିଲ୍ଲାପାଳଙ୍କୁ ଦାଖଲ କରିବା ସହ ଜିଲ୍ଲା ପ୍ରଶାସନ କାକଟପୁର ଏନଏସି ପାଇଁ ସର୍ଭେ କାର୍ଯ୍ୟକ୍ଷମ ଆରମ୍ଭ କରିବାକୁ।

● ରଡିଆ ସେବା ସମବାୟ ସମିତିରେ ଅନିୟମିତତା ଅଭିଯୋଗ

# ଅସାଧୁ ଚାଷୀଙ୍କୁ ଅନୁକମ୍ପା, ଯୋଗ୍ୟଙ୍କୁ ହତାଦର



ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡିଲେ ଚାଷୀ

ମହାକାଳପଡ଼ା, ୨।୩ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ କଂସାର ବଡ଼ଦାଣ୍ଡୁଆ ପଞ୍ଚାୟତର ରଡିଆ ସେବା ସମବାୟ ସମିତିରେ ଧାନ କିଣାରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ଆଣି ଆଜି ଚାଷୀମାନେ ପ୍ରତିବାଦ କରିଛନ୍ତି। ମିଲର ଓ ସୋସାଇଟି କର୍ମଚାରୀମାନଙ୍କ ମିଳିଭଗତରେ ଅଯୋଗ୍ୟ ଚାଷୀଙ୍କ ଠାରୁ ଅସାଧୁ ଉପାୟରେ ଧାନ ଟୋକନ୍ ନେଇ ଟାର୍ଗେଟ ପୂରଣ କରୁଛନ୍ତି। ଯାହା ଫଳରେ ଯୋଗ୍ୟ ଚାଷୀ ସେମାନଙ୍କ ଧାନ ବିକ୍ରୀ କରି ପାରୁନାହାଁନ୍ତି। ଦୀର୍ଘଦିନ ଧରି ସୋସାଇଟିରେ କର୍ମଚାରୀ ମାନଙ୍କ ମନମାନି ପାଇଁ ଶହ ଶହ ବସ୍ତା ଧାନ ଖୋଲା ମେଲାରେ ପଡ଼ି ରହିଥିବା ବେଳେ ଏବେ ଚାଷୀଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆଜି ଚାଷୀମାନେ ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ ଚଳିତ ବର୍ଷ ଧାନ କିଣିବା ପାଇଁ ସରକାରଙ୍କ ତରଫରୁ ସେବା ସମବାୟ ସମିତିକୁ ୮୭୫୦ କୁଇଣ୍ଟାଲ ଟାର୍ଗେଟ ଆସିଥିଲା। ହେଲେ ସେବା ସମବାୟ ସମିତିର କର୍ମଚାରୀଙ୍କ ମନମାନି ପାଇଁ ଅସାଧୁ ଉପାୟରେ ଅଯୋଗ୍ୟ ଚାଷୀଙ୍କୁ କାଗଜ କଲମରେ ଧାନ କିଣାଇ ଟାର୍ଗେଟ ପୂରଣ କରାଯାଇଛି। ଧାନକିଣା ତଥ୍ୟରେ ମିଛ ଚାଷୀ ଓ ମିଛ ପ୍ରମାଣପତ୍ର ଦେଇ କାଗଜ କଲମରେ ହଜାର ହଜାର କୁଇଣ୍ଟାଲ ଧାନ କିଣିଛନ୍ତି ବୋଲି ଚାଷୀମାନେ ସଙ୍ଗିନୀ ଅଭିଯୋଗ ଆଣିଛନ୍ତି। ଏବେବି ୫୦୦୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ବାହାରେ ପଡ଼ି ରହିଛି। ସମ୍ପାଦକ ଚାଷୀଙ୍କୁ ଆଜି କାଲି କହି ଦିନ ଗଡାଉଛନ୍ତି। ଯାହାଫଳରେ ଚାଷୀମାନେ ଦିନରାତି ଧାନ ଜଗିକି ବସି ରହୁଛନ୍ତି। କିଛି ଚାଷୀଙ୍କ ଟୋକନ ଅବଧି ଶେଷ ହେବା ସତ୍ତ୍ୱେ ମଧ୍ୟ ଧାନ ଉଠୁନି। ଏମିତି ସଙ୍ଗୀନ ଅଭିଯୋଗ କରି ଉପଯୁକ୍ତ ତଦନ୍ତ କରି ଅନିୟମିତତା କରିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପଡି ରହିଥିବା ଧାନ ଉଠାଇବା ପାଇଁ ସୁବ୍ୟବସ୍ଥା କରିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଚାଷୀମାନେ। ଚାଷୀମାନଙ୍କ ଅଭିଯୋଗ ପରେ ଜିଲ୍ଲାପାଳ କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ବରିଷ୍ଠ ନାଗରିକଙ୍କ ସମ୍ମାନ ପାଇଁ ରେଡିଓ ନମସ୍କାରର ପ୍ରୟାସ

କୋଣାର୍କ, ୨।୩ (ସଂଚାର ବ୍ୟୁରୋ): ଓଡ଼ିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ନମସ୍କାର ଏବଂ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରାଳୟ, ଭାରତ ସରକାର ତଥା ଜାତୀୟ ଗୋଷ୍ଠୀ ବେତାର ମହାସଂଘର ମିଳିତ ଆନୁକୁଲ୍ୟରେ ଶନିବାର ଦିନ କାନାରା ବ୍ୟାଙ୍କ୍, କୋଣାର୍କ ଠାରେ ଅଟଳ ଭାୟୋ ଅଭ୍ୟୋଦୟ ଯୋଜନା ଉପରେ ଆଧାରିତ ସ୍ୱତନ୍ତ୍ର କାର୍ଯକ୍ରମର ଆୟୋଜନ କରାଯାଇଥିଲା। ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କ ନିମନ୍ତେ ଥିବା ବିଭିନ୍ନ ସରକାରୀ ଯୋଜନା ଗୁଡିକ ବିଷୟ ରେ ଅବଗତ କରାଇବା ଏହି କାର୍ଯକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ପରିପେକ୍ଷିରେ କାନାରା ବ୍ୟାଙ୍କ୍ ତରଫରୁ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ଉଚ୍ଚପଦସ୍ଥ ଅଧିକାରୀମାନେ ମତ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଥିଲେ କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, କୋଣାର୍କ ବରିଷ୍ଠ ନାଗରିକ ମଞ୍ଚ ର ସଭାପତି ନରେନ୍ଦ୍ର ପାତ୍ର , ଉପ-ସଭାପତି ହରିଶ ଚନ୍ଦ୍ର ଦାଶ , କାନାରା ବ୍ୟାଙ୍କ୍ ଶାଖା ପରିଚାଳକ ମନୋଜ ପ୍ରଭାକର, ଏକ୍ସିକୁଟିଭ ଦୁର୍ଗା ଚରଣ ଚାଟାର୍ଜୀ, ଫିଲ୍ଡ ଅଫିସର୍ ରାକେଶ କୁମାର ଦାସ ଓ ରେଡିଓ ନମସ୍କାର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ ପ୍ରଧାନ ପ୍ରମୁଖ ଯୋଗ ଦେଇ ସମସ୍ତ ଯୋଜନା ସମ୍ବନ୍ଧୀୟ ବିଭିନ୍ନ ବିଷୟ ରେ ଆଲୋଚନା କରିଥିଲେ।

ନିରାଶ୍ରୟ ଲୋକଙ୍କ ସାହାରା ସାଜିଛନ୍ତି ଭରତ

# ନିଜସ୍ୱ ଅର୍ଥରେ ଯୋଗାଇ ଦେଉଛନ୍ତି ଘର



ଆଳି, ୨।୩ (ସଂଚାର ବ୍ୟୁରୋ): ନିରାଶ୍ରୟ ଲୋକଙ୍କ ସାହାରା ପାଲଟିଛନ୍ତି ଭରତ। ଆବାସ ବଣ୍ଟନ କରି ଚର୍ଚ୍ଚାରେ ଏବେ ଭରତ ବାଇ । ନିଜ ଜୀବନ କାଳରେ ସମାଜ ସେବୀ କରିବାକୁ ନିଷ୍ପତି କରିଥିବା ବେଳେ । ଏବେ ୫୦ ଗୃହ ବିହୀନଙ୍କୁ ଘର ଯୋଗାଇ ଦେବେବୋଲି ଲକ୍ଷ ରଖିଛନ୍ତି। ଭରତଙ୍କ ପୈତୃକ ଘର ହୋଉଛି ଯାଜିପୁର ଜିଲ୍ଲା ବିଂଝାରପୁର ବ୍ଲକ୍ର ଢିଅ କୂଳାରେ ହୋଇ ଥିବା ବେଳେ ସେ ରାଉରକେଲାରେ ଛୋଟ କପଡା ଦୋକାନ କରିଛନ୍ତି। କପଡା ଦୋକାନରୁ ଯାହା ରୋଜଗାର ହୁଏ ନିଜେ ପ୍ରତି ପୋଷଣ ହେବା ସହ ସମାଜ କାର୍ଯ୍ୟରେ ଲଗାଇ ଥାଆନ୍ତି। ସବୁ ଠାରୁ ବଡ କଥା ହେଲା ନିଜେ ଘର ଭଡ଼ା ଦେଇ ରହୁ ଥିବା ବେଳେ ଗରିବଙ୍କ ପାଇଁ ଘର କରିଦେଉଛନ୍ତି। ଏବେ ୨୮ଟି ଘର କରି ଥିବା ବେଳେ ଆଳି ଓ କନିକାରେ ୮ ଘର ହୋଇ ସାରିଛି। ଆଉ ୨୨ ଘର କରିବାକୁ ଶୀଘ୍ର ଯୋଜନ କରିଛନ୍ତି। ଅନ୍ୟ ପଟେ ଏଇ ଘର ନାମ ଗୋପବନ୍ଧୁ କୁଟୀର ମଦର ଟେରେସା ପାର୍ବତି ଗିରି ନାମରେ ନାମିତ କରିଛନ୍ତି। ସେପଟେ ଭରତ ଆଗାମୀ ଦିନରେ ଏହି କାର୍ଯ୍ୟ ଜାରି ରହିବା ସହିତ ବେକାର ଯୁବକ ଓ ଯୁବତୀଙ୍କୁ ମାନଙ୍କୁ ଛୋଟ ଛୋଟ ଦୋକାନ କରିଦେବେ ବୋଲି ଆଶା ବାନ୍ଧିଛନ୍ତି।

# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ପଟ୍ଟାମୁଣ୍ଡାଇ, ୨।୩ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ କଲେଜର ଜଣେ ଅଧ୍ୟାପକ କପି ଚେକିଂ ବାହାନାରେ ଜଣେ ଯୁକ୍ତ ଦୁଇ ଛାତ୍ରୀଙ୍କୁ ଅସାଦାଚରଣ କରିବା ଅଭିଯୋଗରେ ଉକ୍ତ ଛାତ୍ରୀ ଆତ୍ମହତ୍ୟା କରି ନିଜ ଜୀବନ ହାରିଛନ୍ତି। ଝିଅର ମା' ଏ ସଂପର୍କରେ ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନାରେ ଅଭିଯୋଗ କରିବା ପରେ ପୁଲିସ କଲେଜକୁ ଯାଇ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାକୁ ନେଇ ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି। ଗ୍ରାମାଂଚଳ ଥାନାରେ ଝିଅର ମା ଦେଇଥିବା ଏତଲାରେ ଦର୍ଶାଇଛନ୍ତିଯେ ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନା ଅନ୍ତର୍ଗତ ମୁଳଗାଇଁ ଗ୍ରାମର ଲକ୍ଷ୍ମୀପ୍ରିୟା ନାୟକଙ୍କ ଝିଅ ସୌମ୍ୟାଶାଶ୍ୱତୀ ନାୟକ ପଟ୍ଟାମୁଣ୍ଡାଇ କଲେଜ ଯୁକ୍ତ ୨ ବାଣିଜ୍ୟ ବିଭାଗରେ ପାଠ ପଢ଼ୁଥିଲେ। ଗତ ମାସ ୧୯ ତାରିଖ ଦିନ ଏହି ଛାତ୍ରୀଙ୍କର ଫାଇନାଲ ପରୀକ୍ଷା ଥିଲା। ଛାତ୍ରୀ ସୌମ୍ୟାଶାଶ୍ୱତୀ ପରୀକ୍ଷା ଦେବାକୁ କଲେଜରେ ପହଂଚିବା ପରେ ପରୀକ୍ଷା ଦାୟିତ୍ୱରେ ଥିବା ଜଣେ ଅଧ୍ୟାପକ କପି ଚେକିଂ କରିବା ବାହାନାରେ ସୌମ୍ୟାଙ୍କୁ ବାହାରକୁ ନେଇ ଅସଦାଚରଣ କରିଥିଲେ। ଏହାକୁ ସୌମ୍ୟା ପ୍ରତିବାଦ କରିବାରୁ ସେ ତାକୁ ଏକ୍ସଫେଲର ଧମକ ଦେଇ କାହାକୁ ଏକଥା ନକହିବାକୁ ତାଗିଦ କରିଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ୨୪ ତାରିଖ ଦିନ ସୌମ୍ୟା ବେକରେ ଦଉଡି ଲଗାଇ ନିଜ ଘରେ ଆତ୍ମହତ୍ୟା କରିଥିଲେ। ଶବ ବ୍ୟବଚ୍ଛେଦ କରାଇ ପୁଲିସ ସେତେବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଏହି ଅପମୃତ୍ୟୁ ଘଟଣା ପରେ ପୁଲିସ କଲେଜକୁ ଯାଇ ପ୍ରାରମ୍ଭିକ ତଦନ୍ତ କରିଥିଲା।

- ଜୀବନ ହାରିଲେ ଛାତ୍ରୀ
- କଲେଜ ସିସିଟିଭି ଫୁଟେଜ ଯାଞ୍ଚ

# ପାଲା ମାଧ୍ୟମରେ ଜଙ୍ଗଲ ସୁରକ୍ଷା ସଚେତନତା



ନୟାଗଡ଼, ୨।୩ (ସଂଚାର ବ୍ୟୁରୋ): ଜିଲ୍ଲାରେ ପ୍ରଚଣ୍ଡ ଗୀଷ୍ମ ପ୍ରଭାବ ଆରମ୍ଭ ହେଲାଣି ପ୍ରଚଣ୍ଡ ଗୀଷ୍ମ ପ୍ରଭାବ ସାଙ୍ଗକୁ ଜିଲ୍ଲାର ବିଭିନ୍ନ ଜଙ୍ଗଲରେ କିଛି ଦୃବୃତ୍ତ ନିଆଁ ଲଗାଇଥାନ୍ତି। ଯେଉଁଥି ପାଇଁ ଅସହ୍ୟ ଗୁଳୁଗୁଳି ସୃଷ୍ଟି ହୋଇଥାଏ ଏବଂ ଜୀବନ ଜିଇଁବା କଷ୍ଟସାଧ୍ୟ ହୋଇପଡେ । ଅଧିକ ଅସୁବିଧାର ସମ୍ମୁଖୀନ ହୁଅନ୍ତି ବନ୍ୟପ୍ରାଣୀ । ସେଥିପାଇଁ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଫାଲ୍ଗୁନୀସାରଥୀ ମଲ୍ଲିକ ଓ ବନଖଣ୍ଡ ଅଧିକାରୀଣୀ କ୍ଷମା ଷଡ଼ଙ୍ଗୀଙ୍କ ପରାମର୍ଶ କ୍ରମେ ବାଣିଗୋଛା ପଶ୍ଚିମ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀଙ୍କ ତତ୍ତ୍ୱବଧାନ କ୍ରମେ ଜଙ୍ଗଲ ସୁରକ୍ଷା, ପରିବେଶ ସୁରକ୍ଷା ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ, ସଲଗ୍ନ ଗ୍ରାମ ମାନଙ୍କରେ ଜନସାଧାରଣଙ୍କ ସଚେତନତା ନିମନ୍ତେ ପଥପ୍ରାନ୍ତ ପାଲା ଅନୁଷ୍ଠିତ ହୋଇଯାଇଛି। ପାଲା ମାଧ୍ୟମରେ ଗାଁ ଗାଁ ବୁଲି ଲୋକ ମାନଙ୍କୁ ଜଙ୍ଗଲରେ ନିଆଁ ନଲଗେଇବା ପାଇଁ ସଚେତନତା କରାଯାଉଛି। ଏବଂ ଜଙ୍ଗଲ ବନ୍ୟପ୍ରାଣୀଙ୍କୁ ଅସୁବିଧାରେ ନପକେଇବା, ଶିକାର ନକରିବା, ଜଙ୍ଗଲ ପରିବେଶ ସୃଷ୍ଟି କରିବା ନେଇ ପାଲା ମାଧ୍ୟମରେ ସଚେତନ କରାଯାଇଛି । ଏହି କ୍ରମରେ ଆଜି ବୁଗୁଡା ସେକ୍ସନ୍ ଅନ୍ତର୍ଗତ ବୁଗୁଡା, ଶାଳଭଙ୍ଗା, ଦୁର୍ଗାପ୍ରସାଦ ଓ ଝିଣ୍ଟିକାବାରୀ ଗ୍ରାମରେ ପାଲାଦଳ ପହଞ୍ଚି ଗ୍ରାମ ଦାଣ୍ଡରେ ପାଲା ପରିବେଷଣ କରି ଜନସାଧାରଣଙ୍କୁ ସଚେତନ କରିବା ସହିତ ବନ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଉପରେ ପୁରାଣ ଆଧାରିତ ବିଷୟ ବସ୍ତୁକୁ ନେଇ ଭାବାବେଗ ସହ ଜଡିତ କେତେକ ବିଷୟ ବସ୍ତୁର ଅବତାରଣା କରିଥିଲେ। ଶେଷରେ ଜଙ୍ଗଲରେ ନିଆଁ ଲଗାଇବା ମହାପାପ ବୋଲି ମଧ୍ୟ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସେକ୍ସନ ବନପାଳ ରାଜ କୁମାର ଶତପଥି, ବନପାଳ ପୁଷ୍ପଲତା ସ୍ୱାଇଁ, ଫାୟାର ଷ୍ୱାର୍ଡ ମୋହନ ପ୍ରଭୃତି ପରିଚାଳନ କରିଥିଲେ ।

# ମଉଳିଯାଉଛି ପିଲାଙ୍କ 'ପୁଲିସ, ସୈନିକ' ଇଚ୍ଛା

ଅଧିକାଂଶ ବିଦ୍ୟାଳୟରେ ଏନସିସି ନାହିଁ

ଶିକ୍ଷକ ଓ ଭିତ୍ତିଭୂମି ଅଭାବ



କାକଟପୁର/ଅସ୍ତରଙ୍ଗ, ୨।୩ (ସଂଚାର ବ୍ୟୁରୋ): ପୁଲିସ ଓ ସେନାରେ କାମ କରିବାକୁ ସ୍ୱପ୍ନ ଦେଖୁଥିବା ପିଲାଟିଏ ସବୁବେଳେ ସ୍କୁଲରେ ଏନସିସି ନେବାକୁ ଭଲ ପାଇଥାଏ। ହାଇସ୍କୁଲରୁ ଏନସିସି ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ସହ ସ୍ୱତନ୍ତ୍ର ପ୍ରମାଣପତ୍ର ମଧ୍ୟ ପାଇଥାଏ। ଯାହା ତାକୁ ତା 'ଲକ୍ଷ୍ୟପଥରେ ପହଞ୍ଚାଇବାକୁ ସାହାଯ୍ୟ କରିଥାଏ। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ୨୨ଗୋଟି ହାଇସ୍କୁଲ ମଧ୍ୟରୁ କେବଳ ୨ଟି ବିଦ୍ୟାଳୟରେ ଏନସିସି ଥିବା ବେଳେ ଅନ୍ୟ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଏନସିସି ଯେମିତି ଏକ ସ୍ୱପ୍ନ ପାଲଟିଛି। ଫଳରେ ଅନ୍ୟ ସରକାରୀ ବିଦ୍ୟାଳୟରେ ପଢ଼ୁଥିବା ଛାତ୍ରଛାତ୍ରୀ ଏହି ସ୍ୱତନ୍ତ୍ର ପ୍ରଶିକ୍ଷଣରୁ ବଂଚିତ ହେଉଛନ୍ତି।

ବିଦ୍ୟାଳୟସ୍ତରରୁ ଦେଶର ସୁରକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ଏନସିସି ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏଥିପାଇଁ ସମସ୍ତ ହାଇସ୍କୁଲରେ ଏନସିସି (ଜାତୀୟ କ୍ୟାଡେଟ କର୍ପସ)କୁ ସୁଦୃଢ଼ କରିବା ସହ ଏନସିସି ଭିତ୍ତିଭୂମିକୁ ସୁଦୃଢ଼ କରି ଛାତ୍ରଛାତ୍ରୀଙ୍କୁ ତାଲିମ୍ ଦେବା ପାଇଁ ସରକାର ଘୋଷଣା କରିଥିଲେ। ଏହି କ୍ରମରେ ବିଭିନ୍ନ ବିଦ୍ୟାଳୟରେ ଏନସିସିକୁ ଗୁରୁତ୍ୱ ଦିଆଯାଇଥିଲା। ତେବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ୨୨ଗୋଟି ହାଇସ୍କୁଲ ମଧ୍ୟରୁ ମାତ୍ର ୨ଟି ସ୍କୁଲକୁ ଛାଡିଦେଲେ ଅଧିକାଂଶ ସ୍କୁଲରେ ଏନସିସି ନାହିଁ। ଫଳରେ ଛାତ୍ରଛାତ୍ରୀଙ୍କ ଆଗ୍ରହ ଥିଲେ ମଧ୍ୟ ସେମାନେ ଏହି ସ୍ୱତନ୍ତ୍ର ପ୍ରଶିକ୍ଷଣରୁ ବଂଚିତ ହେଉଛନ୍ତି।

ଯାହା ପ୍ରାପ୍ତ ସୂଚନା ମିଳିଛି ଅନେକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଓ ଭିତ୍ତିଭୂମିର ଘୋର ଅଭାବ ରହିଛି। ୪୦ବର୍ଷରୁ କମ୍ ବୟସର ଶିକ୍ଷକଙ୍କୁ ଏନସିସି ଶିକ୍ଷକର ଦାୟିତ୍ୱ ପ୍ରଦାନ ପାଇଁ ନିୟମ ରହିଥିବାରୁ ଅନେକ ସ୍କୁଲରେ ଶିକ୍ଷକ ନିଯୁକ୍ତି ଏକ ପ୍ରମୁଖ ସମସ୍ୟା ପାଲଟିଛି। ଅନେକ ସ୍କୁଲ ଏନସିସି ପାଇଁ ଆବେଦନ କରିଥିବା ବେଳେ ସେମାନଙ୍କ ଆବେଦନପତ୍ର ପେଣ୍ଡିଙ୍ଗ ରହିଛି। ତେବେ ଏନସିସି ଛାତ୍ର, ଛାତ୍ରୀଙ୍କ ଜୀବନରେ ଶୃଙ୍ଖଳା ଆଣିବା ସହ ପାଠପଢା, ନାମ ଲେଖା ଓ ନିଯୁକ୍ତି କ୍ଷେତ୍ରରେ ସହାୟକ ହୋଇଥାଏ। ଛାତ୍ରୀ ମାନଙ୍କୁ ଆତ୍ମ ସୁରକ୍ଷା କ୍ଷେତ୍ରରେ ସହାୟକ ହୋଇଥାଏ। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ଓ ବଡ଼ ବଡ଼ କାର୍ଯ୍ୟକ୍ରମ ସମୟରେ ଏନସିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ରିଲିଫ ବଣ୍ଟନ, ଔଷଧ ବଣ୍ଟନ, ଭିଡ଼ ନିୟନ୍ତ୍ରଣ ଓ ବନ୍ୟା ବାତ୍ୟା ପରବର୍ତ୍ତୀକାଳୀନ ଉଦ୍ଧାର କାର୍ଯ୍ୟରେ ଏନସିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ତେଣୁ ସବୁ ଶିକ୍ଷାନୁଷ୍ଠାନରେ ଛାତ୍ର, ଛାତ୍ରୀଙ୍କୁ ଏନସିସି ସୁବିଧା ପ୍ରଦାନ ପାଇଁ ଅଭିଭାବକ ମହଲରେ ଦାବୀ ହୋଇଛି।

# ଜଙ୍ଗଲରେ ବନ୍ୟଜନ୍ତୁଙ୍କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବାଲିଅନ୍ତା, ୨।୩ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ଯଶୁଆପୁର ଗ୍ରାମର ବାଲିପୋଖରି ନିକଟରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଜଂଘଲରେ ଗ୍ରୀଷ୍ମ ଋତୁ ସମୟରେ କିପରି ପକ୍ଷୀ ଓ ବନ୍ୟ ଜନ୍ତୁଙ୍କ ସୁରକ୍ଷା କରାଯାଇପାରିବ ଓ ପରିବେଶ ସୁରକ୍ଷାର ସଚେତନ ବାର୍ତ୍ତା ଦେବା ନେଇ ବାଲିଅନ୍ତା ବ୍ଲକ ଅଞ୍ଚଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଯଶୁଆପୁର ବିକାଶ ପରିଷଦ ପକ୍ଷରୁ ପ୍ରତିଷ୍ଠାତା ରଞ୍ଜନ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଜଙ୍ଗଲରେ ସୃଷ୍ଟି ହୋଇଥିବା ଲତା ଗଛ କାଟି ପରିଷ୍କାର କରିବା, ଚାରା ରୋପଣ କରିବା ସହିତ ଜଙ୍ଘଲର ସୁରକ୍ଷା ପାଇଁ ଚାରିପାଖରେ ତାର ବାଡ ବ୍ୟବସ୍ଥା କରାଯାଇଛି । ଅଞ୍ଚଳରୁ ବହୁ ଲୋକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରମାଲତା ନାୟକ, ପ୍ରକୃତିବନ୍ଧୁ ନିରଞ୍ଜନ ସେନାପତି ଯୋଗଦାନ କରି ସଚେତନତା କାର୍ଯ୍ୟକ୍ରମର ନିଜ ନିଜ ବକ୍ତବ୍ୟ ରଖିଥିଲେ ।



## ସିଟି salad

### ଖାକି ବାବୁଙ୍କର ମାଗଣା କୁମ୍ଭ

ରାଜଧାନୀର ଗୋଟିଏ ଥାନାର ଖାକି ବାବୁ କୁମ୍ଭରେ ବୁଡ ପକାଇ ନିଜର ସବୁତକ ପାପ ଧୋଇ ଦେଇଛନ୍ତି। ହେଲେ ବାବୁ ପାପ ଧୋଇବା ନେଇ ତାଙ୍କରି ଥାନାରେ ଚାଲିଛି ଚର୍ଚ୍ଚା। ବାବୁ କୁଆଡେ ସମ୍ପୂର୍ଣ୍ଣ ମାଗଣାରେ କୁମ୍ଭରେ ବୁଡ ପକାଇଛନ୍ତି। ବାବୁ ଜଣେ ପୂର୍ବତନ ମନ୍ତ୍ରୀଙ୍କ ସାଙ୍ଗରେ କୁମ୍ଭ ଯାଇଥିଲେ। ମନ୍ତ୍ରୀଙ୍କୁ ଖୁସ୍ କରିଥିବାରୁ ପୂର୍ବତନ ମନ୍ତ୍ରୀ ଜଣଙ୍କ ନିଜ ସହିତ ବାବୁଙ୍କର ଆକାଶପଥରେ ଟିକଟ କରିଥିଲେ। ବାବୁ ସେଥିରେ ଖୁସି ହୋଇ ନଥିଲେ। ହେଲେ କାଳେ ଅତିରିକ୍ତ ଖର୍ଚ୍ଚ ଲାଗିବ ସେଥିପାଇଁ ନିଜ ଏରିଆରେ ଥିବା ଗୋଟିଏ ଇଂରାଜୀ ମାଧ୍ୟମ ବିଦ୍ୟାଳୟକୁ କୁମ୍ଭ ଯିବା ଖବରଟି ପଠାଇଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ବି ବାବୁ କୁମ୍ଭ ଯାଉଥିବା ଜାଣି ଟିକଟ କରିବାକୁ ଆଗଭର ହୋଇ ଆସିଥିଲେ। ହେଲେ ଯେତେବେଳେ ଜାଣିଲେ ଖାକି ବାବୁ ଜଣଙ୍କର ମାଗଣା ଟିକଟ ହୋଇସାରିଛି ସେତେବେଳେ ଖର୍ଚ୍ଚ ବାବଦରେ ଖାମ୍ ବ୍ୟବସ୍ଥା କରିଥିଲେ। ତେଣୁ ବାବୁ କୁମ୍ଭରେ ଯାଇ ସମ୍ପୂର୍ଣ୍ଣ ମାଗଣାରେ ବୁଡ ପକାଇଛନ୍ତି। ଏଥିରେ କୁଆଡେ ବାବୁଙ୍କର କିଛି ଲାଭ ବି ହୋଇଥିବା ନେଇ ତଳିଆ ଖାକିବାବୁମାନେ କହୁଛନ୍ତି। ହେଲେ ଜଣେ ତଳିଆ ଖାକି ବାବୁଙ୍କର କହିବାକଥା ହେଲା କୁମ୍ଭରେ ବାବୁଙ୍କର ସିନା ପାପ ଧୋଇଗଲା ହେଲେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଫି ବଢାଇ ଯେଉଁ ପାପ ଅର୍ଜନ କରୁଛନ୍ତି ବାବୁଙ୍କ କୁମ୍ଭ ବୁଡରେ ତାହା ଧୋଇବ କି ନାହିଁ ତାହା ବଡ ପ୍ରଶ୍ନବାଚୀ।




### ବସ୍‌କୁ ସୁହାଉନି ନାମ ପରିବର୍ତ୍ତନ

ଯେବେ ଠାରୁ ମୋ ବସ୍‌ର ନାମ ପରିବର୍ତ୍ତନ ହୋଇ ଆମ ବସ୍ ହୋଇଛି ସେବେଠାରୁ ବସ୍ ଦାୟିତ୍ୱରେ ଥିବା ବାବୁ ମାନଙ୍କର ନିଦ ହଜିଯାଇଛି। ନୂଆ ନାମକରଣ ପରେ ଆମ ବସ୍ ମାରଣା ଷଣ୍ଢ ଭଳି ଆଚରଣ କରୁଛି। କେତେବେଳେ ବସ୍ ଲୋକଙ୍କ ଉପରେ ଚଢି ଯାଉଛି ତ ଆଉ କେତେବେଳେ ଲୋକେ ବସ୍ ତଳେ ଆସି ପଶି ଯାଉଛନ୍ତି।




ହେଲେ ସବୁତକ ପାପ ବସ୍ ସଂସ୍ଥାର ମୁଖିଆଙ୍କ ମୁଣ୍ଡରେ ଯାଉଛି। ଅବସ୍ଥା ଏଭଳି ହୋଇଛି ଯେ ବିଧାନସଭାରେ ଏହି ବସ୍‌କୁ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ମର୍ଡର ବସ୍ ବୋଲି କହିବାକୁ ପଛାଇ ନାହାନ୍ତି। ତେବେ ଇତି ମଧ୍ୟରେ ବସ୍ ଚାଳକଙ୍କ ଏକାଗ୍ରତା ପାଇଁ କର୍ତ୍ତୃପକ୍ଷ ଯୋଗ ଶିବିର ଆୟୋଜନ କରି ତାହାକୁ ଜୋରସୋର ଭାବେ ପ୍ରଚାର କରାଇଛନ୍ତି। ବସ୍ ଦାୟିତ୍ୱରେ ଥିବା ଜଣେ ସର୍ବଭାରତୀୟ ବାବୁ ପୂଜାର୍ଚ୍ଚନା ପାଇଁ ପ୍ରସ୍ତୁତି ଚଳାଉଛନ୍ତି। ବସ୍ ଅପବାଦରୁ ମୁକୁଳିବାପାଇଁ ବାବୁ ଖୁବ୍‌ଶୀଘ୍ର ହୋମ ଯଜ୍ଞ କରିବା ସହିତ ଖାଦ୍ୟପେୟର ଆୟୋଜନ କରିବାକୁ ତାଲିକା ପ୍ରସ୍ତୁତ କରୁଛନ୍ତି। ତେବେ ପୂଜାପାଠ ଓ ପ୍ରସାଦ ସେବନ ପରେ ଆମ ବସ୍ କିଭଳି ଆଚରଣ ପ୍ରଦର୍ଶନ କରିବ ଓ ବାବୁମାନେ କେତେ ସୁରକ୍ଷିତ ରହିବେ ତାକୁ ଏବେ ଅନେକ ଚାହିଁ ବସିଛନ୍ତି।

### ପାସ୍ ଗାଡିକୁ ବ୍ରେକ୍ ମାରୁଛି କିଏ ?




ଲୋକସେବା ଭବନକୁ ନିଜର ଚାରିଚକିଆ ଯାନ ପ୍ରବେଶ ପାଇଁ ପାଶ୍ ପାଇଁ ଆବେଦନ କରୁଥିବା ଲୋକେ ଏବେ ଲମ୍ବା ଲାଇନ୍‌ରେ। କାହାକୁ କେତେବେଳେ ପାଶ୍ ମିଳିବ ତାହା କେହି ଜାଣିପାରୁ ନାହାନ୍ତି। ତେବେ ଏଠାରେ ଥିବା କିଛି କର୍ମଚାରୀ କୁଆଡେ ପାଶ୍ ପାଇଁ ଆସୁଥିବା ଗାଡିରେ ବ୍ରେକ୍ ମାରୁଥିବା ନେଇ ଆଲୋଚନା ହେଉଛି। ଗୃହ ବିଭାଗ କରିଡରରେ ହେଉଥିବା ଆଲୋଚନା ଅନୁଯାୟୀ ଏଠାରେ ଦାୟିତ୍ୱରେ ଥିବା ବଡ ବାବୁ ତ ସହଜରେ କାହାକୁ ଗାହି ପାଶ୍ ଦେବାକୁ ଚାହୁଁ ନାହାନ୍ତି। ତାଙ୍କର ଏଭଳି ମାନସିକତା ଦେଖି ତଳେ ଥିବା କିଛି ବାବୁ ଭରପୂର ଫାଇଦା ଉଠାଉଛନ୍ତି। ମନ ହେଲେ ପାଶ୍ କାଗଜ ଉପରୁ ପଠାଉଛନ୍ତି ନୁହେଲେ ନାହିଁ। କାମ କରି କୈଫତ ଦେବା ଅପେକ୍ଷା କାମ ନକରିବାକୁ ଶ୍ରେୟଷ୍କର ମନେ କରୁଛନ୍ତି। ଯିଏ ଯାଇ ହାତ ଯୋଡି ଜୁହାର ହେଉଛି ତା ପାଶ୍ କାଗଜଟି ଉପରକୁ ଯାଉଛି ନହେଲେ ସେହିଭଳି ପଡି ରହୁଛି। ତେବେ କିଛି ଖାକି ବାବୁଙ୍କ ସୁପାରିଶ୍ କାଗଜ କିନ୍ତୁ ଚଟାପଟ ଉପରକୁ ଯାଉଥିବା ନେଇ ଆଲୋଚନା ହେଉଛି। ହେଲେ ପାଶ୍ ଗାଡିରେ ବ୍ରେକ୍ ଦେଉଥିବା ଏହି ବାବୁମାନେ କୁଆଡେ ନୂଆ ସରକାର ଉପରେ ରାଗ ଶୁଝାଇ ଏଭଳି କରୁଥିବା କିଛି କର୍ମଚାରୀ ଆଲୋଚନା କରୁଥିବାବେଳେ ଆଉ କିଛି ସେମାନଙ୍କୁ ପୁରୁଣା ସରକାରର ଗୁଇନ୍ଦା ବୋଲି କହିବାକୁ ପଛାଉ ନାହାନ୍ତି।

### କୋଇଲା ସଂସ୍ଥାରେ ଟଙ୍କା ଗଣା ବାବୁ



ଶକ୍ତି ବିଭାଗ ଅଧିନରେ ରହିଛି କୋଇଲା ଶକ୍ତି ସଂସ୍ଥା। ସଂସ୍ଥାର କାମ ହେଲା କୋଇଲା ଖୋଳିବା ଓ ଶକ୍ତି ଉତ୍ପାଦନ ପାଇଁ ବିକିବା। ସମ୍ପୂର୍ଣ୍ଣ ଭାବେ ବୈଷୟିକ କାରବାର। ହେଲେ ଏଠାରେ ଏବେ ଯେଉଁ ବାବୁ ସର୍ବେସର୍ବା ହୋଇଛନ୍ତି ସେ ହେଲେ ଅର୍ଥ କାରବାର ବୁଝୁଥିବା ବାବୁ। ଖଣି ବିଷୟରେ ତାଙ୍କର ଜ୍ଞାନ କୁଆଡେ ଶୂନ। ଆଠ ମାସ ହେଲା କୋଇଲା ଶକ୍ତି ସଂସ୍ଥାର ମୁଖିଆ ପଦବୀଟି ଖାଲି ପଡିଥିବାରୁ ସରକାର ବାହାଦୂର ଏ ବାବୁଙ୍କୁ ଆଉ ଏକ ଶକ୍ତି ବିଭାଗରୁ ଆଣି ଏଠାରେ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ଶକ୍ତି ବିଭାଗରେ ହେଉଥିବା ଆଲୋଚନା ଅନୁଯାୟୀ କୋଇଲା ଖଣି ସଂସ୍ଥାରେ ଟଙ୍କାଗଣା ବାବୁଙ୍କୁ ବସାଇଲା କିଏ ? ଇଏ କୋଇଲା କଥା ବୁଝିବେ ନା ଟଙ୍କା ଗଣିବେ ତାହା ବଡ ପ୍ରଶ୍ନବାଚୀ ହୋଇଛି। ତେବେ ଶକ୍ତି ବିଭାଗର କିଛି ଶକ୍ତିମାନ ବାବୁଙ୍କ ଆଲୋଚନା ଅନୁଯାୟୀ ଏ କୋଇଲା ସଂସ୍ଥାଟିରେ ଟଙ୍କା କାରବାର ଅଧିକ ଥିବାରୁ ହାକିମମାନେ ମୁଣ୍ଡ ଖଟାଇ ସେଠାରେ ଜଣେ ଟଙ୍କାଗଣା ବାବୁଙ୍କୁ ଦାୟିତ୍ୱ ଦେଇଛନ୍ତି। କୋଇଲା ଖୋଳା ହେଉ କି ନହେଉ ଟଙ୍କା ଗଣା କିନ୍ତୁ ଜୋରଦାର ହେବ। ଏହାକୁ ନେଇ ବିଭାଗରେ ଆଲୋଚନା ହେଉଥିବାବେଳେ ବଡପଣ୍ଡାମାନେ କିନ୍ତୁ ଟଙ୍କାଗଣା ବାବୁଙ୍କୁ ବସାଇ ବେଶ୍ ଖୁସି ଅଛନ୍ତି।

### ହାଣ୍ଡିଆକୁ ଏବେ ମାଣ୍ଡିଆ ଚିନ୍ତା




ହାଣ୍ଡିଆ ହେଉଛି ଆଦିବାସୀମାନଙ୍କର ଅତ୍ୟନ୍ତ ପ୍ରିୟ ପାନୀୟ। ବାହାଘର ହେଉ କି ଭୋଜିଭାତ ହାଣ୍ଡିଆ ସେବନ ଥାଏ। ହାଣ୍ଡିଆ ଅବଶ୍ୟ ଆଦିବାସୀ ଅଞ୍ଚଳରୁ ବାହାରି ବହୁବର୍ଷ ହେଲା ରାଜଧାନୀରେ ପହଞ୍ଚିଯାଇଛି। ହାଣ୍ଡିଆ ଅନେକଙ୍କୁ ରୋଜଗାର ବି ଯୋଗାଇଛି। ହେଲେ ହାଣ୍ଡିଆ ଉପରେ ନିର୍ଭରକରି ଚଳୁଥିବା କିଛି ଲୋକଙ୍କ ନିଦ ଏବେ ମାଣ୍ଡିଆ ଛଡାଇ ନେଇଛି। ଯେଉଁଦିନ ରାଜ୍ୟର ଅବକାରୀ ମନ୍ତ୍ରୀ ଘୋଷଣା କଲେ ଯେ ଏଣିକି ମାଣ୍ଡିଆରୁ ମଦ ପ୍ରସ୍ତୁତ ହେବ ସେବେଠାରୁ ହାଣ୍ଡିଆ ପ୍ରସ୍ତୁତକାରୀମାନେ ଚିନ୍ତାରେ ପଡିଛନ୍ତି। ପୁରୁଷ ପୁରୁଷ ଧରି ଉତ୍ତରାଧିକାରୀ ସୂତ୍ରରୁ ସେମାନେ ସିନା ଚାଉଳରୁ ହାଣ୍ଡିଆ ତିଆରି କରୁଛନ୍ତି ହେଲେ ମାଣ୍ଡିଆରୁ ସରକାର ମଦ ପ୍ରସ୍ତୁତ କଲେ ସେମାନଙ୍କ ବେପାର ବୁଡିଯିବ। ଯେଉଁମାନେ ଚାଉଳ ପ୍ରସ୍ତୁତ ହାଣ୍ଡିଆ ପିଇବାକୁ ଆସୁଥିଲେ ସେମାନେ ମାଣ୍ଡିଆ ପ୍ରସ୍ତୁତ ମଦ ଆଡକୁ ଦୌଡିବେ। ସରକାର ବି ମାଣ୍ଡିଆ ମଦର ବ୍ରାଣ୍ଡିଂ କରି ବିକ୍ରି କରିବେ। ଲୋକେ ଆଉ ଗଛମୂଳେ ବସି ହାଣ୍ଡିଆ ପିଇବେ ନାହିଁ କି ପୁଲିସ୍ ଜୁଲମର ଶିକାର ହେବେନାହିଁ। ସରକାରଙ୍କ ମାଣ୍ଡିଆରୁ ପ୍ରସ୍ତୁତ ହାଣ୍ଡିଆକୁ ଖୁସିରେ ପିଇବେ। ଅବଶ୍ୟ ହାଣ୍ଡିଆ ପ୍ରିୟ ମଦୁଆମାନେ କେତେଦୂର ମାଣ୍ଡିଆ ପ୍ରସ୍ତୁତ ପାନୀୟ ଗ୍ରହଣ କରିବେ ତାହାକୁ ଦେଖିବାର କଥା। ହେଲେ ଜୀବିକା ହରାଇବା ଆଶାରେ ବହୁ ହାଣ୍ଡିଆ ବ୍ୟବସାୟୀ ଏବେ ଠାରୁ ମାଣ୍ଡିଆ ଆଣି ତାହା ଉପରେ ଗବେଷଣା କରୁଥିବା ଖବର ମିଳିଲାଣି।

---

## ଚନ୍ଦ୍ରଶେଖର ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ

# ତିନି ମହଲା କୋଠା ପାଇଁ ୪ କୋଟି ମଞ୍ଜୁର

**ଭୁବନେଶ୍ୱର,୨।୩(ସଂଚାର ବ୍ୟୁରୋ):** ନିଜ କଲେଜ ଓ ନିଜ ଶିକ୍ଷକମାନଙ୍କୁ ନେଇ ଆପଣମାନେ ଗର୍ବ ଅନୁଭବ କରିବା ଉଚିତ ଓ ଭବିଷ୍ୟତରେ ଏହି ମହାବିଦ୍ୟାଳୟର ଶୋଭା ବର୍ଦ୍ଧନ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝରର ଚମ୍ପୁଆସ୍ଥିତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ୪୮ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଦିନେ ଏହି କଲେଜର ଛାତ୍ର ଥିବା ମୁଖ୍ୟମନ୍ତ୍ରୀ ଆଜି ଉଦ୍‌ଘାଟକ ଭାବେ ଯୋଗଦେବାର ମୁହୂର୍ତ୍ତକୁ ଅଭୁଲା ବୋଲି କହିବା ସହ କଲେଜ ପ୍ରତି ତାଙ୍କର ଦାୟିତ୍ୱବୋଧ ସ୍ୱରୂପ ଏହାର ଭିତ୍ତିଭୂମି ବିକାଶ ସକାଶେ ଏକ ୩ ମହଲା ବିଶିଷ୍ଟ କୋଠା ନିର୍ମାଣ ପାଇଁ ୪ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି।




- ଦିନେ ଛାତ୍ର ଥିଲେ, ଆଜି ଉଦ୍‌ଘାଟକ
- ନୂତନ ପାଠ୍ୟକ୍ରମ ଆରମ୍ଭ ପାଇଁ ପ୍ରସ୍ତାବ

ଏଥିସହ ବୈତରଣୀ କୂଳରେ ଥିବା ଏହି ଶିକ୍ଷାନୁଷ୍ଠାନରେ ଯୁକ୍ତ ୩ ବାଣିଜ୍ୟ, ଯୁକ୍ତ ୨ ଭୂତତ୍ତ୍ୱ ବିଜ୍ଞାନ ଓ କଳା ପାଠ୍ୟକ୍ରମରେ ସଂସ୍କୃତ ଓ ସାମାଜିକ ଶାସ୍ତ୍ର ସହିତ ଇଣ୍ଟିଗ୍ରେଟେଡ୍ ବିଏଡ୍ ଶିକ୍ଷା ପାଠ୍ୟକ୍ରମ ଆରମ୍ଭ କରିବା ନେଇ ଘୋଷଣା କରିଛନ୍ତି। ସେ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ କୌଣସି ଶିକ୍ଷାନୁଷ୍ଠାନ ଛୋଟ କି ବଡ଼ ହୋଇନଥାଏ। କେବଳ ଆତ୍ମବିଶ୍ୱାସ ଥିଲେ ଆପଣମାନେ ମଧ୍ୟ ଦିନେ ନା ଦିନେ ଉଚ୍ଚ ପଦପଦବୀର ଅଳଂକୃତ କରିବେ। ଏହି ଧାରାରେ ଆପଣ ନିଜ କଲେଜ ଆଉ ଶିକ୍ଷକଙ୍କୁ ଗୌରବାନ୍ୱିତ କରାଇପାରିବେ। ଏହି ମହାବିଦ୍ୟାଳୟକୁ ଜାତୀୟ ଉତ୍କର୍ଷ କେନ୍ଦ୍ର (ଏନ୍‌ଇସି)ରେ ପରିଣତ କରିବା ସହ ଏହାକୁ ସ୍ୱାୟଂଶାସିତ କରିବା ଦିଗରେ ସରକାର ପଦକ୍ଷେପ ନେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୂର୍ବରୁ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମଧ୍ୟ କଲେଜର ଉନ୍ନତିକରଣ ପାଇଁ ୩ କୋଟି ୩୦ ଲକ୍ଷ ଟଙ୍କାର ରାଶି ଘୋଷଣା କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନୂତନ ଶିକ୍ଷାନୀତିରେ ଦକ୍ଷତା ବିକାଶ, ବହୁବିଧ ଶିକ୍ଷା ଓ ବୃତ୍ତିଗତ ତାଲିମ ଉପରେ ଗୁରୁତ୍ୱ ଦିଆଯାଇଛି। ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମହାବିଦ୍ୟାଳୟ ସ୍ତରରେ ପିଏମ୍ ଉଷା ଯୋଜନା ଲାଗୁ କରାଯାଉଛି। ସେହିପରି ବର୍ତ୍ତମାନ ଦକ୍ଷତାର ଯୁଗରୁ ଶିକ୍ଷା ସହ ଉପଯୁକ୍ତ ସ୍କିଲ୍ ଟ୍ରେନିଂର ବି ଆବଶ୍ୟକତା ରହିଛି। ଦକ୍ଷତା ବିକାଶ ପାଇଁ ସରକାରୀ ସ୍ତରରେ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି। ନିଯୁକ୍ତି କ୍ଷେତ୍ରକୁ ସରକାର ଗୁରୁତ୍ୱ ଦେଉଥିବା ବେଳେ ଆଗାମୀ ୫ ବର୍ଷରେ ୧.୫୦ ଲକ୍ଷ ପଦବୀ ପୂରଣ କରାଯିବ। କେନ୍ଦୁଝର ଜିଲ୍ଲାରେ ମଧ୍ୟ ଅନେକ ଶିଳ୍ପ ପ୍ରତିଷ୍ଠା ହେବ, ଯାହାର ହଜାର ହଜାର ବେକାରଙ୍କୁ ନିଯୁକ୍ତି ଦେଇପାରିବ। ବର୍ତ୍ତମାନ ସମୟରେ ଯୁବବର୍ଗ ପାଇଁ ଶିକ୍ଷା ସହ କ୍ରୀଡ଼ା କ୍ଷେତ୍ରରେ ବି କ୍ୟାରିଅର୍ ବନାଇବାର ସୁଯୋଗ ରହିଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ବି ଯୋଗାଇ ଦିଆଯାଉଛି। ପ୍ରତି ବ୍ଲକ୍‌ରେ କ୍ରିକେଟ୍, ଭଲିବଲ, ଫୁଟବଲ ଓ ଆଥଲେଟିକ୍ସ ସମେତ ବିଭିନ୍ନ କ୍ରୀଡ଼ା ପାଇଁ ଅତ୍ୟାଧୁନିକ ସୁବିଧାସୁଯୋଗ ଉପଲବ୍ଧ କରିବା ଯୋଜନା ରହିଛି। ପ୍ରତି ବ୍ଲକରେ ଷ୍ଟାଡିୟମ ନିର୍ମାଣ ହେବ ବୋଲି ଘୋଷଣା ସରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଓ ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାଏକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଚମ୍ପୁଆ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର କର ସ୍ୱାଗତ ଭାଷଣ ଦେଇଥିଲେ ଓ ଜିଲ୍ଲାପାଳ ବିଶାଳ ସିଂହ ଧନ୍ୟବାଦ ଦେଇଥିଲେ।

---

## ସରକାରୀ ବାବୁଙ୍କ ବେଆଇନ କାମକୁ ମାଫ୍

**ଭୁବନେଶ୍ୱର,୨।୩ (ସଂଚାର ବ୍ୟୁରୋ):** ଯେଉଁ ସରକାରୀ କର୍ମଚାରୀ ରାସନ କାର୍ଡ ହାତେଇଥିଲେ, ତାଙ୍କ ବିରୋଧରେ ହେବନି କାର୍ଯ୍ୟାନୁଷ୍ଠାନ. କାରଣ ସେମାନେ ଧୀରେ ଧୀରେ କାର୍ଡ ଫେରାଉଛନ୍ତି. ଏ ଯାଏଁ ୪ ହଜାର ସରକାରୀ କର୍ମଚାରୀ କାର୍ଡ ଫେରାଇଲେଣି। ଏବେଠାରୁ ଯଦି କେହି ସରକାରୀ କର୍ମଚାରୀ ରାସନ କାର୍ଡ ଫେରାଇବେନି, ତେବେ ଆକ୍ସନ ପାଇଁ ଚିନ୍ତା କରିବେ ରାଜ୍ୟ ସରକାର। ୮୦ ହଜାର ଅଯୋଗ୍ୟ ହିତାଧିକାରୀ ଫେରେଇଲେଣି ୧୨ ହଜାରରୁ ଅଧିକ କାର୍ଡ। ଏବେ ବି କାର୍ଡ ଫେରାଉଛନ୍ତି ଅଯୋଗ୍ୟ ହିତାଧିକାରୀ। ସେଥିରୁ ସାଢ଼େ ୪ ହଜାର ସରକାରୀ କର୍ମଚାରୀ କାର୍ଡ ଫେରାଇଛନ୍ତି। ପ୍ରତିଦିନ ୩ରୁ ୪ ହଜାର ଲୋକ କାର୍ଡ ଫେରାଉଛନ୍ତି। ୪ ଲକ୍ଷ ମୃତ ହିତାଧିକାରୀଙ୍କ କାର୍ଡ ବି କଟାଯାଇଛି। ଏଥିସହ ନିଜ ଆଡୁ କାର୍ଡ ଫେରାଇବାକୁ ପୁଣିଥରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅପିଲ୍ କରିଛନ୍ତି। ସରକାର ଏବେ କୌଣସି କାର୍ଯ୍ୟାନୁଷ୍ଠାନ ନେବେ ନାହିଁ। ଗତକାଲି ରାସନ୍ କାର୍ଡ ପାଇଁ ନିର୍ଦ୍ଦିଷ୍ଟ ପୋର୍ଟାଲ ଖୋଲିବା ପରେ ଦେଢ଼ ହଜାର ନୂଆ ଆବେଦନ ହୋଇଛି। ପୂର୍ବରୁ ୬ ଲକ୍ଷ ଆବେଦନକାରୀ ଅପେକ୍ଷାରେ ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର କାର୍ଡ ଦେବା ପ୍ରକ୍ରିୟା ଆରମ୍ଭ ହେବ। ଆୟକର ଫାଇଲ୍ କରିଥିବା ହିତାଧିକାରୀଙ୍କ ଫିଜିକାଲ ଭେରିଫିକେସନ କରାଯିବା ପରେ ସେମାନଙ୍କ ରାସନ୍ କାର୍ଡ କଟାଯିବ ବୋଲି ମନ୍ତ୍ରୀ କହିଛନ୍ତି।

---

## ପଦୋନ୍ନତିରେ ସଂରକ୍ଷଣ ପ୍ରସଙ୍ଗ

# ରାଜ୍ୟରେ ସୁପ୍ରିମକୋର୍ଟ ସର୍ତ୍ତାବଳୀ ଲାଗୁ

**ଭୁବନେଶ୍ୱର,୨।୩(ସଂଚାର ବ୍ୟୁରୋ):** ପଦୋନ୍ନତିରେ ସଂରକ୍ଷଣ କ୍ଷେତ୍ରରେ ସୁପ୍ରିମ୍‌କୋର୍ଟ ଜାରି କରିଥିବା ସର୍ତ୍ତାବଳୀକୁ ଏବେ ରାଜ୍ୟ ସରକାର ଲାଗୁ କରିଛନ୍ତି। ତଦନୁଯାୟୀ ଏଣିକି ପ୍ରତି ସେବା ବର୍ଗରେ ତଫସିଲଭୁକ୍ତ ଜାତି ଓ ଜନଜାତିର କର୍ମଚାରୀଙ୍କ ଆନୁପାତିକ ହାରରେ ସଂଖ୍ୟା ରହିଛି କି ନାହିଁ, ସେ ସଂକ୍ରାନ୍ତ ତଥ୍ୟ ସର୍ବେକ୍ଷଣ କରି ହସ୍ତଗତ ହେଲା ପରେ ଉକ୍ତ ସେବା ବର୍ଗରେ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ଆଇନ୍ ଲାଗୁ ହେବ କି ନାହିଁ, ତାହା ସ୍ଥିର କରାଯିବ।

ଗତ ୨୭ ତାରିଖରେ ରାଜ୍ୟ ଅନୁସୂଚିତ ଜାତି, ଜନଜାତି ବିକାଶ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀରେ ସ୍ପଷ୍ଟ ଭାବେ ଦର୍ଶାଯାଇଛି ଯେ ପୂର୍ବରୁ ସେହି ବିଭାଗର ୦୬/୦୦୫/୨୦୨୪ର ନିର୍ଦ୍ଦେଶନାମାରେ ଥିବା ସର୍ତ୍ତାବଳୀ ଏବେଠାରୁ କାର୍ଯ୍ୟକାରୀ ହେବ। ଏଥିରେ ସମସ୍ତ ସରକାରୀ ବିଭାଗ, ବିଭାଗୀୟ ମୁଖ୍ୟ ଦପ୍ତର, ରାଜସ୍ୱ ପାର୍ଷଦ ଓ ସମସ୍ତ ଜିଲ୍ଲାପାଳଙ୍କୁ ଏହା ତତ୍କାଳ ଲାଗୁ କରିବାକୁ କୁହାଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ଗତ ୨୦୨୨ ଏପ୍ରିଲ୍‌ରେ ଜାରି କରିଥିବା ନିର୍ଦ୍ଦେଶନାମା ପାଳନ ପାଇଁ ସ୍ପଷ୍ଟଭାବେ କୁହାଯାଇଛି।

**ସଂଗ୍ରହ ହେବ କ୍ୟାଡର୍‌ଭିତ୍ତିକ ତଥ୍ୟ**

ଏଥିରେ ସମ୍ପୃକ୍ତ ଅଧିକାରୀ ବା ବିଭାଗ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ନିୟମ ଲାଗୁ କରିବା ପୂର୍ବରୁ ସୁପ୍ରିମ୍‌କୋର୍ଟଙ୍କ ଜର୍ଣ୍ଣେଲ ସିଂହ ବନାମ ଏଲଏନ ଗୁପ୍ତା ମାମଲାରେ ୨୦୨୨ ଜାନୁୟାରୀର ଆଦେଶରେ ଥିବା ସର୍ତ୍ତାବଳୀ ପ୍ରତି ଧ୍ୟାନ ଦେବେ। ଉକ୍ତ ସର୍ତ୍ତାବଳୀ ଅନୁଯାୟୀ, ଯେଉଁ ସେବା ବର୍ଗରେ (କ୍ୟାଡର) ତଫସିଲଭୁକ୍ତ ଜାତି ଓ ଜନଜାତି ବର୍ଗର କର୍ମଚାରୀଙ୍କ ଆନୁପାତିକ ହାରରେ ଯୋଗଦାନ ନାହିଁ, ସେହି ସେବା ବର୍ଗରେ ପଦୋନ୍ନତି କାଳରେ ସଂରକ୍ଷଣ ନିୟମ ଲାଗୁ ହେବ। ସଂରକ୍ଷଣ ନିୟମ ଲାଗୁ କରିବା ପୂର୍ବରୁ ସମସ୍ତ ସେବା ବର୍ଗର ପୃଥକ ପୃଥକ ପରିସଂଖ୍ୟାନ ନିରୂପଣ କରିବାକୁ କୁହାଯାଇଛି ।

ସୂଚନାଯୋଗ୍ୟ ଯେ ସୁପ୍ରିମକୋର୍ଟ ଗତ ୨୦୦୬ରେ ଏମ୍ ନାଗରାଜ ବନାମ ଭାରତ ସରକାର ମାମଲାରେ ଏହି ସମାନ ଆଦେଶ ଦେଇଥିଲେ ହେଁ ରାଜ୍ୟ ସରକାର କୌଣସି ସର୍ବେକ୍ଷଣ ନ କରି ରାଜ୍ୟର ସମସ୍ତ ସେବା ବର୍ଗରେ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ନିୟମ ଲାଗୁ କରିଆସୁଥିଲେ। ଏହାକୁ କୌଣସି ବର୍ଗର କର୍ମଚାରୀ କେବେ ବି ବିରୋଧ କରିନଥିଲେ। କିନ୍ତୁ ଏବକାର ସରକାର ଏହାକୁ ଲାଗୁ କରି ସୁପ୍ରିମ୍‌କୋର୍ଟଙ୍କ ଆଦେଶକୁ ସମ୍ମାନ ଦେଇଛନ୍ତି। ଏପରି ପଦକ୍ଷେପ ପାଇଁ ବିଭିନ୍ନ ମହଲରେ ନୂଆ ସରକାରଙ୍କୁ ଧନ୍ୟବାଦ ଦିଆଯାଇଛି।

---

# ସମାଜ ପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି ପତଞ୍ଜଳି

**ଡେରାଡୁନ୍,୨।୩:** 'ପତଞ୍ଜଳି ରିସର୍ଚ୍ଚ ସେଣ୍ଟର' ପ୍ରତିଷ୍ଠା କରି ପତଞ୍ଜଳି ସମାଜ ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି । ଏହି ଗବେଷଣା ଓ ବିକାଶ କେନ୍ଦ୍ର ପତଞ୍ଜଳି ବିଶ୍ୱବିଦ୍ୟାଳୟକୁ ଶିକ୍ଷା ଓ ଗବେଷଣା ତଥା ଉଦ୍ଭାବନର କେନ୍ଦ୍ରରେ ପରିଣତ କରିବ । ପତଞ୍ଜଳି ବିଶ୍ୱବିଦ୍ୟାଳୟ ଆଗାମୀ ଦିନରେ ଚିକିତ୍ସା ଏବଂ ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ବିଶ୍ୱକୁ ସମାଧାନ ପ୍ରଦାନ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଆଜି ଦେବଭୂମି ଉତ୍ତରାଖଣ୍ଡରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ "ଅଭ୍ୟୁଦୟ"ରେ ଯୋଗଦେବା ଅବସରରେ କହିଛନ୍ତି, ପତଞ୍ଜଳି ବିଶ୍ୱବିଦ୍ୟାଳୟର ଏହି ଉତ୍ସବ ଭାରତର ଶାଶ୍ୱତ ଜ୍ଞାନ ପରମ୍ପରାର ଏକ ନୂତନ ଯୁଗର ଆରମ୍ଭର ପ୍ରତୀକ ।




ଋଷି ପତଞ୍ଜଳି ଯୋଗକୁ ବ୍ୟବସ୍ଥିତ କରି ମାନବତାକୁ ସମଗ୍ର କଲ୍ୟାଣର ମାର୍ଗ ଦେଖାଇଥିଲେ, ଯାହା ଆଜି ପତଞ୍ଜଳି ନାମରେ ଏକ ବଟବୃକ୍ଷର ରୂପ ନେଇଛି। ଯୋଗକୁ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ବାବା ରାମଦେବ ଅଭୂତପୂର୍ବ କାର୍ଯ୍ୟ କରିଛନ୍ତି । ଭାରତକୁ ପୁଣି ଥରେ ଜାଗ୍ରତ କରିବା ପାଇଁ ସେ କଠିନ ତପସ୍ୟା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଯୋଗକୁ ବିଶ୍ୱସ୍ତରୀୟ ମାନ୍ୟତା ଦେଇ ଭାରତୀୟ ଶିକ୍ଷା ବୋର୍ଡ ଗଠନ କରିଛନ୍ତି । ଭାରତୀୟ ଭାଷା ଓ ଶିକ୍ଷାକୁ ବିଭ୍ରାନ୍ତ କରିବାର ପ୍ରୟାସକୁ ପରିବର୍ତ୍ତନ କରିବା ପାଇଁ ଜାତୀୟ ଶିକ୍ଷା ନୀତି ଲାଗୁ କରିଛନ୍ତି ବୋଲି ସେ କହିଛନ୍ତି। ହରିଦ୍ୱାର ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍ତରାଖଣ୍ଡର ଶିକ୍ଷା, ସ୍ୱାସ୍ଥ୍ୟ ଓ ସହକାରିତା ମନ୍ତ୍ରୀ ଡା. ଧନ ସିଂହ ରାୱତଙ୍କୁ ସାକ୍ଷାତ କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ସହ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ଉତ୍ତରାଖଣ୍ଡର ଶିକ୍ଷା, ସ୍ୱାସ୍ଥ୍ୟ ଓ ସହକାରିତା ମନ୍ତ୍ରୀ ଡା. ରାୱତ, ଯୋଗଗୁରୁ ରାମ ଦେବ ଏବଂ ପତଞ୍ଜଳି ଆୟୁର୍ବେଦର ଏମଡି ଆଚାର୍ଯ୍ୟ ବାଲକୃଷ୍ଣ ପ୍ରମୁଖ ଯୋଗଦେଇଥିଲେ। ଏହି ଗସ୍ତକାଳରେ ଋଷିମାନଙ୍କ ଭୂମି ହରିଦ୍ୱାରରେ ଧର୍ମେନ୍ଦ୍ର ପ୍ରଧାନ ମା' ଗଙ୍ଗାଙ୍କ ପୂଜାର୍ଚ୍ଚନା ମଧ୍ୟ କରିଥିଲେ ।

---

# ସିପ୍ରାଙ୍କ ହାତ ଧରିଲେ ମାହାଙ୍ଗା ବିଧାୟକ

**ଭୁବନେଶ୍ୱର, ୨।୩(ସଂଚାର ବ୍ୟୁରୋ):** ରବିବାର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ। କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ବାରିମୂଳ ଗାଁର ସିପ୍ରା ପ୍ରିୟଦର୍ଶିନୀ (ମାମୁନି)ଙ୍କ ସହ ସାରଦାଙ୍କର ହାତଗଣ୍ଠି ପଡ଼ିଛି। ଉଭୟଙ୍କ ବାହାଘର ରାଜସ୍ଥାନ ଉଦୟପୁରରେ ବେଶ୍ ରାଜକୀୟ ଢଙ୍ଗରେ ସମ୍ପନ୍ନ ହୋଇଛି। ସେଥିପାଇଁ ଉଭୟ ବରକନ୍ୟା ପକ୍ଷରୁ ପ୍ରାୟ ୫୦ ଜଣ ବନ୍ଧୁ ଓ ନିକଟ ସମ୍ପର୍କୀୟ ଉଦୟପୁରରେ ପହଞ୍ଚିଥିଲେ। ସିପ୍ରା ପ୍ରିୟଦର୍ଶିନୀ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଜଅଁରା ବାରିମୂଳ ଗାଁର ରମେଶ ବଳଙ୍କ ଜ୍ୟେଷ୍ଠ କନ୍ୟା। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରି ନିଶ୍ଚିନ୍ତକୋଇଲି ବ୍ଲକରେ ସାମାଜିକ ସମ୍ପ୍ରସାରଣ ଅଧିକାରୀ ଭାବେ ସେ କାର୍ଯ୍ୟ କରୁଥିଲେ। ପରେ ୨୦୨୩ ଓଡ଼ିଶା ସିଭିଲ ସର୍ଭିସରେ କୃତକାର୍ଯ୍ୟ ହୋଇ ଏବେ ତାଲିମ ନେଉଛନ୍ତି। ତେବେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିବା ସାରଦା (୪୮) ଆଉ ବିବାହ କରିବେ ନାହିଁ ବୋଲି ମାହାଙ୍ଗାରେ ଆଲୋଚନା ହେଉଥିଲା। କିନ୍ତୁ ସେ ଆଜି ୨୭ ବର୍ଷୀୟା ସିପ୍ରାଙ୍କ ହାତ ଧରି ଏହି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।



---

# ମୁକ୍ତା ଯୋଜନା ଅର୍ଥ ଅଛି, କର୍ମଚାରୀ ନାହାନ୍ତି

**ଭୁବନେଶ୍ୱର,୨।୩ (ସଂଚାର ବ୍ୟୁରୋ):** ଯେଉଁ ଯୋଜନା ପାଇଁ ସରକାର ଟଙ୍କା ଯୋଗାଇ ଦେଉଛନ୍ତି ସେହି ଯୋଜନାକୁ କାର୍ଯ୍ୟକାରୀ ଲାଗି କର୍ମଚାରୀ ନାହାନ୍ତି । ଠିକାରେ ଥିବା ଏହି କର୍ମଚାରୀଙ୍କୁ ଛଟେଇ କରାଯାଇଥିବାବେଳେ ସେମାନଙ୍କ ପୁନଃନିଯୁକ୍ତି ଲାଗି ବି କୌଣସି ନିଷ୍ପତ୍ତି ନେଇପାରୁନାହାନ୍ତି।

ରାଜ୍ୟର ପୌରାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ମୁକ୍ତା ଯୋଜନାରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ସହରାଞ୍ଚଳରେ ଲୋକଙ୍କ ହାତକୁ କାମଧନ୍ଦା ଯୋଗାଇଦେବା ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଏଥିରେ ବର୍ଷାଜଳ ସଂରକ୍ଷଣ ଠାରୁ ଆରମ୍ଭକରି ଉଦ୍ୟାନ, ଖେଳପଡିଆ ଆଦିର ବିକାଶ କରାଯାଉଥିଲା। ଏଥିସହିତ ବିଭିନ୍ନ ପାର୍କର ବିକାଶ କରାଯାଇ ସେଠାରେ ଜିମ୍ ବ୍ୟବସ୍ଥା ହୋଇଥିଲା। ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ୧୧୯ ଜଣ ପ୍ରୋଗ୍ରାମ କୋଅର୍ଡିନେଟର, ୧୨୫ ଜଣ ଇମ୍ପ୍ଲିମେଣ୍ଟିଂ ଏଜେନ୍ସି ଓ ୧୧୬ ଜଣ ଆକାଉଣ୍ଟ ଏକ୍ସପର୍ଟ ନିଯୁକ୍ତ ହୋଇଥିଲେ। ଏହି କର୍ମଚାରୀମାନଙ୍କ ଚାକିରି ଗତ ବର୍ଷ ସେପ୍ଟେମ୍ବର ମାସରୁ ନାହିଁ। ଯେଉଁ ସଂସ୍ଥା ଜରିଆରେ ଏହି କର୍ମଚାରୀମାନେ ନିଯୁକ୍ତ ହୋଇଥିଲେ, ଉକ୍ତ ସଂସ୍ଥା ସହ ରାଜ୍ୟ ସରକାର ଚୁକ୍ତିନାମା ଶେଷ କରିଛନ୍ତି। ତେବେ ସେହି ସଂସ୍ଥାକୁ ପୁର୍ନବାର କାର୍ଯ୍ୟାଦେଶ ମିଳିବ ନାହିଁ ଏବଂ ଦୀର୍ଘଦିନ ଧରି ମୁକ୍ତା ଯୋଜନାରେ କାର୍ଯ୍ୟ କରିଥିବା ଯୁବକଯୁବତୀମାନେ ନିଯୁକ୍ତି ପାଇବେ କି ନାହିଁ ସେ ସଂକ୍ରାନ୍ତରେ ମଧ୍ୟ ସରକାର କୌଣସି ନିଷ୍ପତ୍ତି ନେଇପାରୁନାହାନ୍ତି। ଏହା ଫଳରେ ମୁକ୍ତା ଯୋଜନାରେ ନୂଆ କାର୍ଯ୍ୟ ହାତକୁ ନେବା ତ ଦୂରର କଥା, ପୁରୁଣା କାର୍ଯ୍ୟର ରକ୍ଷଣାବେକ୍ଷଣ ପାଇଁ ବି କେହିନାହାନ୍ତି। ଫଳରେ ମୁକ୍ତା ଯୋଜନାରେ ପୌରସଂସ୍ଥାରେ ଗଢ଼ିଉଠିଥିବା ବିଭିନ୍ନ ପ୍ରକଳ୍ପ ଭାଙ୍ଗିରୁଜିଗଲାଣି। ବର୍ଷାଜଳ ଅମଳ ପ୍ରକଳ୍ପ ମାଟିରେ ମିଶିଥିବା ବେଳେ ପାର୍କଗୁଡ଼ିକର ଅବସ୍ଥା ମଧ୍ୟ ଅନୁରୂପ। ଏଣେ ବର୍ଷ ବର୍ଷ ଧରି ସରକାରଙ୍କୁ ସେବା ଯୋଗାଇଥିବା ଯୁବକଯୁବତୀମାନେ ବେକାର ହୋଇ ବୁଲୁଛନ୍ତି। ଯେହେତୁ ମୁକ୍ତା ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେଉଛନ୍ତି, ତେଣୁ ନୂଆ ଏଜେନ୍ସି ଜରିଆରେ କର୍ମଚାରୀ ନିଯୁକ୍ତି ପାଇଁ ମତ ପ୍ରକାଶ ପାଉଛି। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ନୂଆ ସଂସ୍ଥା ଜରିଆରେ କାର୍ଯ୍ୟ କରିବା ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ଜାରି ହୋଇଥିବା ବେଳେ ଏହାର ଅବଧି ବଢ଼ି ବଢ଼ି ଚାଲିଛି। ପ୍ରଥମେ ଜାନୁୟାରୀ ୧୭ ତାରିଖରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଗତ ଫେବୃୟାରୀ ୧୦ ତାରିଖ ସୁଦ୍ଧା ଟେଣ୍ଡର ପକାଯିବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଏହାଛଡ଼ା ପରବର୍ତ୍ତୀ ସମୟରେ ଏହାକୁ ଆହୁରି ୩ ଥର ବୃଦ୍ଧି କରାଯାଇସାରିଛି। ତେବେ ଦିନ ଯେତେ ଗଡ଼ିବ, ମୁକ୍ତା ଯୋଜନାରେ ବିନିଯୋଗ ହୋଇଥିବା କୋଟି କୋଟି ଟଙ୍କା ପାଣିରେ ପଡ଼ିବ ବୋଲି ମତ ପ୍ରକାଶ ପାଉଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






# ବଢ଼ିଲା ସୁନା ଦର

ଦିନକୁ ଦିନ ନୂଆ ରେକର୍ଡ ଛୁଇଁ ଚାଲିଛି ସୁନା ଦର। କିନ୍ତୁ ଆଜି ସୁନା ମୂଲ୍ୟରେ କିଛି ପରିବର୍ତ୍ତନ ଆସିଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୬ ହଜାର ୬୨୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୭୯, ୪୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୭୯ ହଜାର ୪୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୬ ହଜାର ୬୨୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୯,୪୦୦ ଟଙ୍କା ଓ ୮୬,୬୨୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୯, ୫୫୦ ଟଙ୍କା ଓ ୮୬, ୭୭୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୯,୪୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୬, ୬୨୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୯,୪୦୯ ଓ ୮୬,୬୨୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୭,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ ଦର

ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।

# ଖୁବ୍‌ଶୀଘ୍ର ଜିଓର ଷ୍ଟାଇଲିସ୍ ଇ-ସାଇକେଲ୍

**ନୂଆଦିଲ୍ଲୀ, ୨।୩:** ଭାରତର ସର୍ବବୃହତ ଟେଲିକମ୍ କମ୍ପାନୀ ହେଉଛି ରିଲାଏନ୍ସ ଜିଓ। ବର୍ତ୍ତମାନ ଏହି ରିଲାଏନ୍ସ ଜିଓ ର ଏକ ଇଲେକ୍ଟ୍ରିକ୍ ସାଇକେଲ୍ (ଇଭି) ମାର୍କେଟରେ ଦମଦାର୍ ଏଣ୍ଟ୍ରି କରିବାକୁ ଯାଉଛି। ଜିଓ ନିକଟରେ ଇଲେକ୍ଟ୍ରିକ୍ ସାଇକେଲର ଏକ ମଡେଲ୍ ଉପସ୍ଥାପନ କରିଛି। ଯାହା ଗୋଟିଏ ଥର ଚାର୍ଜିଂରେ ୮୦ ରୁ ୧୦୦ କିଲୋମିଟର ଦୂରତା ଅତିକ୍ରମ କରିପାରିବ। ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ଏବଂ ପରିବେଶକୁ ଧ୍ୟାନରେ ରଖି ଡିଜାଇନ୍ କରାଯାଇଥିବା ଏହି ଇଲୋକ୍ଟ୍ରିକ୍ ସାଇକେଲ୍ ଖୁବ୍ ଶୀଘ୍ର ଲଞ୍ଚ ହେବ। କମ୍ପାନୀ ଅନୁଯାୟୀ, ଏହି ଜିଓ ସାଇକେଲଟି ସ୍ପୋର୍ଟି ଏବଂ ଷ୍ଟାଇଲିସ୍। ଏଥି ସହ ଏହାକୁ ପୁରୁଷମାନଙ୍କ ସହିତ ମହିଳାମାନେ ମଧ ଖୁବ୍ ସହଜରେ ଚଲାଇପାରିବେ। ଷ୍ଟାଇଲିସ୍ ଏଲଇଡି ଲାଇଟ୍, ଡିଜିଟାଲ୍ ଡିସପ୍ଲେ ଏବଂ ଡାଇମଣ୍ଡ ଫ୍ରେମ୍ ଏହାକୁ ଜବରଦସ୍ତ ଲୁକ୍ ଦେଇଥାଏ। ଏହି ଇଲେକ୍ଟ୍ରିକ୍ ସାଇକେଲରେ ଏକ ଲିଥିୟମ-ଆଇରନ୍ ବ୍ୟାଟେରୀ ଲଗାଯାଇଛି। ଏହା ସହ ଏହି ଇଲେକ୍ଟ୍ରିକ୍ ସାଇକେଲ୍ ହାଲୁକା ଏବଂ ବହୁତ ସମୟ ପର୍ଯ୍ୟନ୍ତ ଧରି ଚାଲିଥାଏ।

**ବ୍ୟାଟେରୀ ଏବଂ ରେଞ୍ଜ:** ଜିଓ ଇଲେକ୍ଟ୍ରିକ୍ ସାଇକେଲରେ ହାଇ କାପାସିଟ୍ ଲିଥିୟମ-ଆୟନ ବ୍ୟାଟେରୀ ଲାଗିଛି, ଯାହା ଥରେ ଫିଲ୍ ଚାର୍ଜ ହେବା ପରେ ୮୦ ରୁ ୧୦୦ କିଲୋମିଟର ଦୂରତା ଅତିକ୍ରମ କରିପାରିବ।




**ଡିଜାଇନ୍:** ସ୍ପୋର୍ଟି ଏବଂ ଷ୍ଟାଇଲିସ୍ ଡିଜାଇନ୍ ସହିତ ଏହି ସାଇକେଲ୍ ମଜବୁତ୍ ଫ୍ରେମ୍ ଏବଂ ଆରାମଦାୟକ ସିଟ୍ ସହିତ ଲେସ୍ ହୋଇଛି। ଏଥିରେ ଷ୍ଟାଇଲିସ୍ ଏଲଇଡି ଲାଇଟ୍ ଏବଂ ଡିଜିଟାଲ୍ ଡିସପ୍ଲେ ମଧ ସାମିଲ୍ ଅଛି, ଯାହା ଏହାକୁ ଆହୁରି ଆକର୍ଷଣ କରିଥାଏ।

**ସ୍ମାର୍ଟ ଫିଚର୍ସ:** ଜିପିଏସ ଟ୍ରାକିଂ, ସ୍ମାର୍ଟ କନେକ୍ଟିଭିଟି, ରିଭର୍ସ ମୋଡ୍ ଏବଂ ୱାଟରପ୍ରୁଫ୍ ଡିଜାଇନ୍ ଭଳି ମର୍ଡନ ଫିଚର୍ସ ଲଗାଯାଇଛି। ଯାହା ୟୁଜର୍ସଙ୍କୁ ଏକ୍ସପେରିୟନ୍ସକୁ ଉନ୍ନତ କରିଥାଏ।

**ଚାର୍ଜିଂ ଟାଇମ୍:** ଫାଷ୍ଟ ଚାର୍ଜିଂ ଟେକ୍ନୋଲୋଜି ସହିତ ଲେସ୍ ଇଲେକ୍ଟ୍ରିକ୍ ସାଇକେଲ୍ ର ବ୍ୟାଟେରୀ ୩ ଘଣ୍ଟାରେ ଫୁଲ୍ ଚାର୍ଜ ହୋଇଯାଏ। ଏଥିରେ ଦୂର ସ୍ଥାନ ଯାତ୍ରା କରିବା ସହଜ ହୋଇଥାଏ।

**ସେଫ୍ଟି:** ଏଥି ସହ ଏଥିରେ ଏଲଇଡି ହେଡଲାଇଟ୍ସ, ବ୍ରେକ୍ ଲାଇଟ୍ସ ଏବଂ ରିୟର ଭ୍ୟୁ ମିରର ଭଳି ସେଫ୍ଟି ଫିଚର୍ସ ରହିବ, ଯାହା ରାତିରେ ଭିଡ଼ ରାସ୍ତାରେ ସୁରକ୍ଷିତ ଯାତ୍ରାରେ ସହାୟକ ହେବ।

**ପ୍ରାଇସ୍:** ଜିଓ ଇଲେକ୍ଟ୍ରିକ୍ ସାଇକେଲ୨୫,୦୦୦ ଟଙ୍କାରୁ ୩୫,୦୦୦ ଟଙ୍କା ମଧ୍ୟରେ ଉପଲବ୍ଧ ହୋଇପାରେ। ଏହି ସବୁ କାରଣରୁ ଏହା ବଜେଟ୍ ଫ୍ରେଣ୍ଡଲି।

ଜିଓ ର ଏହି ଇଲେକ୍ଟ୍ରିକ୍ ସାଇକେଲ୍ ହାଇଟେକ୍ ଏବଂ ଷ୍ଟାଇଲିସ୍ ରହିଛି। ଏହାକୁ ପରିବେଶ ସହିତ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ଏବଂ ବଜେଟକୁ ଧ୍ୟାନରେ ରଖି ଡିଜାଇନ୍ କରାଯାଇଛି। ଜିଓ କହିଛି ଯେ ଏହା ସହରର ଯୁବପିଢ଼ିଙ୍କ ପାଇଁ ବହୁତ ସୁବିଧାଜନକ ହେବ। ଏଥି ସହ ଏହା ଗ୍ରାମାଞ୍ଚଳ ପାଇଁ ମଧ ବେଷ୍ଟ ଅପ୍ସନ ହୋଇପାରେ।

# ମୁମ୍ବାଇରେ ଟେସ୍‌ଲା ଖୋଲିବ ପ୍ରଥମ ଶୋ’ରୁମ୍

**ମୁମ୍ବାଇ, ୨।୩:** ଆମେରିକାର ବିଦ୍ୟୁତ ଯାନ ନିର୍ମାତା ଟେସ୍‌ଲା ଭାରତରେ ଏହାର ପ୍ରଥମ ସୋରୁମ୍ ମୁମ୍ବାଇର ବ୍ୟୟବହୁଳ ସ୍ଥାନ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ (ବିକେସି)ରେ ଖୋଲିବ। ବିକେସିର ବାଣିଜ୍ୟିକ ଟାୱାରର ତଳ ମହଲାରେ ୪୦୦୦ ବର୍ଗଫୁଟରେ ଏହି ସୋରୁମ୍ ହେବ। ଏଠାରେ ବର୍ଗଫୁଟ୍ ପିଛା ମାସିକ ୯୦୦ ଟଙ୍କା ଭଡ଼ା ଆଦାୟ କରାଯାଇଥାଏ। ତେଣୁ କମ୍ପାନି ମାସିକ ୩୫ ଲକ୍ଷ ଟଙ୍କା ଭଡ଼ା ବାବଦରେ ଗଣିବ ବୋଲି ଅନୁମାନ କରାଯାଉଛି। ୫ ବର୍ଷ ପାଇଁ କମ୍ପାନି ଭଡ଼ା ରାଜିନାମା କରିଛି ବୋଲି ଜଣାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ପରେ ଟେସ୍‌ଲା ଭାରତରେ ସୋରୁମ୍ ଖୋଲିବାକୁ ଯାଉଛି।




ଆମେରିକା ଗସ୍ତ ଅବସରରେ ମୋଦୀ ଟେସ୍‌ଲା ମୁଖ୍ୟ ମସ୍କଙ୍କୁ ମଧ ଭେଟିଥିଲେ। ମୁମ୍ବାଇ ପରେ ଦିଲ୍ଲୀର ଏରୋସିଟି କମ୍ପ୍ଲେକ୍ସରେ କମ୍ପାନି ଦ୍ୱିତୀୟ ସୋରୁମ୍ ଖୋଲିବା ଯୋଜନା ରଖିଛି। ଫଳରେ ଆଗାମୀ କିଛିଦିନ ମଧ୍ୟରେ ଭାରତରେ ଟେସ୍‌ଲା କାର୍ ବିକ୍ରି ହେବ ବୋଲି ଆଶା କରାଯାଉଛି। ଆମଦାନୀ ହେଉଥିବା ଗାଡ଼ି ଉପରେ ଭାରତ ୧୧୦ ପ୍ରତିଶତ ଶୁଳ୍କ ଲାଗୁ କରୁଛି। ଏ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ଆପତ୍ତି ଉଠାଇଛନ୍ତି। ଉଚ୍ଚ ଶୁଳ୍କକୁ ଏଡ଼ାଇବା ପାଇଁ ଟେସ୍‌ଲା ଭାରତରେ କାରଖାନା ସ୍ଥାପନ କରିବା ଆମେରିକା ପାଇଁ ଅନ୍ୟାୟ ବୋଲି ଟ୍ରମ୍ପ୍ କହିଥିଲେ। ଏଥିସହିତ ତାଙ୍କ ଦେଶ ଉପରେ ଯେଉଁ ଦେଶ ଯେତିକି ଟିକସ ଲଗାଉଛି ସେସବୁ ଦେଶ ଉପରେ ସମାନ ମାତ୍ରାର ପାଲଟା ଶୁଳ୍କ ଲଗାଇବା ନେଇ ମଧ ପ୍ରଶାସନକୁ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି।

# ଫେବ୍ରୁଆରୀ ଜିଏସ୍‌ଟି ରାଶି: ଓଡ଼ିଶା ଆଦାୟ କଲା ୫୩୪୪ କୋଟି

**ନୂଆଦିଲ୍ଲୀ, ୨।୩:** ଫେବ୍ରୁଆରି ମାସରେ ଦେଶରେ ଜିଏସ୍‌ଟି ଆଦାୟ ରାଶି ୨୦୨୪ ଫେବ୍ରୁଆରି ତୁଳନାରେ ୯.୧ ପ୍ରତିଶତ ବୃଦ୍ଧି ଘଟି ୧.୮୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଫେବ୍ରୁଆରି ମାସରେ କେନ୍ଦ୍ରୀୟ ଜିଏସ୍‌ଟି ବାବଦରେ ୩୫,୨୦୪ କୋଟି ଟଙ୍କା, ରାଜ୍ୟ ଜିଏସ୍‌ଟି ବାବଦରେ ୪୩,୭୦୪ କୋଟି ଟଙ୍କା ଏବଂ ସମନ୍ୱିତ ଜିଏସ୍‌ଟି ବାବଦରେ ୯୦,୮୭୦ କୋଟି ଏବଂ କ୍ଷତିପୂରଣ ସେସ୍ ବାବଦରେ ୧୩,୮୬୮ କୋଟି ଟଙ୍କା ଆଦାୟ ହୋଇଛି। ସାମଗ୍ରୀ ଆମଦାନୀ ଜନିତ ଜିଏସ୍‌ଟିକୁ ବାଦଦେଲେ ଦେଶରେ ଫେବ୍ରୁଆରି ମାସରେ ମୋଟ ଜିଏସ୍‌ଟି ଆଦାୟ ରାଶି ୧,୪୧,୯୪୫ କୋଟି ଟଙ୍କା ରହିଛି। ଯାହାକି ୨୦୨୪ ଫେବ୍ରୁଆରି ତୁଳନାରେ ୧୦ ପ୍ରତିଶତ ଅଧିକ। ଚଳିତବର୍ଷ ଫେବ୍ରୁଆରିରେ ଓଡ଼ିଶା ଏ ବାବଦରେ ମୋଟ ୫୩୪୪ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରିଛି। ୨୦୨୪ ଫେବ୍ରୁଆରିରେ ଏହି ରାଶି ୫୧୩୬ କୋଟି ଟଙ୍କା ରହିଥିଲା।



ଅର୍ଥାତ୍ ୨୦୨୫ ଫେବ୍ରୁଆରିରେ ରାଜ୍ୟରେ ଜିଏସ୍‌ଟି ଆଦାୟରେ ୪ ପ୍ରତିଶତ ବୃଦ୍ଧି ଘଟିଥିବା ଜଣାଯାଇଛି। ଦେଶରେ ରିଫଣ୍ଡ ଆକାରରେ ଗତ ଫେବ୍ରୁଆରି ମାସରେ ୨୯,୮୯୯ କୋଟି ଟଙ୍କା ପ୍ରଦାନ କରାଯାଇଛି, ଯାହାକି ୨୦୨୪ର ଫେବ୍ରୁଆରି ମାସ ତୁଳନାରେ ୧୭.୩ ପ୍ରତିଶତ ଅଧିକ। ନିଟ୍ ଜିଏସ୍‌ଟି ଆଦାୟ ରାଶି ଫେବ୍ରୁଆରି ମାସରେ ଦେଶରେ ୮.୧ ପ୍ରତିଶତ ବୃଦ୍ଧି ଘଟି ପ୍ରାୟ ୧.୬୩ ଲକ୍ଷ କୋଟି ରହିଛି। ୨୦୨୪ ଫେବ୍ରୁଆରିରେ ମୋଟ ଏବଂ ନିଟ୍ ଜିଏସ୍‌ଟି ଆଦାୟ ରାଶି ଦେଶରେ ଯଥାକ୍ରମେ ୧.୬୮ ଲକ୍ଷ କୋଟି ଏବଂ ୧.୫୦ ଲକ୍ଷ କୋଟି ରହିଥିଲା। ୨୦୨୫ ଜାନୁଆରିରେ ଜିଏସ୍‌ଟି ଆଦାୟ ରାଶି ୧.୯୬ ଲକ୍ଷ କୋଟି ଟଙ୍କା ରହିଥିଲା ଯାହାକି ୨୦୨୪ ଜାନୁଆରି ତୁଳନାରେ ୧୨.୩ ପ୍ରତିଶତ ଅଧିକ। ଏହା ପୂର୍ବରୁ ଡିସେମ୍ବରରେ ଜିଏସ୍‌ଟି ଆଦାୟ ରାଶିରେ ୭.୩ ପ୍ରତିଶତ ବୃଦ୍ଧି ଘଟି ୧.୭୭ ଲକ୍ଷ କୋଟି ଟଙ୍କା ରହିଥିଲା। ଜାନୁଆରିରେ କେନ୍ଦ୍ରୀୟ ଜିଏସ୍‌ଟି ବାବଦରେ ୩୬,୧୦୦ କୋଟି, ରାଜ୍ୟ ଜିଏସ୍‌ଟି ବାବଦରେ ୪୪,୯୦୦ କୋଟି, ସମନ୍ୱିତ ଜିଏସ୍‌ଟି ବାବଦରେ ୧.୦୧ ଲକ୍ଷ କୋଟି ଏବଂ ସେସ୍ ବାବଦରେ ୧୩,୪୦୦ କୋଟି ଆଦାୟ ହୋଇଥିଲା।

# ଫେବୃୟାରୀରେ ମାରୁତି ସୁଜୁକି ଇକୋର ଉତ୍ସାହଜନକ ବିକ୍ରି



**ନୂଆଦିଲ୍ଲୀ, ୨।୩:** ଦେଶର ବୃହତ୍ତମ କାର ନିର୍ମାତା ମାରୁତି ସୁଜୁକି ଫେବୃଆରୀ ମାସ ପାଇଁ ଏହାର ବିକ୍ରୟ ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟ ଅନୁଯାୟୀ, ମାରୁତି ସୁଜୁକି ଇକୋର ଏଥର ବହୁତ ଭଲ ବିକ୍ରି ହୋଇଛି। ଗତ ମାସରେ, ୧୧,୪୯୩ ୟୁନିଟ୍ ଇକୋ ବିକ୍ରି ହୋଇଥିଲାବେଳେ ଚଳିତ ବର୍ଷ ଜାନୁଆରୀରେ କମ୍ପାନୀ ଏହି କାରର ୧୧,୨୫୦ ୟୁନିଟ୍ ବିକ୍ରି କରିଥିଲା। ବର୍ଷର ଦ୍ୱିତୀୟ ମାସରେ ଇକୋ ବିକ୍ରିରେ ସାମାନ୍ୟ ବୃଦ୍ଧି ଘଟିଛି। ଇକୋର ଏକ୍ସ-ସୋରୁମ୍ ମୂଲ୍ୟ ୫.୪୪ ଲକ୍ଷରୁ ଆରମ୍ଭ ହେଉଥିବାବେଳେ ଏହି କାରରେ ୫ ଏବଂ ୭ ସିଟ୍ ବିକଳ୍ପ ଉପଲବ୍ଧ। ଏହା ପେଟ୍ରୋଲ ସହିତ ସିଏନଜି ବିକଳ୍ପରେ ମଧ୍ୟ ଆସିଥାଏ। ଉଲ୍ଲେଖ ଥାଉ କି ମାରୁତି ଇକୋରେ ୧.୨ ଲିଟର ପେଟ୍ରୋଲ ଇଞ୍ଜିନ ଅଛି ଯାହା ୮୧ ପିଏସ ପାୱାର ଏବଂ ୧୦୪ ଏନଏମ ଟର୍କ ଜେନେରେଟ୍ କରେ। ଏହି ଇଞ୍ଜିନଟି କେବଳ ୫-ସ୍ପିଡ୍ ମାନୁଆଲ୍ ଗିଅରବକ୍ସ ସହିତ ଆସିଥାଏ, ଯଦି ଆପଣ ଏକ ସ୍ୱୟଂଚାଳିତ ଗିଅରବକ୍ସ ଆଶା କରୁଛନ୍ତି ତେବେ ଆପଣ ନିରାଶ ହେବେ। ଏହି କାରକୁ ଅଧିକ ମିତବ୍ୟୟୀ କରିବା ପାଇଁ, ସିଏନଜିର ବିକଳ୍ପ ମଧ୍ୟ ଦିଆଯାଇଛି। ମାଇଲେଜ୍ ବିଷୟରେ କହିବାକୁ ଗଲେ, ଇକୋ ପେଟ୍ରୋଲ ମୋଡ୍‌ରେ ୨୦ କିଲୋମିଟର ପ୍ରତି ଲିଟର ମାଇଲେଜ୍ ପ୍ରଦାନ କରୁଥିବା ବେଳେ ସିଏନଜି ମୋଡ୍‌ରେ ଏହା ୨୭ କିଲୋମିଟର ପ୍ରତି ଲିଟର ମାଇଲେଜ୍ ପ୍ରଦାନ କରେ। ସୁରକ୍ଷା ପାଇଁ, ମାରୁତି ଇକୋରେ ଡୁଆଲ୍ ଏୟାରବ୍ୟାଗ୍, ଇବିଡ଼ି ସହିତ ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ୍ ଭଳି ବୈଶିଷ୍ଟ୍ୟ ରହିଛି।

## ରାଜ୍ୟଙ୍କୁ ଲାଗିବ ଝଟ୍‌କା

# ଟିକସ ହସ୍ତାନ୍ତର ହାର ୪୦%କୁ କମାଇବେ ପାନାଗାରିଆ



**ନୂଆଦିଲ୍ଲୀ, ୨।୩:** ଡ. ଅରବିନ୍ଦ ପାନାଗାରିଆଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଥିବା ଷୋଡ଼ଶ ଅର୍ଥ ଆୟୋଗ ରାଜ୍ୟଗୁଡ଼ିକୁ ବଡ଼ ଝଟ୍‌କା ଦେବାକୁ ଯାଉଛନ୍ତି। ମିଳିଥିବା ସୂଚନା ଅନୁସାରେ କେନ୍ଦ୍ରୀୟ ଟିକସରେ ରାଜ୍ୟଗୁଡ଼ିକର ଭାଗ ବାବଦ ଦିଆଯାଉଥିବା ରାଶିକୁ ଆୟୋଗ କମ୍ କରିବାକୁ ସୁପାରିସ୍ କରିବେ। ରାଜ୍ୟଗୁଡ଼ିକ ଅଧିକ ପାଣ୍ଠି ପାଇବାକୁ ଆଶା ରଖିଥିବା ବେଳେ ସେମାନଙ୍କୁ ଟିକସରେ କମ୍ ଭାଗ ଦେବାକୁ ଉଦ୍ୟମ ଆରମ୍ଭ ହୋଇଛି। ସେଭଳି କିଛି ହେଲେ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ରହିଛି। ନିୟମ ଅନୁସାରେ କେନ୍ଦ୍ର ସରକାର ସଂଗ୍ରହ କରୁଥିବା ଟିକସରୁ ରାଜ୍ୟଗୁଡ଼ିକୁ ସେମାନଙ୍କ ଭାଗ ଦେବା ଲାଗି ଏକ ଡିଭିଜିବଲ୍ ପୁଲ୍ ରହିଛି। ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିସ୍ କ୍ରମେ ସେହି ପାଣ୍ଠିର ୪୧ ପ୍ରତିଶତ ରାଶି ଏବେ ରାଜ୍ୟମାନଙ୍କୁ ଦିଆଯାଉଛି। ଅବଶିଷ୍ଟ ରାଶି କେନ୍ଦ୍ର ପାଖରେ ରହୁଛି। ଷୋଡ଼ଶ ଅର୍ଥ ଆୟୋଗଙ୍କ ଟିମ୍ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ପହଞ୍ଚି ଆଲୋଚନା କରିବା ବେଳେ ଟିକସ ହସ୍ତାନ୍ତର ହାର ୫୦ ପ୍ରତିଶତକୁ ବଢ଼ାଇବା ଲାଗି ବହୁ ରାଜ୍ୟ ଦାବି କରିଥିଲେ। ତେଣୁ ଏଥର ରାଜ୍ୟଗୁଡ଼ିକୁ ଅଧିକ ପାଣ୍ଠି ମିଳିବ ବୋଲି ଆଶା କରାଯାଉଥିଲା। ଷୋଡ଼ଶ ଅର୍ଥ ଆୟୋଗଙ୍କ ସୁପାରିସ୍ ୨୦୨୬ ଏପ୍ରିଲ୍‌ରୁ ଲାଗୁ ହେବ। ଯଦି ଟିକସ ହସ୍ତାନ୍ତର ହାର ୪୦%କୁ ହ୍ରାସ କରାଯିବ, ତେବେ କେନ୍ଦ୍ର ପାଖରେ ଅଧିକ ୩୫୦୦ କୋଟି ଟଙ୍କା ରହିବ। ଅତଏବ, ସେହି ରାଶି ରାଜ୍ୟମାନେ ହରାଇବେ। ୧୯୮୦ରେ ରାଜ୍ୟମାନଙ୍କୁ ହସ୍ତାନ୍ତର କରାଯାଉଥିବା ହାର ୨୦ ପ୍ରତିଶତ ଥିଲା, ଯାହା ବିଭିନ୍ନ ପର୍ଯ୍ୟାୟରେ ବୃଦ୍ଧି ପାଇ ୪୧ ପ୍ରତିଶତରେ ଆସିପହଞ୍ଚିଛି। ଦେଶର ଅର୍ଥନୀତି ମନ୍ଥର ଗତିରେ ଆଗକୁ ବଢ଼ୁଥିବାରୁ ତାହା ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ରକୁ ଅଧିକ ପାଣ୍ଠି ଦରକାର ହେଉଛି। ସେଥିପାଇଁ ରାଜ୍ୟମାନଙ୍କୁ ଟିକସରେ ଦିଆଯାଉଥିବା ଭାଗ କମ୍ କରିବାକୁ ସରକାର ଚାହୁଁଛନ୍ତି। ଏ ସଂକ୍ରାନ୍ତୀୟ ଏକ ପ୍ରସ୍ତାବ ମାର୍ଚ୍ଚ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା କ୍ୟାବିନେଟ୍ କମିଟିରେ ଉପସ୍ଥାପନ କରାଯିବ। ଏହାପରେ ତାହାକୁ ଅର୍ଥ ଆୟୋଗଙ୍କ ନିକଟକୁ ପଠାଯିବ। ଦେଶରେ ଜିଏସ୍‌ଟି ଲାଗୁ ହେବା ଏବଂ କେନ୍ଦ୍ର ସରକାର ବିଭିନ୍ନ ପ୍ରକାର ସେସ୍ ଓ ସର୍‌ଚାର୍ଜ ଲଗାଇ ଟିକସ ସଂଗ୍ରହ କରୁଥିବାରୁ ରାଜ୍ୟଗୁଡ଼ିକର ଟିକସ ସଂଗ୍ରହ କ୍ଷମତା ସଙ୍କୁଚିତ ହୋଇଛି। ଏଭଳି ସମୟରେ ରାଜ୍ୟଗୁଡ଼ିକୁ କମ୍ ଟିକସ ଦେବା ପାଇଁ ହେଉଥିବା ମସୁଧା ରାଜ୍ୟ ସ୍ତରରେ ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ଗୁରୁତର ପ୍ରଭାବିତ ହେବ। ସଂଘୀୟ ବ୍ୟବସ୍ଥା ପ୍ରତି ମଧ ତାହା ଶକ୍ତ ଧକ୍କା ହେବ। ରାଜନୈତିକ ସମୀକରଣକୁ ମଧ ଏହି ନିଷ୍ପତ୍ତି ପ୍ରଭାବିତ କରିବ। କାରଣ ବିଭିନ୍ନ ରାଜ୍ୟରେ ସରକାର ଗଠନ କରିଥିବା ଆଞ୍ଚଳିକ ଦଳଗୁଡ଼ିକ ଭୋଟରଙ୍କୁ ଖୁସି କରିବା ପାଇଁ ଲୋଭନୀୟ ଯୋଜନା ପ୍ରସ୍ତୁତ କରିବାର ଯେଉଁ ସ୍ୱାଧୀନତା ପାଇଛନ୍ତି, ତାହା ହରାଇବେ। ସେଥିପାଇଁ ପାଣ୍ଠି ଦରକାର ହେବ। ବେତନ ଓ ଦରମା ଭଳି ରାଜସ୍ୱ ବ୍ୟୟ ଏବଂ ସ୍ଥାୟୀ ଭିତ୍ତିଭୂମି ଗଠନ ଲାଗି ପୁଞ୍ଜି ବ୍ୟୟ କରିବା ପରେ ସେମାନଙ୍କ ପାଖରେ ନିଜ ଯୋଜନା ଲାଗି ଅଧିକ ଟଙ୍କା ରହିବ ନାହିଁ। ବିଭିନ୍ନ କାର୍ଯ୍ୟ ଲାଗି ରାଜ୍ୟଗୁଡ଼ିକୁ କେନ୍ଦ୍ର ଦେଉଥିବା ପାଣ୍ଠିକୁ ଚାହିରହିବାକୁ

# ବନ୍ଦରଭିତ୍ତିକ ଅଭିବୃଦ୍ଧିର ବଡ଼ ସମ୍ଭାବନା

## ପୂର୍ବ ଏସିଆ-ପାସିଫିକକୁ ଦ୍ୱାର ହେବ ଓଡ଼ିଶା

**ଭୁବନେଶ୍ୱର, ୨।୩:** ଏବେ ରାଜ୍ୟର ବନ୍ଦର କ୍ଷେତ୍ରକୁ ବିକଶିତ କରିବା ଲାଗି ରାଜ୍ୟ ସରକାର ନୂଆ ରୋଡ୍‌ମ୍ୟାପ୍ ଉପରେ କାର୍ଯ୍ୟ କରୁଛନ୍ତି। ଏଥର ରାଜ୍ୟ ବଜେଟରେ ବନ୍ଦର ବିକାଶ ଲାଗି ୭୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଭଳି ସ୍ଥିତିରେ ନୌପରିବହନ କ୍ଷେତ୍ରରେ ପୂର୍ବ ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଲାଗି ରାଜ୍ୟ ଦ୍ୱାରା ପାଲଟିବାର ଢ଼େର ସମ୍ଭାବନା ରଖୁଛି। ଯାହା ବନ୍ଦର ଭିତ୍ତିକ ବିକାଶ କ୍ଷେତ୍ରରେ ରାଜ୍ୟ ଲାଗି ନୂଆ ସୁଯୋଗ ଆଣିବ ଆଣିବ ବୋଲି ଆଶା କରାଯାଉଛି। ରାଜ୍ୟର ଇଞ୍ଚୁଡ଼ି ଏବଂ ବାହୁଦାରେ ନୂଆ ବନ୍ଦର ଆସିବାକୁ ଯାଉଛି। ପାରାଦୀପ, ଧାମରା ଏବଂ ଗୋପାଳପୁର ବନ୍ଦରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିଛି। ସୁବର୍ଣ୍ଣରେଖା ବନ୍ଦର ମଧ ଏକ ପ୍ରମୁଖ ବନ୍ଦର ଭାବେ ଉଭା ହେଉଛି। ଏହାକୁ ଦେଖିଲେ ଏହି ବନ୍ଦରଗୁଡ଼ିକ ରାଜ୍ୟର ରପ୍ତାନି ଏବଂ ଆମଦାନିର ଏକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆକଳନ କରାଯାଇଛି। ଓଡ଼ିଶାର ବନ୍ଦରଗୁଡ଼ିକରୁ ଚୀନ, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ, ଦକ୍ଷିଣକୋରିଆ ଏବଂ ଜାପାନ ଭଳି ଦେଶଗୁଡ଼ିକ ସହ କାରବାରକୁ ଆହୁରି ଦୃଢ଼ୀକରଣ ଲକ୍ଷ୍ୟ ରଖାଯାଇଛି। ଇଣ୍ଟରନ୍ୟାସ୍‌ନାଲ ଟ୍ରେଡ୍ ସେଣ୍ଟର ଡାଟା ମୁତାବକ, ୨୦୨୩-୨୪ରେ ପୂର୍ବ, ଦକ୍ଷିଣ ଏସିଆ ଏବଂ ପାସିଫିକ ଅଞ୍ଚଳ ସହ ଦେଶର ମୋଟ କାରବାର ୩୩୬ ବିଲିୟନ ଡଲାର ରହିଛି। ଏହା ମଧ୍ୟରେ ରପ୍ତାନି ୧୦୮.୩ ବିଲିୟନ ଡଲାର ଏବଂ ଆମଦାନି ୨୫୪.୬ ବିଲିୟନ ଡଲାର। ଏହି ସମୟରେ ଓଡ଼ିଶାର ମର୍ଚ୍ଚାଣ୍ଡାଇଜ ରପ୍ତାନି ୧୨ ବିଲିୟନ ଡଲାର ରହିଛି। ଚୀନ ସହ ଦେଶ ୧୩୮ ବିଲିୟନ ଡଲାରର କାରବାର କରିଥିବା ବେଳେ ଇଣ୍ଡୋନେସିଆ ୩୧ ବିଲିୟନ ଡଲାର, ଅଷ୍ଟ୍ରେଲିଆ ୨୬.୩ , ଜାପାନ ୨୩.୮ ଏବଂ ଦକ୍ଷିଣ କୋରିଆ ୨୫.୯ ବିଲିୟନ ଡଲାରର କାରବାର ଭାରତ ସହ କରୁଛି। ଏହି ସବୁ ଦେଶ ଗୁଡ଼ିକ ସହ ବିବିଧ ବର୍ଗର ସାମଗ୍ରୀ ରପ୍ତାନି ଆମଦାନି ହେଉଥିବା ବେଳେ ରାଜ୍ୟର ବନ୍ଦର ଗୁଡିକ ଲାଗି ଏହା ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଉଛି।




ରାଜ୍ୟର ପାରାଦୀପ ବନ୍ଦରରୁ ପାମ ଅଏଲ ଏବଂ ଫ୍ରାକ୍ସନ, ଲୌହ, ଇସ୍ପାତ, ଷ୍ଟେନ୍‌ଲେସ ଇସ୍ପାତ, ଆଲୁମିନିୟମ ଅକ୍ସାଇଡ, ହାଇଡ୍ରୋକ୍ସାଇଡ, ଆଲୁମିନିୟମ ଅକ୍ସାଇଡ, ଆଲୁମିନିୟମ ଆର୍ଟିକିଲସ ଏବଂ ଫ୍ଲାଟ ଓ ରୋଲ୍ ପ୍ରଡକ୍ଟ ଆମଦାନି ରପ୍ତାନି ହେଉଛି। ପାରାଦୀପ ରାଜ୍ୟର ଏକ ମାତ୍ର ପ୍ରମୁଖ ବନ୍ଦର। ସାରା ଦେଶରେ ଏହା ୮ମ ବୃହତ୍ ବନ୍ଦର ହୋଇଥିବା ବେଳେ ପୂର୍ବତଟରେ ପ୍ରମୁଖ ବନ୍ଦର। ଦକ୍ଷିଣ ଏସୀୟ ଦେଶ ଭିଏତନାମ, କାମ୍ବୋଡିଆ, ଲାଓସ ଏବଂ ଇଣ୍ଡୋନେସିଆ ଭଳି ସ୍ଥାନଗୁଡିକୁ ଏଠାରୁ ନୌପରିବହନ ଦୃଢ଼ୀକରଣ କରାଯାଇପାରିବ। ୨୦୨୩-୨୪ରେ ପାରାଦୀପ ବନ୍ଦର ୧୪୫.୪ ନିୟୁତ ମେଟ୍ରିକ ଟନ୍ କାର୍ଗୋ ପରିଚାଳନା କରିଛି। ୨୦୧୭-୧୮ ପରଠୁ ଏଥିରେ ବାର୍ଷିକ ୬.୧% ହାରରେ ବୃଦ୍ଧି ହେଉଛି। ୨୦୨୪-୨୫ରେ ୧୦୦ ଦିନରେ ରେକର୍ଡ ୪୧.୧ ନିୟୁତ କାର୍ଗୋ ପରିଚାଳନା କରିବାକୁ ଏହି ବନ୍ଦର ସକ୍ଷମ ହୋଇଥିଲା। ପାରାଦୀପ ବନ୍ଦରରୁ ରପ୍ତାନି ଗତ ୫ ବର୍ଷରେ ୪୩.୬%କୁ ବଢ଼ିଛି। ରାଜ୍ୟର ୩ ପ୍ରମୁଖ ବନ୍ଦର ୨୦୦ ମେଟ୍ରିକ ଟନ୍‌ରୁ ଊର୍ଦ୍ଧ୍ୱ ସାମଗ୍ରୀ ପରିବହନ କରିଛନ୍ତି। ରପ୍ତାନି ଏବଂ କାର୍ଗୋ ପରିଚାଳନା କ୍ଷେତ୍ରରେ କୋଇଲାର ଅଂଶ ସର୍ବାଧିକ ୪୫% ରହିଛି। ୨୦୨୩-୨୪ରେ ଗୋପାଳପୁର ବନ୍ଦର ୧୧.୪ ନିୟୁତ ଟନ୍ କାର୍ଗୋ ପରିଚାଳନା କରିଛି। ଏହି ବନ୍ଦରକୁ ମଲ୍ଟି କାର୍ଗୋ ପରିଚାଳନା ପୋର୍ଟ ଭାବେ ବିକଶିତ କରିବା ସହ ଏହାର କ୍ଷମତାକୁ ୫୦ ନିୟୁତ ଟନ୍‌କୁ ବଢ଼ାଇବା ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ସେହିଭଳି ଏହି ଅବଧିରେ ଧାମରା ପୋର୍ଟ ୪୨.୭ ନିୟୁତ ମେଟ୍ରିକ ଟନ୍ କାର୍ଗୋ ପରିଚାଳନା କରିଛି। ଏହି ବନ୍ଦରର କ୍ଷମତା ୪୫ ନିୟୁତ ଟନ୍ ରହିଛି। ଏନ୍‌୫ ଏବଂ ୬୪ ବାଦ ରାଜ୍ୟରେ ୨୦୨୩ ସୁଦ୍ଧା ୬ ଜାତୀୟ ରାଜପଥ କାର୍ଯ୍ୟକ୍ଷମ ହେବ। ଏହା ଦ୍ୱାରା ନୌପରିବହନ କାର୍ଯ୍ୟକଳାପ ଆହୁରି ଦୃଢ଼ ହେବ ବୋଲି ରିପୋର୍ଟରେ କୁହାଯାଇଛି।

## ବର୍ଷେ ହେଲା ଜଳୁନି ଷ୍ଟ୍ରିଟ ଲାଇଟ୍ ମରାମତି ପାଇଁ ଦାବି



**କନ୍ଧମାଳ,୨।୩ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ୍ ଅନ୍ତର୍ଗତ ଲୁଦରସିଂ ପଞ୍ଚାୟତ ରାଇଗୁଡ଼ା ଗ୍ରାମର ଛକ ନିକଟରେ ଥିବା ଷ୍ଟ୍ରିଟ ଲାଇଟ୍ ଆଜକୁ ପ୍ରାୟ ଏକ ବର୍ଷ ହେବ ଅଚଳ ହୋଇ ପଡ଼ିରହିଛି । ଏହି ବିଷୟରେ ଲାଇନମେନଙ୍କୁ ବାରମ୍ବାର ଅବଗତ କରି ପଞ୍ଚାୟତକୁ ଜଣାଇ ଥିଲେ ମଧ୍ୟ ମରାମତି ପାଇଁ ଆସୁନାହାଁନ୍ତି। ଏହି ଅଞ୍ଚଳ ବଣ ଜଙ୍ଗଲ ଘେରା ଦୁର୍ଗମ ଅଞ୍ଚଳ। ମେନ୍ ରୋଡ଼ ପାଖରେ ଧର୍ମ ମଣ୍ଡପ ଥିବାରୁ ରାତ୍ରୀ ସମୟରେ ମଣ୍ଡପରୁ ଚୋରି ହେବାର ଆଶଙ୍କା ରହିଅଛି। ତେଣୁ ବ୍ଲକ୍ ଓ ଜିଲ୍ଲା ପ୍ରଶାସନ ଏହି ସମସ୍ୟାକୁ ଦୃଷ୍ଟି ଦେଇ ଯଥାଶୀଘ୍ର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଡ୍ରୋନ ସହାୟତାରେ ପ୍ରଥମଥର ସାର ଓ ଔଷଧ ସିଞ୍ଚନ



**କଳିଙ୍ଗନଗର,୨।୩ (ସଂଚାର ବ୍ୟୁରୋ):** ଦାନଗଦୀ ବ୍ଲକରେ ଆଜି ପ୍ରଥମଥର ଡ୍ରୋନ ମେସିନ ସାହାଯ୍ୟରେ ଚାଷଜମିରେ ସାର ଓ ଔଷଧ ସିଞ୍ଚନ ହୋଇଥିବା ଦେଖିବାକୁ ମିଳିଛି। ଦିନକୁ ଦିନ ଆଧୁନିକ ଉପାୟରେ ନୂଆ ଟେକନୋଲୋଜିରେ ଚାଷ ହେଉଛି। କୃଷକମାନେ କମ ପରିଶ୍ରମରେ ଅଳ୍ପ ସମୟରେ ସହଜ ଉପାୟରେ ଚାଷ କରିବା ପାଇଁ ଚେଷ୍ଟା କରୁଛନ୍ତି। ସେହିପରି ଭାବେ ଦାନଗଦି ବ୍ଲକ ରଣାଗୁଣ୍ଡି ପଂଚାୟତର ଦୁର୍ଯ୍ୟୋଧନ ମହାନ୍ତ ଜଣେ ସଫଳ ଚାଷୀ ଭାବେ ଅଞ୍ଚଳରେ ଜଣାଶୁଣା। ତାଙ୍କର ଚାଷ ଜମି ଦୁଇ ଏକର ଲଙ୍କା ଓ ଏକ ଏକର ବାଇଗଣ କ୍ଷେତରେ ଆଜି ପ୍ରଥମ ଥର ପାଇଁ ଡ୍ରୋନ ସାହାଯ୍ୟରେ ସାର ଓ କୀଟ ନାଶକ ଔଷଧ ସିଞ୍ଚନ କରିଥିବା ଦେଖିବାକୁ ମିଳିଥିଲା। ପ୍ରଥମଥର ଦାନଗଦି ବ୍ଲକରେ ଏହା ହୋଇଥିବାରୁ ଚାଷୀ ଭାଇ ମାନଙ୍କ ମଧ୍ୟରେ ଆଗ୍ରହ ଓ ଖୁସି ଦେଖିବାକୁ ମିଳିଥିଲା।

## ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ନୂତନ ଆଇ.ଆଇ.ସିଙ୍କୁ ସମ୍ବର୍ଦ୍ଧନା



**ସାଲେପୁର,୨।୩ (ସଂଚାର ବ୍ୟୁରୋ):** ଆଜି ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ସାଲେପୁର ଆଦର୍ଶ ଥାନାର ପ୍ରଥମ ମହିଳା ଥାନା ଅଧିକାରିଣୀ ଅନିତା ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ କାର୍ଯ୍ୟକାରୀ ସଭାପତି ଶାରଦା ପଣ୍ଡା, ସମ୍ପାଦକ ହୃଷିକେଶ ମଲ୍ଲିକ, ମହାସଚିବ ମନୋଜ କୁମାର ଆଚାର୍ଯ୍ୟ, ସହ ସମ୍ପାଦକ ଅରବିନ୍ଦ ଭୂୟାଁ, କୋଷାଧ୍ୟକ୍ଷ ସୁଧିର ଶତପଥି ଉପସ୍ଥିତ ରହି ଶ୍ରୀମତୀ ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ସାଲେପୁରରେ ଟ୍ରାଫିକ୍ ସମସ୍ୟା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ତାରାକାନ୍ତ ନାୟକ, ପ୍ରତାପ ଚନ୍ଦ୍ର ଭୂୟାଁ, ସୁଜିତ୍ ଭୂୟାଁ, ପ୍ରତ୍ୟୁଷ ମହାନ୍ତି, ଚିତ୍ତରଞ୍ଜନ ମୁଦୁଲି, ଶିଶିର କୁମାର ଦାଶ, ମହେଶ୍ୱର ବେହେରା, ବିରଞ୍ଚିନାରାୟଣ କର, ଅମୀୟ କୁମାର ବିଶ୍ୱାଳ, ଅଜୟ କୁମାର ସାହୁ, ଦିଲ୍ଲୀପ କୁମାର ବରାଳ, କେଦାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କାହା ପାଇଁ ସାମାଜିକ ସମୀକ୍ଷା ଓ ଜନ ଶୁଣାଣି ଶିବିର



**ଖପ୍ରାଖୋଲ,୨।୩ (ସଂଚାର ବ୍ୟୁରୋ):** ଖପ୍ରାଖୋଲ ବ୍ଲକର ସଭାଗୃହରେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର ଥିବା ବେଳେ ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ ଉପସ୍ଥିତ ରହିଥିଲେ। ପଞ୍ଚାୟତ ମାନଙ୍କରେ ମନରେଗା ଯୋଜନା ଖର୍ଚ୍ଚ କରାଯାଇଥିବା କଥା ପିଇଓମାନେ କହିଥିଲେ, ବନ ବିଭାଗ ତରଫରୁ ମଧ୍ୟ ଖର୍ଚ୍ଚ ଉପରେ ଅବଗତ କରିଥିଲେ । ହେଲେ ଯେଉଁ ମାନଙ୍କ ପାଇଁ ଶିବିରର ଆୟୋଜନ ସେମାନଙ୍କ ମଧ୍ୟରୁ ୩ ଜଣ ସରପଞ୍ଚ ଓ ୬ ଜଣ ଶ୍ରମିକ ଉପସ୍ଥିତ ରହିଥିଲେ। ଛଅ ମାସରେ ସର୍ବମୋଟ ୧୦ କୋଟିରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ ହୋଇଥିବା ଜଣା ପଡିଥିଲା କେବଳ ଛଅ ଜଣ ଶ୍ରମିକ, ଜଣେ ସରପଞ୍ଚ ଓ ଜଣେ ସମିତି ମେମ୍ବର ଛାଡି ଅନ୍ୟ କେହି ଯୋଗଦେଇ ନଥିଲେ। ସରକାରୀ ବାବୁ ଓ କର୍ମଚାରୀ ଯନ୍ତ୍ରୀ ମାନେ ସମୀକ୍ଷା କରି ୧୦ କୋଟି ସାରି ଦେଲେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଥିବା ଜଣାପଡିଛି।

### ରାସ୍ତା ନିର୍ମାଣରେ ଦୁର୍ନୀତି

# ସୂଚନା ଫଳକରେ ନାହିଁ ଅଟକଳ ମୂଲ୍ୟ



**କଳାହାଣ୍ଡି,୨।୩ (ସଂଚାର ବ୍ୟୁରୋ):** ସରକାରୀସ୍ତରରେ ବିଭିନ୍ନ ଉନ୍ନୟନମୂଳକ କାମ ହେଉ କି ପ୍ରକଳ୍ପ କାମ ଆରମ୍ଭପୂର୍ବରୁ ଜନସାଧାରଣଙ୍କ ଅବଗତି ପାଇଁ ସୂଚନା ଫଳକ ଲାଗିବା ନିୟମ ରହିଛି। ହେଲେ କଳାହାଣ୍ଡି ଜିଲା ମ.ରାମପୁର ବ୍ଲକର କିଛି ଉନ୍ନୟନମୂଳକ କାମରେ ସୂଚନା ଫଳକ ଲଗାଯାଇନଥିବା ଦେଖିବାକୁ ମିଳୁଛି। ମ.ରାମପୁର ବ୍ଲକ ଅନ୍ତର୍ଗତ ଡ଼ମ କର୍ଲାଖୁଣ୍ଟା ପଞ୍ଚାୟତ ପାଜିବାହାଲି ଗାଁରେ ରାସ୍ତା ନିର୍ମାଣ ଶେଷ ହୋଇଥିଲେ ହେଁ ଫଳକ ଲାଗିଛି ମାତ୍ର ସୂଚନା ନଥିବା ଅଭିଯୋଗ ହୋଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ପାଜିବାହାଲି ଗାଁରେ ଗତ ଜାନୁଆରୀ ମାସରେ ଏକ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲା । ମାସେରୁ ଉର୍ଦ୍ଧ୍ୱ ହେଲାଣି ଏହି କାମ କେଉଁ ଯୋଜନାରେ, ପଞ୍ଚାୟତ ଅଧୀନରେ କି ପଞ୍ଚାୟତ ସମିତି ଅଧିନରେ ଓ କେତେ ଟଙ୍କା ବ୍ୟୟ ଅଟକଳରେ ହୋଇଛି ତାହା ସ୍ଥାନୀୟ ଲୋକେ ଜାଣି ନାହାନ୍ତି। କାହିଁକି ନା ସେଠାରେ ଲାଗିଥିବା ସୂଚନା ଫଳକରେ କିଛି ବି ଲେଖା ଯାଇନାହିଁ। ଲୋକେ ରାସ୍ତା ନିର୍ମାଣ କାମ ବିଷୟରେ କିଛି ଜାଣି ପାରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ବିଭାଗୀୟ ଯନ୍ତ୍ରୀଙ୍କୁ ଗ୍ରାମବାସୀ ବାରମ୍ବାର ଏ ସମ୍ପର୍କରେ ପଚାରିଲେ ସୁଦ୍ଧା କୌଣସି ଉତ୍ତର ମିଳୁନଥିବା ପ୍ରକାଶ କରିଛନ୍ତି। ଦାୟିତ୍ୱରେ ଥିବା ଯନ୍ତ୍ରୀ ଦିଲ୍ଲୀପ ପତ୍ତିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ହୋଇ ପାରିନି। ବିଭାଗୀୟ ସହକାରୀ ଯନ୍ତ୍ରୀ ବଲବିନ୍ଦର ସିଂ ଯାଦବଙ୍କୁ ପଚାରିବାରୁ ଘଟଣା ସଂପର୍କରେ ବୁଝିବି ବୋଲି ଉତ୍ତରରେ କହିଥିଲେ । ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।



## ବଡ଼ଓରା ଗ୍ରାମବାସୀ ପାନୀୟ ଜଳ ପାଇଁ ଡହଳବିକଳ

**କଣାସ,୨।୩ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା ପାନୀୟ ଜଳ ସମସ୍ୟା ଲାଗିରହିଥିବାରୁ ଗ୍ରାମ୍ୟଜଳ ଯୋଗାଣ ବିଭାଗ ପକ୍ଷରୁ କେତୋଟି ନଦୀରେ ପାଇପ ଜଳ ଯୋଗାଣ ପ୍ରକଳ୍ପ ବସାଯାଇ ହାତଗଣତି କେତୋଟି ଗ୍ରାମକୁ ଜଳ ଯୋଗାଣ ଚାଲିଛି। ସାହାସପୁର ଗ୍ରାମଠାରେ ମକରା ନଦୀରେ ପାଇପଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇ ସାହସପୁର, କଉଡିଖିଣି, ସାନଓରା ଓ ବଡଓରା ଗ୍ରାମକୁ ପାଇପ ମାଧ୍ୟମରେ ଜଳ ଯୋଗାଣ ଚାଲିଥିବାବେଳେ ଅନେକ ବ୍ୟକ୍ତି ନିଜ ନିଜର ବଗିଚାମାନଙ୍କୁ ପାନୀୟ ଜଳ ପ୍ରକଳ୍ପ ପାଇପ ମଧ୍ୟରୁ କନେକ୍ସନ କରି ପାଣି ମଡାଉଥିବାରୁ ବଡଓରା, କଉଡିଖିଣି ଓ ସାନଓରା ଗ୍ରାମକୁ ପ୍ରେସର ପାଉନଥିବାରୁ ପାଇପଜଳ ପହଁଚି ପାରୁନାହିଁ। ଯାହାଫଳରେ ଗ୍ରାମବାସୀମାନେ ବଡଓରା, କଉଡିଖିଣି ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ବେଆଇନ ଭାବେ ପାଇପଜଳ ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦୁଇ ଗ୍ରାମବାସୀ ଦାବୀ କରିଛନ୍ତି।

## ମାଓ ଅଧ୍ୟୁଷିତ ଅଞ୍ଚଳରେ ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର



**ଖପ୍ରାଖୋଲ,୨।୩ (ସଂଚାର ବ୍ୟୁରୋ):** ମାଓ ଅଧ୍ୟୁଷିତ ଅଞ୍ଚଳରେ ଜନସାଧାରଣ ପୋଲିସର ବିଶ୍ୱାସ ଭାଜନ ହେବା ସହିତ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ପାଇଁ ଖପ୍ରାଖୋଲ ପୋଲିସ ପକ୍ଷରୁ ଖପ୍ରାଖୋଲ ବ୍ଲକ ତେଲେନପାଳି ପଞ୍ଚାୟତ ଯମୁନାପାଳି ଗ୍ରାମର ଖେଳପଡିଆ ରେ ଥାନା ଅଧିକାରୀ ନରେନ୍ଦ୍ର ଛତରଙ୍କ ନେତୃତ୍ୱରେ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା। ସେହିପରି ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ୫୦ଜଣ ଛାତ୍ରଛାତ୍ରୀ ମାନଙ୍କୁ କ୍ରିକେଟ ଖେଳ ସାମଗ୍ରୀ ପ୍ରଦାନ କରିଥିବା ବେଳେ ଏହି ଅବସରରେ ୭୦୦ରୁ ଅଧିକ ବୃଦ୍ଧା ବୃଦ୍ଧ ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହି ଶିବିରରେ ପାଟଣାଗଡ ଏସଡ଼ିପିଓ ସଦାନନ୍ଦ ପୂଜାରୀ, ସିଆରପିଏଫ ଏ/ସି ରଙ୍ଗନିଧି ଜାନି, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତ ରାୟ, ଲାଠୋର ଥାନା ଅଧିକାରୀ ରାକେଶ ବେହେରା ଯୋଗଦେଇ ଦେଇଥିଲେ। ତେଲେନପାଳି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମ ରୁ ଲୋକେ ପହଂଚି ହାତ ପାହାନ୍ତା ରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ପାଇଥିବାରୁ ପୋଲିସ ପ୍ରାଶାସନଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ୮ ଟି ଦଳ ମଧ୍ୟରେ ଏକ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା ।

### ରାସ୍ତା ପାଲଟିଛି ମରଣଯନ୍ତା

## ଖଟିଆରେ ବୁହା ହେଉଛନ୍ତି ରୋଗୀ ଓ ଗର୍ଭବତୀ



**କନ୍ଧମାଳ,୨।୩ (ସଂଚାର ବ୍ୟୁରୋ):** ଗାଁକୁ ପକ୍କା ରାସ୍ତା ନିର୍ମାଣ ହେଇନି ପ୍ରତି ବର୍ଷ ପ୍ରଶାସନ ତରଫରୁ ରାସ୍ତାରେ ମାଟି ଓ ମୋରମ୍ ପକାଇ ସମତଳ କରାଯାଉଛି ହେଲେ ବର୍ଷା ଦିନ ଆସିଲେ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇଯାଉଛି। ତେଣୁ ଗାଁକୁ ଆମ୍ବୁଲାନ୍ସ ଆସିବା କଷ୍ଟ ସାଧ୍ୟ ହୋଇପଡୁଛି। ଏହି ସମୟରେ ରୋଗୀ ଏବଂ ଗର୍ଭବତୀଙ୍କୁ ଖଟିଆରେ ବହି ନେବା ପରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନଥିବାରୁ ଅଭିଶପ୍ତ ଜୀବନ ବିତାଉଛନ୍ତି କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ଆଡ଼ିମାହା ପଞ୍ଚାୟତ ଗଡ଼ିପଦର ଟହଟକୁପଡ଼ା ଗ୍ରାମବାସୀ।

ଏହି ଗ୍ରାମରେ ଆଦିବାସୀ ସଂପ୍ରଦାୟ ୪୫ପରିବାର ବସବାସ କରନ୍ତି। ସମସ୍ତେ କୁଲି କାମ ଦିନ ମଜୁରିଆ କାମ କରି ପରିବାର ପ୍ରତିପୋଷଣ କରନ୍ତି। କିନ୍ତୁ ଏହି ଗାଁକୁ ଆଜି ପର୍ଯ୍ୟନ୍ତ ଅଡ଼ିମାହା ପଞ୍ଚାୟତ କାର୍ଯ୍ୟାଳୟ ଠାରୁ କିଲୋମିଟର ୩ ରୁ ୪କିଲୋମିଟର ଗଡ଼ିପଦର ଓ ଟହଟକୁପଡ଼ାକୁ ଭଲ ପକା ରାସ୍ତାଟିଏ ନିର୍ମାଣ ହୋଇପାରି ନାହିଁ। ଏ ନେଇ ବାରମ୍ବାର ଅଭିଯୋଗ କଲେ ପଞ୍ଚାୟତ ତରଫରୁ ମନରେଗା ମାଧ୍ୟମରେ ରାସ୍ତା ମାଟି ପକାଇ ଦିଆ ଯାଇଛି। ଫଳରେ ବର୍ଷା ହେଲେ ଯୋଉ କଦର୍ଯ୍ୟକୁ ସେଇ କଦର୍ଯ୍ୟ ଅବସ୍ଥାକୁ ଚାଲିଆସିଥାଏ। ଅନ୍ୟପଟେ ଖାଲଖମା ରାସ୍ତା ଦେଇ ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁନଥିବାରୁ ଗର୍ଭବତୀ ମହିଳା ତଥା ଗୁରୁତର ରୋଗୀଙ୍କୁ ପାଖାପାଖି ୩କିଲୋମିଟରରୁ ୪ କିଲୋମିଟର ଖଟିଆରେ ବୋହି ନେବା ପରେ ଆମ୍ବୁଲାନ୍ସରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥାଏ। ପଥୁରିଆ ଓ ଖାଲଖମା ରାସ୍ତା ଯୋଗୁଁ ଆଡ଼ିମାହା ପଞ୍ଚାୟତ କାର୍ଯ୍ୟାଳୟରୁ ପିଡିଏସ୍ ଓ ଭତ୍ତା ଆଣିବା ସମୟରେ ହିତାଧିକାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଗଡ଼ିପଦର ଟହଟକୁପଡ଼ା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ରାଜ୍ୟସ୍ତରୀୟ ବିବେକାନନ୍ଦ ମେଧାବୃତ୍ତି ପରୀକ୍ଷା

## ସଫଳତାର ଶୀର୍ଷରେ ତୁରିନ୍ତିରା ବିବେକାନନ୍ଦ ଶିକ୍ଷାକେନ୍ଦ୍ର



**ବାଲିପାଟଣା,୨।୩ (ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ତୁରିନ୍ତିରା ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ ରାଜ୍ୟ ସ୍ତରୀୟ ବିବେକାନନ୍ଦ ମେଧା ଅନ୍ୱେଷଣ ପରୀକ୍ଷାରେ ସର୍ବାଧିକ ସଫଳତା ହାସଲ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ ଦ୍ୱାରା ଚଳିତ ଶିକ୍ଷାବର୍ଷ ପାଇଁ ଅନୁଷ୍ଠିତ ଏହି ପରୀକ୍ଷାରେ ତୁରିନ୍ତିରା ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପିଲାମାନେ ରାଜ୍ୟରେ ସର୍ବାଧିକ ସଫଳତା ହାସଲ କରିବାରେ ସକ୍ଷମ ହୋଇଛନ୍ତି । ଏହି ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅଖିଳ ଭାରତୀୟ ଶିକ୍ଷାସଂସ୍ଥାନର ରାଜ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଜଗନ୍ନାଥ ନଗର ଠାରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଟ୍ରଷ୍ଟର ଚେୟାରମ୍ୟାନ ଶ୍ରୀଯୁକ୍ତ ବୈରାଗୀ ଚରଣ ନାୟକ ପ୍ରକାଶ କରିଛନ୍ତି । ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବିଦ୍ୟାଳୟ ର ସମସ୍ତ ଗୁରୁଜୀ ଗୁରୁମାମାନେ ଏହି ପିଲାମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

### ବ୍ଲକସ୍ତରୀୟ କିଶୋରୀ-କିଶୋର ସମାବେଶ

# କିଶୋରୀ ସଶକ୍ତ ହେଲେ ନାରୀଶକ୍ତି ସକ୍ରିୟ ହେବ



**କାକଟପୁର/ଅସ୍ତରଙ୍ଗ,୨।୩ (ସଂଚାର ବ୍ୟୁରୋ):** ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ଆନ୍ତଜାତୀୟ ମହିଳା ଦିବସ -୨୦୨୫ଉପଲକ୍ଷେ ଅଦ୍ୱିକା କାର୍ଯ୍ୟକ୍ରମ ବ୍ଲକ ସ୍ତରୀୟ କିଶୋରୀ-କିଶୋର ସମାବେଶ ପୁରୀ ଜିଲ୍ଲା ଅସ୍ତରଙ୍ଗ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା ଯୋଗଦେଇ କହିଛନ୍ତି କିଶୋର ବୟସରେ ସୁଯୋଗ ମିଳିଲେ କିଶୋର -କିଶୋରୀଙ୍କ ପ୍ରତିଭା ଓ ଦକ୍ଷତାର ବିକାଶ ହୋଇପାରିବ ଓ ସେମାନଙ୍କ ଭବିଷ୍ୟତ ସହ ସମାଜ ବି ସୁଦୃଢ ହୋଇପାରିବ।

ଅନ୍ୟତମ ଅତିଥି ଅସ୍ତରଙ୍ଗ ମଣ୍ଡଳ ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ (ସିଡିପିଓ ) ମମତା ନାୟକ କହିଛନ୍ତି ସମସ୍ତ କିଶୋର -କିଶୋରୀ ଜଣେ ଅଦ୍ୱିକା ଲିଡର। ନିଜ ଦକ୍ଷତା ବିକାଶର ନେତୃତ୍ୱ ନେବା ସହ ବାଲ୍ୟ ବିବାହ ଭଳି ସାମାଜିକ ବ୍ୟାଧିକୁ ଦୃଢ଼ ବିରୋଧ କରିବା ପାଇଁ ସେ ପିଲାମାନଙ୍କୁ ପ୍ରେରଣା ଦେଇଥିଲେ। କିଶୋରୀ ମାନେ ସଶକ୍ତ ହେଲେ ନାରୀ ଶକ୍ତି ସକ୍ରିୟ ହେବ। ଏହି ଅବସରରେ ନୋଡାଲ ବିଦ୍ୟାଳୟର ଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଓଡ଼ିଆ ରଚନା, କୁଇଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚିତ୍ରାଙ୍କନରେ ପ୍ରଥମ ସାଇ ପ୍ରଜ୍ଞାନ ପାଲ, ଓଡ଼ିଆ ରଚନା ପ୍ରଥମ ଶିବାନୀ ବସ୍ତିଆ, କୁଇଜି ପ୍ରତିଯୋଗୀତାରେ ପ୍ରଥମ ଆଦ୍ୟାଶା ବେହେରା, ଦ୍ୱିତୀୟ ବିଷ୍ଣୁପ୍ରିୟା ସ୍ୱାଇଁ, ତୃତୀୟ ସୁଶ୍ରୀ ଶୁଭଦର୍ଶନୀ ମଲ୍ଲ ହୋଇଥିଲେ। ସେହିଭଳି ଅସ୍ତରଙ୍ଗ ବ୍ଲକର ସମସ୍ତ ଅଙ୍ଗନବାଡି କର୍ମୀ, ସହାୟିକା ମାନଙ୍କ ମଧ୍ୟରେ କବାଡି, ଦୌଡ଼ି ଟାଣିବା ପ୍ରତିଯୋଗିତା, ଝୋଟି ଓ ଗୀତ ଗାଇବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କବାଡି ଓ ଦୌଡ଼ି ଟାଣିବା ପ୍ରତିଯୋଗିତାରେ ବିଷ୍ଣୁପ୍ରିୟା ବରାଳ, ସୁଚିତ୍ରା ବେହେରା, ଦୀପ୍ତିମୟୀ ମହାନ୍ତି, ପ୍ରତିମା ବସ୍ତିଆ, ବିଦୁଲତା ନାୟକ ପ୍ରଥମସ୍ଥାନ ଅଧିକାର କରିଥିବା ବେଳେ ଝୋଟିରେ ପ୍ରଥମ ବିଦୁଲତା ନାୟକ, ଦ୍ୱିତୀୟ ଅନୁରାଧା ସ୍ୱାଇଁ, ତୃତୀୟ ବେବି ନାୟକ ଓ ଗୀତଗାଇବାରେ ପ୍ରଥମ ଗୀତାଲତା ରଥ, ଦ୍ୱିତୀୟ ଜୟନ୍ତୀ ବେହେରା ଓ ତୃତୀୟ ବିଷ୍ଣୁପ୍ରିୟା ବରାଳ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ପରିଦର୍ଶିକା ଲକ୍ଷ୍ମୀନାୟକ ଅତିଥି ଭାବେ ଯୋଗଦେଇ ମହିଳା ଓ ଶିଶୁବିକାଶର ଏହି ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ବ୍ଲକସ୍ତରୀୟ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ ସହ ଆସନ୍ତା ୫ତାରିଖରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ମିଳିଛି।

## ଫଳକ ମାରି ଟଙ୍କା ଲୁଟ୍, ଗୋଟେ ବି ଗଛ ନାହିଁ




**କଳିଙ୍ଗନଗର,୨।୩ (ସଂଚାର ବ୍ୟୁରୋ):** ସୁକିନ୍ଦା ବ୍ଲକ ସାରଙ୍ଗପୁର ଗ୍ରାମ ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବୃକ୍ଷରୋପଣ ନାଁରେ ଖାଲି ଫଳକ ମାରି ଟଙ୍କା ଲୁଟ ହୋଇଥିବାର ଦେଖିବାକୁ ମିଳିଛି। ଅଭିଯୋଗ ଅନୁସାରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ସାରଙ୍ଗପୁର ପଞ୍ଚାୟତଟି ବ୍ଲକର ସବୁଠାରୁ ଛୋଟ ପଞ୍ଚାୟତ। ଦୁଇଟା ଗାଁ ଖୁରୁଣ୍ଟି ଓ ସାରଙ୍ଗପୁରକୁ ନେଇ ଗଠିତ। ବିଗତ ଦିନରେ ପଞ୍ଚାୟତଟିକୁ ଆସିଥିବା ପ୍ରର୍ଯ୍ୟାପ୍ତ ପରିମାଣରେ ସରକାରୀ ଅନୁଦାନରେ ଦୁର୍ନୀତିମୁକ୍ତ ହୋଇ ବହୁତ ଭଲ କାମ ହେବା କଥା, କିନ୍ତୁ ଦୁର୍ଭାଗ୍ୟର କଥା ଏହି ପଞ୍ଚାୟତର ଖୁରୁଣ୍ଟି ଗାଁରେ ଥିବା ମା ମଙ୍ଗଳା ପୀଠ ପରିସରରେ ବୃକ୍ଷ ରୋପଣ ନାଁରେ ହରିଲୁଟ ହୋଇଥିବାର ଫଳକକୁ ଦେଖିଲେ ଜାଣି ହେଉଛି। ଏହି ମଙ୍ଗଳା ପୀଠ ପରିସରରେ ୨୦୨୩ ମସିହାରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବୃକ୍ଷ ରୋପଣ ହୋଇଥିବା ବେଳେ ଏକ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। କିନ୍ତୁ ଏହି ପୀଠ ପରିସରରେ ଗୋଟିଏ ମଧ୍ୟ ଗଛ ଲଗାଯାଇଥିବାର ଚିହ୍ନବର୍ଣ୍ଣ ନାହିଁ। କଣ ଖାଲି ଫଳକ ମାରି କାମ ସାରିଦେଇଛି ଗ୍ରାମ ପଞ୍ଚାୟତ? ଯଦି ଭାତ ହାଣ୍ଡିରୁ ଭାତ ଚିପିଲା ପରି ଏ ତ ଗୋଟେ ମାତ୍ର ଉଦାହରଣ। ବିଗତ ସରକାରଙ୍କ ଅମଳରେ ଏପରି ଦୁର୍ନୀତି ବ୍ଲକ ଓ ପଂଚାୟତ ସାରା କେତେ ହୋଇଥିବ ତାର ଉପଯୁକ୍ତ ତଦନ୍ତ ହେଲେ ଜଣା ପଡିବ?

# ଅଲେଖା ସୂଚନା ଫଳକରେ ହେଉଛି ନିମ୍ନମାନର ଡ୍ୟାମ କାମ



**କଳିଙ୍ଗନଗର,୨।୩ (ସଂଚାର ବ୍ୟୁରୋ):** ଦାନଗଦୀ ବ୍ଲକ ଅନ୍ତର୍ଗତ ମାନତୀରା ପଞ୍ଚାୟତର ଡାକରାପଦା ଠାରେ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ସ୍ଥାନୀୟ ଚାଷୀମାନଙ୍କ ପାଇଁ ଏକ ଡ୍ୟାମ ନିର୍ମାଣ କାମ ଚାଲୁଅଛି। ବଡ଼ଶୁଳିଡିହରୁ ବାହାରିଥିବା ଏହି ଚିରସ୍ରୋତା ନାଳଟି କଚେରୀ ଗାଁ, ବରପାଳ ଦେଇ ଦଶ ମାଣିଆ ଚୁଳିଆସାହି ନିକଟରେ ରାସ୍ତା ଅତିକ୍ରମ କରି କୁମ୍ଭୀରଗଡିଆ ଦେଇ ପ୍ରବାହିତ ହେଉଛି। ଏହି ଅଞ୍ଚଳ ନାଳ କୂଳରେ ଥିବା ଚାଷୀମାନଙ୍କର ବାରମାସୀ ଚାଷ ପାଇଁ ପାଣିର ବ୍ୟବସ୍ଥା ପାଇଁ ଡାକରାପଦା ଠାରେ ଏକ ଡ୍ୟାମ ନିର୍ମାଣ ଚାଲୁଛି। ପାଖାପାଖି କୋଟିଏ ଟଙ୍କାର ବ୍ୟୟ ବରାଦ ଥିବା ଏହି ଡ୍ୟାମ କାମରେ ନିମ୍ନମାନର ଲୁହାଛଡ଼ ବ୍ୟବହାର ହେଉଥିବା ବେଳେ, ନିମ୍ନମାନର ସିମେଣ୍ଟ ଓ ବାଲି ମସଲା ଭାଗ ଠିକାଦାର ମନମୁଖୀ ଭାବେ କରୁଛନ୍ତି। ଏହି ପ୍ରକଳ୍ପ ପାଇଁ ଜଳସେଚନ ବିଭାଗ ତରଫରୁ କି କାମ ହେବ, କଣ କଣ ହେବ ତାର କିଛି ସୂଚନା ନାହିଁ, ଖାଲି ଏକ ଅଲେଖା ଫଳକ ଅଛି।

ବର୍ଷାଦିନେ ବୋହି ଯାଉଥିବା ଜଳକୁ ସଂରକ୍ଷଣ ପାଇଁ ଚାଷ ଜମିରେ ନାଳ ଉପରେ ଡ୍ୟାମ ନିର୍ମାଣ ହେଉଥିବାରୁ ଆଖପାଖରେ ଥିବା ଚାଷୀ ଉପକୃତ ହେବେ କିନ୍ତୁ କିଛି ସୂଚନା ଫଳକରେ ଲେଖା ନ ଥିବାରୁ ଚାଷୀମାନେ କୁହନ୍ତି ଏଠାରେ ଏକ ବଡ଼ ବନ୍ଧ ହେବ ଦୁଇଟା ବଡ଼ କବାଟ ଲାଗିବ ଓ ଜଳ ସଂରକ୍ଷଣ ହେବ। ଦୁର୍ଭାଗ୍ୟର କଥା ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବାର ସୁଯୋଗ ନେଇ ଠିକାଦାର ନିମ୍ନମାନର କାମ କରୁଛନ୍ତି। ଯାହା ଫଳରେ ଏହି ଡ୍ୟାମର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିଛି। ଚାଷୀମାନଙ୍କ ମନରେ ଶଙ୍କା ଯେ ଅଳ୍ପ ଦିନରେ ଏହି ବନ୍ଧ ଭାଙ୍ଗିଯିବ।

ଏ ବିଷୟରେ ଏହି ବିଭାଗର କାମ ତଦାରଖ କରୁଥିବା ମହାଶୟାଙ୍କୁ ପଚାରିବାରୁ ସେ କୁହନ୍ତି କାମ ତ ଠିକ ଚାଲିଛି, କାହିଁକି ଲୁହାଛଡ଼ କମ ମୋଟାର ଦିଆ ଯାଉଛି, ଆଉ ହାତରେ ଲିପିଲା ପରି ପ୍ଲାଷ୍ଟର ହୋଇଛି ତାହା ମୁଁ ଠିକାଦାରଙ୍କୁ ପଚାରିବି। ସୂଚନା ଫଳକ ନାହିଁ। ତିନି ମାସରୁ ଉର୍ଦ୍ଧ୍ୱ ହେଲାଣି କାମ ଚାଲିଛି ପଚାରିବାରୁ ସେ କହିଲେ କାଲି ଭିତରେ ଲେଖା ହୋଇଯିବ। ଆଶ୍ଚର୍ଯ୍ୟ ଲାଗୁଛି ଚାଷୀମାନଙ୍କ ଜମିକୁ ଜଳସେଚନ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କାମ ଆରମ୍ଭରୁ ଫଳକ ନ ମାରି ଦୁର୍ନୀତି କରିବା କେତେ ସମିଚୀନ? ଅଞ୍ଚଳବାସୀଙ୍କର ଅଭିଯୋଗ ନିମ୍ନମାନର କାମ ଠିକାଦାର କରୁଥିବା ବେଳେ ଜଳସେଚନ ବିଭାଗର ଯନ୍ତ୍ରୀ କାର୍ଯ୍ୟସ୍ଥଳକୁ କାଁଭାଁ ଆସି ପରୋକ୍ଷରେ ଠିକାଦାରକୁ ସୁହାଇଲା ପରି ଦେଖି ନ ଦେଖିଲା ପରି ରହୁଛନ୍ତି? ତେଣୁ ଜିଲ୍ଲା ପ୍ରଶାସନ ଏପରି କାମ ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

## ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ




**ସୁନ୍ଦରଗଡ଼,୨।୩ (ସଂଚାର ବ୍ୟୁରୋ):** ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ଶନିବାର ଜିଲ୍ଲାପାଳ ମନୋଜ ମହାଜନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ମହାଜନ ଅଂଶୁଘାତର ମୁକାବିଲା ସହିତ ଜଳ ସମସ୍ୟାର ସମାଧାନ ଦିଗରେ ବିଶେଷ ଧ୍ୟାନ ଦିଆଯିବାକୁ ଗୁରୁତ୍ୱାରୋପ କରିଥିଲେ। ସମସ୍ତ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ ଗୁଡ଼ିକ କାର୍ଯ୍ୟକାରୀ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସଠିକ୍ ସୂଚନା ପ୍ରଦାନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। କୌଣସି ଅପାତକାଳୀନ ପରିସ୍ଥିତି ଉପୁଜିଲେ ତୁରନ୍ତ ଉପରୋକ୍ତ ଅଧିକାରୀଙ୍କୁ ଅବଗତ କରିବା ସହିତ ଜିଲ୍ଲା କାର୍ଯ୍ୟାଳୟକୁ ମଧ୍ୟ ଜଣେଇବାକୁ କହିଥିଲେ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ୱାଟକୋ ଏବଂ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌରପାଳିକାର ନିର୍ବାହୀ ଅଧିକାରୀମାନଙ୍କୁ ନିଜ ନିଜ ଅଞ୍ଚଳରେ ଜଳ ସମସ୍ୟା ଦୁରୀକରଣ ନିମନ୍ତେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଶ୍ରୀ ମହାଜନ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ଜଳ ସମସ୍ୟା ଥିବା ଅଞ୍ଚଳ ଗୁଡିକ ଶୀଘ୍ର ଚିହ୍ନଟ କରାଯାଇ ଜଳ ଯୋଗାଇଦେବା ଏବଂ ପ୍ରମୁଖ ସ୍ଥାନ ମାନଙ୍କରେ ଜଳଛତ୍ରମାନ ଖୋଲାଯିବା ସହିତ ଜଙ୍ଗଲ ନିଆଁ ପ୍ରତି ବିଶେଷ ଧ୍ୟାନ ଦେବା ତଥା ପ୍ରାଣୀ ଓ ପକ୍ଷୀଙ୍କ ନିମନ୍ତେ କିଭଳି ଯତ୍ନ ନିଆଯିବ ତାହା ନେଇ ସଚେତନତା ସୃଷ୍ଟି କରିବା ଆଦି ନେଇ ବୈଠକରେ ଆଲୋଚନା କରାଯାଇଥିଲା ।

ସେହିପରି ଅଂଶୁଘାତର ମୁକାବିଲା ନିମନ୍ତେ ସମସ୍ତ ଡାକ୍ତରଖାନା ମାନଙ୍କରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା, ଅଂଶୁଘାତ ୱାର୍ଡ ପ୍ରସ୍ତୁତ ରଖିବା, ଆବଶ୍ୟକୀୟ ପରିମାଣରେ ଓଆରଏସ୍ ପ୍ୟାକେଟ, ଆବଶ୍ୟକୀୟ ଔଷଧ ମହଜୁଦ ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୁହାଯାଇଥିଲା। କଣ୍ଟ୍ରୋଲ ରୁମ ମଧ୍ୟ କାର୍ଯ୍ୟକାରୀ ହେଉଥିବା ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅବଗତ କରିଥିଲେ। ସେହିପରି ସକାଳୁଆ ସ୍କୁଲ ଓ ସକାଳୁଆ ଅଙ୍ଗନୱାଡ଼ି ବିଷୟରେ ଆଲୋଚନା କରାଯାଇଥିଲା। ଅଂଶୁଘାତରୁ ବର୍ତ୍ତିବା ପାଇଁ ଶ୍ରମିକ ମାନେ ଯେପରି ଅତ୍ୟଧିକ ଖରା ସମୟରେ କାମ ନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।